ଅପହୃତ ଟାକ୍ସି ଡ୍ରାଇଭର ଖୋର୍ଦ୍ଧା ବାଣପୁର ଥାନା ଅରାଙ୍ଗ ଗ୍ରାମର ବିଦ୍ୟାଧର ସାହୁ (୩୨)ଙ୍କ ମୃତ୍ୟୁ ଘଟଣାରେ କମିଶନରେଟ୍ ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଚାକିରି ପାଇବାକୁ ଟଙ୍କା ଦେଇ ଠକେଇର ଶିକାର ହୋଇଥିବା ପୀଡ଼ିତମାନେ ଏବେ ଅଭିଯୁକ୍ତ ପାଲଟିଛନ୍ତି। ଯାଜପୁର ରୋଡ୍‌ରେ ଅପହର୍ତ୍ତାଙ୍କ ହେପାଜତରେ ବିଦ୍ୟାଧର ଆତ୍ମହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଭୁବନେଶ୍ୱର ଆଣି ଫିଙ୍ଗିଦିଆଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ଏନ୍. ଦିଲୀପ କୁମାର (୩୭), ରମେଶ ଚନ୍ଦ୍ର ବେହେରା (୫୬), ଗୁରାଣ୍ଡି ଅଞ୍ଚଳର ଦୀପକ କୁମାର ସାହୁକାର (୩୦) ଓ ରବୀନ୍ଦ୍ର ବେହେରା (୫୦)ଙ୍କୁ ପୋଲିସ ଗିରଫ କରିଛି। ସୋମବାର ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀ କରି ଠକେଇ ଓ ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାର ପୂରା ରହସ୍ୟ ବଖାଣିଛନ୍ତି। ତେବେ ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ପୋଲିସ ୪ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ଠକେଇର ମାଷ୍ଟରମାଇଣ୍ଡ୍ ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆଙ୍କ ପତ୍ତା ପାଇପାରି ନାହିଁ। ମାତ୍ର ଆଗକୁ ଗିରଫଦାରି ସଂଖ୍ୟା ବଢ଼ିବ ବୋଲି କମିଶନର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ବଡ଼ଗଡ଼ ଥାନା ପକ୍ଷରୁ କୋର୍ଟ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବିଦ୍ୟାଧରଙ୍କ ବ୍ୟାଗ୍‌ରୁ ମିଳିଥିବା ବହୁ ରବର ଷ୍ଟାମ୍ପ, ଷ୍ଟାମ୍ପ ପ୍ୟାଡ୍ ଓ ସାର୍ଟିଫିକେଟ୍ ଆଦି ଜବତ କରି ପୋଲିସ ତଦନ୍ତ କରୁଛି। ଅପହରଣ, ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା, ପ୍ରମାଣ ନଷ୍ଟ ଆଦି ଦଫାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଛି।

## ଅପହରଣରୁ ଆତ୍ମହତ୍ୟା

ଅପହରଣରୁ ଆତ୍ମହତ୍ୟା ଓ ପରେ ମୃତଦେହ ଫିଙ୍ଗିବା ପର୍ଯ୍ୟନ୍ତ ୬ଦିନର ଘଟଣାବଳୀକୁ ନେଇ ହୋଇଥିବା ତଦନ୍ତରୁ ପୋଲିସ ବହୁ ତଥ୍ୟ ପାଇଛି। ବିଦ୍ୟାଧରଙ୍କୁ ଟଙ୍କା ଦେଇଥିବା ଗଜପତି ଜିଲାର ଅଭିଯୁକ୍ତମାନଙ୍କ ସମେତ ଅନ୍ୟ କେତେଜଣ ସେପ୍ଟେମ୍ବର ୧୫ ସୋମବାର ଭୁବନେଶ୍ୱର ଆସିଥିଲେ। ବାଲେଶ୍ୱର ଓ ଯାଜପୁର ଅଞ୍ଚଳରୁ ମଧ୍ୟ କେତେଜଣ ପହଞ୍ଚିଥିଲେ। ଆଶାୟୀମାନେ ଭଞ୍ଜକଳା ମଣ୍ଡପ ନିକଟ ରାସ୍ତାରେ ବିଦ୍ୟାଧରଙ୍କୁ ଭେଟି ୧.୫ କୋଟି ଟଙ୍କା ଓ ସାର୍ଟିଫିକେଟ୍ ଫେରାଇବାକୁ କହିଥିଲେ। ଏହାପରେ ବିଦ୍ୟାଧର ତାଙ୍କ ମ୍ୟାଡାମ୍ ଜ୍ୟୋତ୍ସ୍ନାଙ୍କୁ କଲ୍ କରିଥିଲେ। ହେଲେ ସେ ଚାକିରି ଆଶାୟୀମାନଙ୍କୁ ଗାଳିଗୁଲଜ କରିଥିଲେ। ପରେ ଆଶାୟୀମାନେ ବିଦ୍ୟାଧରଙ୍କୁ ଧରି ଜ୍ୟୋତ୍ସ୍ନାଙ୍କୁ ଖୋଜାଖୋଜି କରିଥିଲେ। ଜ୍ୟୋତ୍ସ୍ନାଙ୍କୁ ନ ପାଇବାରୁ ରାତିରେ ବିଦ୍ୟାଧରଙ୍କୁ ଅପହରଣ କରି ଠକେଇର ଶିକାର ଅନ୍ୟତମ ଚାକିରି ଆଶାୟୀ ତପନଙ୍କ ଯାଜପୁର ରୋଡ୍‌ସ୍ଥିତ ଭଡ଼ାଘରକୁ ନେଇଯାଇଥିଲେ। ମଙ୍ଗଳବାର ଭୋର ୪ଟାରେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ବିଦ୍ୟାଧରଙ୍କୁ ବନ୍ଦୀ କରି ରଖିଥିଲେ। ବୁଧବାର ସେମାନେ ବିଦ୍ୟାଧରଙ୍କ ସ୍ତ୍ରୀ ମାମିନାଙ୍କୁ କଲ୍ କରି ସ୍ୱାମୀଙ୍କ କାରନାମା ବିଷୟରେ କହିବା ସହ ସାର୍ଟିଫିକେଟ୍ ଓ ଟଙ୍କା ଫେରାଇଦେବାକୁ କହିଥିଲେ। ସେହିଦିନ ତପନ ଓ ମୋହନ ନାମକ ଯୁବକ ବିଦ୍ୟାଧରଙ୍କ ଘରକୁ ଆସି ତାଙ୍କ ସ୍ତ୍ରୀଙ୍କଠାରୁ ସାର୍ଟିଫିକେଟ୍ ଭର୍ତ୍ତି ବ୍ୟାଗ୍ ନେଇଥିଲେ। ହେଲେ ସେଥିରେ ଅନ୍ୟ ଆଶାୟୀଙ୍କ ଦସ୍ତାବିଜ ଥିବାରୁ ଅଭିଯୁକ୍ତମାନେ ବୁଧବାରଠାରୁ ଗୁରୁବାର ନିୟମିତ ମାମିନାଙ୍କୁ କଲ୍ କରି ଟଙ୍କା ଓ ସାର୍ଟିଫିକେଟ୍ ଫେରାଇବାକୁ କହିଥିଲେ। ଏହା ଭିତରେ ବିଦ୍ୟାଧର ଅପହର୍ତ୍ତାଙ୍କ ଚାପରେ ପଡ଼ି ମାନସିକ ଭାରସାମ୍ୟ ହରାଇ ବସିଥିଲେ। ୧୯ ତାରିଖି ଶୁକ୍ରବାର ସକାଳ ୭ଟାରେ ସେ ଶୌଚ ହେବାକୁ କହି ଟଏଲେଟ୍ ପାଖ ରୁମ୍‌କୁ ଯାଇ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଦେଇଥିଲେ। ଏହାପରେ ଟଙ୍କା ପାଇବାକୁ ଆଶା ରଖିଥିବା ଅଭିଯୁକ୍ତମାନେ ଭୟଭୀତ ହୋଇପଡ଼ିଥିଲେ। ବିଳମ୍ବିତ ରାତିରେ ବିଦ୍ୟାଧରଙ୍କ ମୃତଦେହକୁ କାର୍‌ରେ ଭୁବନେଶ୍ୱର ଆଣି ବାରଙ୍ଗ-ପିତାପଲ୍ଲୀ ରୋଡର ଏକ ଗଛରେ ଝୁଲାଇ ଆତ୍ମହତ୍ୟାର ରୂପ ଦେବାକୁ ଚାହିଁଥିଲେ। ସେପଟେ ମାମିନା ବଡ଼ଗଡ଼ ଥାନାରେ ସ୍ୱାମୀଙ୍କ ନିଖୋଜ ଏତଲା ଦେଇ ଅପହର୍ତ୍ତାଙ୍କ ନମ୍ବର ଦେଇଥିଲେ। ପୋଲିସ ଉକ୍ତ ନମ୍ବରକୁ କଲ୍ କରିବା ପରେ ଅଭିଯୁକ୍ତମାନେ ମୃତଦେହ ଛାଡ଼ି ପଳାଇଥିଲେ। ୨୦ ତାରିଖରେ ବିଦ୍ୟାଧରଙ୍କ ମୃତଦେହ ପାଇବା ପରେ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଥିଲା।

## ମହିଳାଙ୍କୁ ହାଣି ସମୁଦ୍ରକୂଳରେ ଫିଙ୍ଗିଦେଲେ

- ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କଲା ଟୁରିଷ୍ଟ ପୋଲିସ
- ଗୁରୁତର ମହିଳାଙ୍କୁ କଟକ ସ୍ଥାନାନ୍ତର

କୋଣାର୍କ,୨୨।୯
(ଜ୍ୟୋତିରାଜ ମହାନ୍ତି)

ପୁରୀ-କୋଣାର୍କ ବେଳାମାର୍ଗ ଚନ୍ଦ୍ରଭାଗା ସମୁଦ୍ରକୂଳରୁ ସୋମବାର ଅପରାହ୍ଣରେ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ଓ ଟୁରିଷ୍ଟ ପୋଲିସ ଜଣେ ମହିଳାଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରିଥିବା ଜଣାପଡ଼ିଛି। ପୋଲିସ ତାଙ୍କୁ ପ୍ରଥମେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ମହିଳାଙ୍କୁ କେହି ଦୁର୍ବୃତ୍ତ ଗଳାକାଟି ହତ୍ୟା ଉଦ୍ୟମ କରି ସମୁଦ୍ରକୂଳରେ ଫିଙ୍ଗିଦେଇଥିବା ଜଣାପଡ଼ିଛି। ମହିଳାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ରହିଛି।

ସୂଚନାଯୋଗ୍ୟ, ଟୁରିଷ୍ଟ ପୋଲିସ ସୋମବାର ଚନ୍ଦ୍ରଭାଗା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ସମୁଦ୍ରକୂଳରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଜଣେ ମହିଳାଙ୍କୁ ଦେଖି ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସକୁ ଖବର ଦେଇଥିଲା। ଚନ୍ଦ୍ରଭାଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିବା ସହ ମେଡିକାଲ୍‌ରେ ଭର୍ତ୍ତି କରିଥିଲା। ଖବରପାଇ ପୁରୀରୁ ଏକ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ବାଲିରେ ପଡ଼ିଥିବା ରକ୍ତ, ମହିଳାଙ୍କ ଚପଲ, ପାଣି ବୋତଲ, ଚୁଡ଼ି ଆଦି ଜବତ କରିଛି। ଏହି ଘଟଣାକୁ ନେଇ କୋଣାର୍କ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ମହିଳା ଜଣଙ୍କ ଜଗତ୍‌ସିଂହପୁର ଜିଲା ମଙ୍ଗଳପୁରର ମାନସ ଭୋଇଙ୍କ ସ୍ତ୍ରୀ ବୋଲି ଜଣାପଡ଼ିଛି। ମହିଳାଙ୍କ ପାରିବାରିକ ଅଶାନ୍ତି ପାଇଁ ଜଣେ ବାବାଙ୍କ ନିକଟକୁ ଦେଖାକରିବା ବାହାନା କରି ଦୁର୍ବୃତ୍ତ ଜଣଙ୍କ ତାଙ୍କୁ କୋଣାର୍କ ଆଣିଥିଲେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ପାଇଛି। ମହିଳା ଜଣଙ୍କ ସୁସ୍ଥ ହେବା ପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ କହିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ କୌଣସି ପତ୍ତା ମିଳିନାହିଁ।

## ଛୁରିରେ ଆକ୍ରମଣ, ମହିଳା ମୃତ

- କାନ ଫୁଲ ଓ ନାକର ନେଇ ଚମ୍ପଟ

ପୋଲସରା,୨୨।୯
(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ଚିରିକିପଡା ଶାସନ ଗ୍ରାମର ଜଣେ ମହିଳାଙ୍କୁ ଏକ ଛୁରିରେ କେହି ଦୁର୍ବୃତ୍ତ ଆକ୍ରମଣ କରଛି। ଫଳରେ ସମ୍ପୃକ୍ତା ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ବିଳମ୍ବର ସେଠୀଙ୍କ ସ୍ତ୍ରୀ ଶୈଳ (୫୫)। ପରେ ଦୁର୍ବୃତ୍ତ ଜଣକ ଶୈଳ ପିନ୍ଧିଥିବା କାନ ଓ ନାକର ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିବା ଜଣାପଡିଛି। ସୋମବାର ସକାଳୁ ଘର କାମ ସାରି ଶୈଳ ବାଘୁଆ କେନାଲକୁ ଗାଧୋଇବାକୁ ଯାଇ ଫେରୁଥିବା ବେଳେ ଏହି ଘଟଣା ଘଟିଛି। ଖବରପାଇ ପୋଲସରା ଥାନା ଅଧିକାରୀ କୌଶିକ ମାଝୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ବିନିକା ଓଏଭିର ପ୍ରାକ୍ତନ ଭାରପ୍ରାପ୍ତ ଅଧକ୍ଷ ଗିରଫ

- ୫୫ ଲକ୍ଷ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ
- ଆତ୍ମସାତ୍ ଅର୍ଥକୁ ଅନ୍‌ଲାଇନ ଜୁଆଖେଳରେ ଉଡ଼ାଇଥିଲେ
- ପୂର୍ବରୁ ସରକାର ନିଲମ୍ବନ କରିଥିଲେ


ସୌମ୍ୟରଞ୍ଜନ ଖେତି

ସୋନପୁର,୨୨।୯
(ମୃତ୍ୟୁଞ୍ଜୟ ଶତପଥୀ)

ସରକାରୀ ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ବିନିକା ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ପ୍ରାକ୍ତନ ଭାରପ୍ରାପ୍ତ ଅଧକ୍ଷ ସୌମ୍ୟରଞ୍ଜନ ଖେତିଙ୍କୁ ଭିଜିଲାନ୍ସ ବିଭାଗ ସୋମବାର ଗିରଫ କରିଛି। ଏହାର ଅଧିକ ତଦନ୍ତ ଜାରି ରହିଛି। ତାଙ୍କୁ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯିବ ବୋଲି ଭିଜିଲାନ୍ସ ସୂତ୍ରରୁ ଜଣାଯାଇଛି। ପ୍ରକାଶ ଯେ, ପ୍ରାକ୍ତନ ଭାରପ୍ରାପ୍ତ ଅଧକ୍ଷ ଖେତି ୨୦୨୧ ସେପ୍ଟେମ୍ବର ୨୯ ତାରିଖରେ ବିଦ୍ୟାଳୟର ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଦାୟିତ୍ୱରେ ଥିବା ସମୟରେ ୨୦୨୧-୨୨ରୁ ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରଙ୍କ ମଧ୍ୟାହ୍ନଭୋଜନ ଯୋଜନା, ମୋ ସ୍କୁଲ ଅଭିଯାନ ଓ ଛାତ୍ରୀ ନିବାସ ପାଇଁ ମିଳିଥିବା ଅନୁଦାନ ହେର୍‌ଫେର ହୋଇଥିଲା। ନିଜ ପଦବୀର ଅପବ୍ୟବହାର କରି ସେ ସରକାରଙ୍କ ୫୫ ଲକ୍ଷ ୨ ହଜାର ୬୧୦ ଟଙ୍କା ଆତ୍ମସାତ୍ କରିଥିଲେ। ଅଭିଯୋଗ ହେବା ପରେ ସମ୍ବଲପୁର ଭିଜିଲାନ୍ସ ପିଏସ କେସ୍ ନଂ ୧୯/୨୦୨୫ ରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତ ସମୟରେ ଭାରପ୍ରାପ୍ତ ଅଧକ୍ଷ ଖେତି ଟିନ୍‌ପଟି ଅନ୍‌ଲାଇନ ବେଟିଂ ଆପ୍‌ରେ ସଦସ୍ୟ ଭାବେ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଥିଲା। ଏପରି କି ଆତ୍ମସାତ୍ କରିଥିବା ସରକାରୀ ଅର୍ଥରୁ ୧୧ଲକ୍ଷ ଟଙ୍କା ଅନ୍‌ଲାଇନ ବେଟିଂ ପାଇଁ ବ୍ୟବହାର କରିଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ଖେତିଙ୍କ ଏଭଳି କାରନାମା ଜଣାପଡିବା ପରେ ପୂର୍ବରୁ ରାଜ୍ୟ ସରକାର ତାଙ୍କୁ ନିଲମ୍ବନ କରିଥିଲେ। ତାଙ୍କ ଘର ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଖୁଣ୍ଡି ଗାଁରେ ବୋଲି ଜଣାଯାଇଛି । ତାଙ୍କ ଗିରଫ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ୫ ହଜାର ଟଙ୍କା ଲାଞ୍ଚ ନେଇ ଡାଟା ଏଣ୍ଟ୍ରି ଅପରେଟର ଗିରଫ

ସିମୁଳିଆ, ୨୨।୯
(ସନ୍ତୋଷ ନାୟକ)



ଭିନ୍ନ ଜାତିରେ ବିବାହ ପ୍ରମାଣପତ୍ର କରାଇଦେବା ଲାଗି ସୋମବାର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ଡାଟା ଏଣ୍ଟ୍ରି ଅପରେଟର ବିଶ୍ୱରଞ୍ଜନ ପ୍ରଧାନ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଭିଜିଲାନ୍ସ ଟିମ୍ ତାଙ୍କୁ ପଚରାଉଚରା କରିବା ପରେ କୋର୍ଟଚାଲାଣ କରିଛି।

ଭଦ୍ରକ ଜିଲା ତିହିଡି ଥାନା ନୂଆନନ୍ଦ ଅଞ୍ଚଳର ନରେଶ ଚନ୍ଦ୍ର ମୁଦୁଲି ସିମୁଳିଆ ବ୍ଲକ ଅଣ୍ଡରାଇ ଅଞ୍ଚଳର ସଙ୍ଗୀତା ଜେନା ନାମ୍ନୀ ଜଣେ ଅନୁସୂଚିତ ଜାତିର ଯୁବତୀଙ୍କୁ ଗତ ଅଗଷ୍ଟ ୩୦ରେ ବିବାହ କରିଥିଲେ। ସରକାରଙ୍କ ନିୟମ ଅନୁସାରେ ଜଣେ ସାଧାରଣ ବର୍ଗର ଯୁବକ ସ୍ୱଇଚ୍ଛାରେ ଅନ୍ୟ ଜାତିରେ ବିବାହ କଲେ ସରକାରୀ ପ୍ରୋତ୍ସାହନ ରାଶି ପାଇବା କଥା। ତେବେ ଏହି ପ୍ରୋତ୍ସାହନ ରାଶି ପାଇବା ପାଇଁ ସେ ଆବେଦନ କରିଥିଲେ। ଡାଟା ଏଣ୍ଟ୍ରି ଅପରେଟର ତାଙ୍କୁ ଲାଞ୍ଚ ମାଗିବା ସହିତ ଆଜି କାଲି କହି ସମୟ ଗଡ଼ାଇ ଚାଲିଥିଲେ। ତେବେ ଏ ସମ୍ପର୍କରେ ନରେଶ ଭିଜିଲାନ୍ସ ବିଭାଗରେ ଦୃଷ୍ଟି ଆକର୍ଷଣ କରିଥିଲେ। ଯୋଜନା ମୁତାବକ ନରେଶ ୫ହଜାର ଟଙ୍କା ନେଇ ଡାଟା ଏଣ୍ଟ୍ରି ଅପରେଟର ପ୍ରଧାନଙ୍କୁ ବ୍ଲକ ପରିସରରେ ଦେବାବେଳେ ଭିଜିଲାନ୍ସ ଇନ୍ସପେକ୍ଟର ଜସ୍ମିତା ପୋଇଙ୍କ ସମେତ ୧୧ଜଣିଆ ଟିମ୍ ହାତରେ ଧରାପଡିଥିଲେ।

## ୩୦୫ଗ୍ରାମ୍ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

ବାଲେଶ୍ୱର, ୨୨।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ସହଦେବଖୁଣ୍ଟା ଆଦର୍ଶ ଥାନା ଅଧୀନ ଅରଡ଼ବଜାର ପାଲଟିଛି ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳୀ ପାଲଟିଛି। ପୋଲିସ କି ଅବକାରୀ ବିଭାଗ ପକ୍ଷରୁ ଯେତେ ଚଢାଉ କରାଯାଉଥିଲେ ବି ଏହାକୁ ରୋକାଯାଇପାରୁନାହିଁ। ବିଶେଷକରି ପୋଲିସ୍‌କୁ ଚକ୍‌ମା ଦେବା ପାଇଁ ମହିଳାଙ୍କୁ କାରବାରରେ ସାମିଲ କରାଯାଉଛି। ଆସନ୍ତା ପାର୍ବଣ ଋତୁକୁ ଲକ୍ଷ୍ୟ କରି ନିଶା ବେପାରୀମାନେ ସକ୍ରିୟ ହୋଇଉଠିଛନ୍ତି। ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଉକ୍ତ ଅଞ୍ଚଳରେ ଚଢାଉ କରାଯାଇ ରିଣ୍ଟୁ ତରେଇଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୩୦୫ ଗ୍ରାମ୍ ବ୍ରାଉନସୁଗାର ଓ ଏକ ବୁଲେଟ୍ (ନଂ. ଓଡ଼ି୦୧ବିସି-୩୫୫୩) ଜବତ କରାଯାଇଛି। ଏନେଇ ଏକ ମାମଲା (ନଂ. ୨୪୭/୨୫-୨୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଭ୍ରାମ୍ୟମାଣ ୟୁନିଟ୍ ଆଇଆଇସି ହରିହର ସିଂ, ଏସ୍‌ଆଇ ଭବେଶ ଦାସ ଓ ଭକ୍ତଚରଣ ସ୍ୱାଇଁ, କନଷ୍ଟେବଲ ସୁନାରାମ ସରେନ, ପଙ୍କଜ ମହାନ୍ତି, ମୀନତି ପରିଡ଼ା ପ୍ରମୁଖ ଏପିଆର୍ ଫୋର୍ସ ସହ ଏହି ଚଢାଉରେ ସାମିଲ ଥିଲେ।

ଉଲ୍ଲେଖଯୋଗ୍ୟ, ଗତ ୧୩ ତାରିଖରେ ମସଜିଦ୍ ଗଳି ସମ୍ମୁଖରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତ ମହିଳା ରେଜିୟା ବିବିଙ୍କୁ ଗିରଫ କରାଯିବା ସହ ତାଙ୍କ ଠାରୁ ୮୦ ଗ୍ରାମ୍ ବ୍ରାଉନସୁଗର ଜବତ ହୋଇଥିଲା।






# ପ୍ରବଳ ବର୍ଷାରେ ଅସ୍ଥାୟୀ ପୋଲ ଉପରେ ୫ ଫୁଟର ପାଣି

- ଘଣ୍ଟାଏରେ ୮୦ ମି.ମି ବର୍ଷା
- କୋରାପୁଟ-ରାୟଗଡ଼ା ମଧ୍ୟରେ ଗାଡ଼ି ଚଳାଚଳ ଠପ୍

କୋରାପୁଟ,୨୨।୯(ଅମିତାଭ ବେହେରା)

କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରେ ସୋମବାର ଅପରାହ୍ନରେ ପ୍ରବଳ ବର୍ଷା ହୋଇ ରାସ୍ତାଘାଟରେ ବର୍ଷାଜଳ ପ୍ରଭାବିତ ହୋଇ ଯାତାୟାତ ଠପ୍ ହୋଇଛି। କୋରାପୁଟ–ରାୟଗଡା ୩୨୬ ନଂ ଜାତୀୟ ରାଜପଥର ୧୨ କି.ମି ଦୂର ବଙ୍ଗଳାଗୁଡାରେ ଥିବା ଏକ ଅସ୍ଥାୟୀ ପୋଲ ଉପରେ ପ୍ରାୟ ୫ ଫୁଟ ବର୍ଷା ଜଳ ପ୍ରବାହିତ ହୋଇ ଗାଡ଼ି ଚଳାଚଳ ଠପ୍ ହୋଇଥିଲା। ଘଣ୍ଟାଏ ପ୍ରବଳ ବର୍ଷା ଯୋଗୁ ସହରର ବିଭିନ୍ନ ସ୍ଥାନ ଜଳାବର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି। ଘଣ୍ଟାଏ ମଧ୍ୟରେ ପ୍ରାୟ ୮୦ ମିଲିମିଟର ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ବର୍ଷା ଯୋଗୁ କ୍ଷୟକ୍ଷତି ନେଇ ଖବର ଲେଖାଯିବା ସୁଦ୍ଧା ସବିଶେଷ ତଥ୍ୟ ଆସି ନ ଥିବା ବେଳେ ମଙ୍ଗଳବାର ଏ ନେଇ ତଥ୍ୟ ଦିଆଯିବ ବୋଲି ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ବଙ୍ଗଳାଗୁଡା ଅସ୍ଥାୟୀ ପୋଲ ଉପରେ ପ୍ରାୟ ୫ ଫୁଟ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଏହି ରୁଟ୍‌ରେ ଯିବାକୁ ଥିବା ଗାଡ଼ିଗୁଡ଼ିକ ରାସ୍ତାର ଦୁଇପାର୍ଶ୍ୱରେ ଅଟକି ରହିଥିଲେ। ସହରର ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୨୬ ନଂ ଜାତୀୟ ରାଜପଥରେ ପ୍ରାୟ ୩ ଫୁଟ ପାଣି ଚାଲୁଥିବା ଦେଖିବାକୁ ମିଳିଛି। ସହର ସମେତ ଆଖପାଖ ସ୍ଥାନର ନାଳନର୍ଦ୍ଦମାରେ ବର୍ଷା ଜଳ ଭର୍ତ୍ତି ହେବା ସହ ତଳିଆ ଅଞ୍ଚଳର କେତେକଙ୍କ ଘରେ ବର୍ଷା ପାଣି ପଶିଥିବା ସୂଚନା ମିଳିଛି।


କୋରାପୁଟ–ରାୟଗଡା ୩୨୬ ନଂ ସଂଯୋଗୀ ରାସ୍ତା ବଙ୍ଗଳଗୁଡ଼ାର ଏକ ଅସ୍ଥାୟୀ ପୋଲରେ ବର୍ଷା ପାଣି ପ୍ରବାହିତ ହେଉଛି।

## ପ୍ରଥମ ପୃଷ୍ଠାରୁ...

### ଭୁଲ୍ ମେଡିସିନ ନେଲା...

ମାଡ ମାରିଥିଲେ। ଏହି ଘଟଣା ପ୍ରଚାରିତ ହୋଇଯିବା ପରେ ହସ୍ପିଟାଲ ପରିସରରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ମୃତ ଶିଶୁପୁତ୍ରର ବାପା ଅଟୋ ଡ୍ରାଇଭର ଥିବାରୁ କ୍ୟାପିଟାଲ ହସ୍ପିଟଲରେ ଅନ୍‌ଲାଇନ୍ ଅଟୋ ଚାଳକ ସଂଘର କର୍ମକର୍ତ୍ତା ରୁଣ୍ଡ ହୋଇଥିଲେ। ବାହାରେ ରାସ୍ତାରୋକୋ କରିବା ସହିତ ହସ୍ପିଟାଲ ଭିତରକୁ ଧସେଇ ପସିଥିଲେ। ସେମାନେ କ୍ଷତିପୂରଣ ଦାବି କରିବା ସହ ଡ୍ୟୁଟିରେ ଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଭଙ୍ଗାରୁଜା କରିଥିଲେ। ଏହିସମୟରେ ସିକ୍ୟୁରିଟି ଗାର୍ଡଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ଅଟୋ ଚାଳକମାନେ ହସ୍ପିଟାଲ ସାରା ହୋହଲ୍ଲା କରିବା ସହ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଶିବାକୁ ଉଦ୍ୟମ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ରୋଗୀ ସେବା ବ୍ୟାହତ ହୋଇଥିଲା। ସ୍ଥିତି ଏପରି ହୋଇଥିଲା କାଜୁଆଲିଟି, ହସ୍ପିଟାଲର ନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀଙ୍କ ଚାମ୍ବରକୁ ବନ୍ଦ କରିଦିଆଯାଇ କାହାକୁ ଛଡା ନ ଯାଇ ନ ଥିଲା। କମିଶନରେଟ ପୋଲିସ ପକ୍ଷରୁ ୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ତେବେ ଶିଶୁ ମୃତ୍ୟୁ ଘଟଣାର ନିରପକ୍ଷ ତଦନ୍ତ କରାଯିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗକୁ ଶିଶୁରୋଗ ବିଭାଗ ପକ୍ଷରୁ ଖଣ୍ଡନ କରାଯାଇଛି।

#### ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା

ଶିଶୁପୁତ୍ର ଆୟୁଷ୍ମାନ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

### ୧୩ ମାସରେ...

ଅନୁଯାୟୀ, ୨୦୨୪ ଜୁନ୍ ପହିଲାରୁ ୨୦୨୫ ଜୁଲାଇ ମଧ୍ୟରେ ରାଜ୍ୟରେ ୩୭ହଜାର ୬୧୧ଟି ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ସର୍ବାଧିକ ୯୧୮୧ ମାମଲା କେବଳ ଅସଦାଚରଣ(ମୋଲେଷ୍ଟସନ) ରହିଥିବାବେଳେ ଏହାତଳକୁ ଅପହରଣ ଓ ଅନ୍ୟାନ୍ୟ ମାମଲା ରହିଛି। ତେବେ ଏହି ମାମଲାରେ ୮୭୫ ପୁରୁଷ ଓ ୬୫ମହିଳା ଗିରଫ ହୋଇଥିବାବେଳେ ୧୨୯ଜଣ ଜେଲ ଯାଇଛନ୍ତି। ଏହି ଅବଧି ମଧ୍ୟରେ ୮୨୨୭ଟି ନାରୀ ଅପହରଣ ମାମଲା ରୁଜୁ ହୋଇଥିବାବେଳେ ଯୌତୁକ ନିର୍ଯାତନା ପାଇଁ ୫୪୬୪ ମାମଲା ଏବଂ ୬୧୩୪ଟି ଅଣଯୌତୁକ ନିର୍ଯାତନା ମାମଲା ଓ ୨୯୩୩ଟି ବଳାତ୍କାର ମାମଲା ରହିଛି। ତେବେ ବଳାତ୍କାର ମାମଲାରେ ୨୨୬୧ଜଣ ପୁରୁଷ ଓ ୨୬ଜଣ ମହିଳା ଗିରଫ ହୋଇଥିବାବେଳେ ୪୨୬ଜଣଙ୍କୁ ଜେଲ ପଠାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି।

ସେହିପରି ଏହି ଅବଧି ମଧ୍ୟରେ ୧୭୪ଟି ବଳାତ୍କାର ଉଦ୍ୟମ ମାମଲା ରହିଥିବାବେଳେ ୩୩୪ଟି ସଙ୍ଗିନ ମାମଲା ରହିଛି। ବିବାହର ପ୍ରତିଶ୍ରୁତି ଦେଇ ଅବୈଧ ସମ୍ପର୍କ ରଖିବା ନେଇ ୩୩୪ଟି ମାମଲା ରୁଜୁ ହୋଇଛି। ଏହାସହିତ ୧୨୭୮ଟି ଯୌନ ନିର୍ଯାତନା ମାମଲା ରହିଥିବାବେଳେ ୨୧୬୧ଟି ସର୍ବସାଧାରଣରେ ମହିଳାଙ୍କୁ ଉଲଗ୍ନ କରିବା ଭଳି ମାମଲା ରହିଛି। ଏହାବାଦ୍ ୧୨୭ଟି କେବଳ ନାରୀ ଚାଲାଣ ମାମଲା ରୁଜୁ ହୋଇଥିବାବେଳେ ସର୍ବସାଧାରଣରେ ମହିଳାଙ୍କୁ ନିର୍ଯାତନା ଦେବା ନେଇ ୭୦୨ଟି ମାମଲା ରୁଜୁ ହୋଇଛି। ଏହି ସମୟ ମଧ୍ୟରେ ୩ଜଣ ମହିଳାଙ୍କୁ ଏସିଡ୍ ଆକ୍ରମଣ ହୋଇଥିବାବେଳେ ୨ଜଣଙ୍କୁ ଉଦ୍ୟମ କରାଯାଇଛି। ଏହାବାଦ୍ ଅନ୍ୟାନ୍ୟ ମାମଲା ରହିଛି। ତେବେ ନାରୀ ଅପହରଣ ମାମଲାରେ ୪୪୬ଜଣ ଗିରଫ ହୋଇଥିବାବେଳେ ୧୭ଜଣ ମହିଳା ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୪ଜଣ ଜେଲ ଭୋଗିଛନ୍ତି।

ତଥ୍ୟ ଅନୁଯାୟୀ, ରାଜ୍ୟରେ ନାରୀ ନିର୍ଯାତନା ରୋକିବା ପାଇଁ ସମ୍ବେଦନଶୀଳ ମାମଲା(ବଳାତ୍କାର, ଏସିଡ୍ ଆକ୍ରମଣ) ଭଳି ମାମଲାରେ ଜିଲା ଏସ୍‌ପି କିମ୍ବା ଅତିରିକ୍ତ ଏସ୍‌ପିଙ୍କ ଜରିଆରେ ମାମଲାକୁ ତ୍ୱରିତ ତଦାରଖ କରାଯାଉଛି। ଏହାସହିତ ୨୯ଟି ଜିଲାରେ ସ୍ୱତନ୍ତ୍ର ଅନୁସନ୍ଧାନ ୟୁନିଟ୍ କାର୍ଯ୍ୟକ୍ଷମ ରହିଛି ବୋଲି ତଥ୍ୟରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

# ସୁରକ୍ଷା କର୍ମୀଙ୍କ ଗୁଳିରେ ୨ ମାଓବାଦୀ ନିହତ

ମାଲକାନଗିରି,୨୨।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ଆବୁଝମାଡ ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ସୋମବାର ସକାଳେ ଗୁଳି ବିନିମୟ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ୨ ହାର୍ଡକୋର ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ଦୁଇ ମାଓବାଦୀ ହେଲେ ଏକକୋଟି ପୁରସ୍କାର ଘୋଷିତ କୋଙ୍ଗା ରାମଚନ୍ଦ୍ର ରେଡ୍ଡୀ ଓରଫ ଗୁଡସା ଏବଂ ଏକ କୋଟି ପୁରସ୍କାର ଘୋଷିତ କାଦ୍ରୀ ସତ୍ୟନାରାୟଣ ରେଡ୍ଡୀ ଓରଫ ଗୋପାନ୍ନୀ। ଉଭୟ ମାଓବାଦୀ ସଂଗଠନର ଟପ୍ କ୍ୟାଡର ଥିବାବେଳେ ଛତିଶଗଡ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶର ବହୁ ହିଂସାକାଣ୍ଡରେ ସେମାନଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ଆବୁଝମାଡ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଖବରପାଇ ନାରାୟଣପୁର ଜିଲା ପୋଲିସ, ସିଆରପିଏଫ୍ ଡିଆରଜି ଯବାନମାନେ ସୋମବାର ସକାଳେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ପୋଲିସ୍‌କୁ ଦେଖି ମାଓବାଦୀମାନେ ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଏହାର ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳିଚାଳନା କରିଥିଲା। ପୋଲିସ ଆକ୍ରମଣକୁ ପ୍ରତିହତ କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ପୋଲିସ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ୨ଜଣ ମାଓବାଦୀଙ୍କ ମୃତଦେହ ଜବତ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ପୋଲିସ କୋମ୍ବିଂ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ନାରାୟଣପୁର ପୋଲିସ ସୂତ୍ରରୁ ପ୍ରକାଶ।

# ମହିଳା କନ୍‌ଷ୍ଟେବଲଙ୍କ ସମେତ ୩ ଗିରଫ

**ବ୍ୟବସାୟୀଙ୍କୁ ଅପହରଣ, ଲୁଟ୍ ମାମଲା**

ମାଲକାନଗିରି, ୨୨।୯ (ଦୁର୍ଯ୍ୟୋଧନ ପାତ୍ର)

କର୍ଣାଟକର ଜଣେ ବ୍ୟବସାୟୀଙ୍କୁ ଅପହରଣ ଏବଂ ଲୁଟ୍ ମାମଲାରେ ମାଲକାନଗିରି ପୋଲିସ ଜଣେ ମହିଳା କନ୍‌ଷ୍ଟେବଲଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲକାନଗିରି ଜିଲା ଓର୍କେଲ ଥାନାର କନ୍‌ଷ୍ଟେବଲ ବାସନ୍ତୀ ବିଶ୍ୱାସ, ବାଲିମେଳା ଗ୍ରାମର ସୁଲତାନ ସିଂ ଓ ପଶ୍ଚିମବଙ୍ଗ ଜୟରାମପୁର ଗ୍ରାମର ରାଜୁ ସେଖ୍। ଘଟଣା ଗତ ୧୧ ତାରିଖରେ ଘଟିଥିଲେ ମଧ୍ୟ ସୋମବାର ଏହା ସାମ୍ନାକୁ ଆସିଛି।

ପୋଲିସ ସୂଚନା ଅନୁଯାୟୀ, ମାଲକାନଗିରି ଜିଲାରେ ବ୍ୟବସାୟ ଆରମ୍ଭ କଲେ ଅଧିକ ଲାଭ ମିଳିବା ପ୍ରଲୋଭନ ଦେଖାଇ ପଶ୍ଚିମବଙ୍ଗର ରାଜୁ ସେଖ୍ କର୍ନାଟକ ଶ୍ରୀରାମପୁର ଥାନା କାଡପା ରାମଚନ୍ଦ୍ରପୁର ଗ୍ରାମର ରଘୁ ନରସିଂହ ନାମକ ଜଣେ ବ୍ୟବସାୟୀଙ୍କୁ ମାଲକାନଗିରିକୁ ଡାକିଥିଲେ। ରାଜୁଙ୍କ କଥାରେ ବିଶ୍ୱାସ କରି ବ୍ୟବସାୟୀ ରଘୁ ନରସିଂହ ମାଲକାନଗିରି ଆସିଥିଲେ। ଅଭିଯୁକ୍ତ ସୁଲତାନ ଓ ରାଜୁ ବ୍ୟବସାୟୀ ନରସିଂହଙ୍କୁ ମାଲକାନଗିରିର ଏକ ହୋଟେଲରେ ରଖି ବ୍ୟବସାୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ପରେ ନରସିଂହଙ୍କୁ ଏମ୍.ଭି. ୧୭ ନିକଟ ଜଙ୍ଗଲକୁ ନେଇ ସେଠାରେ ତାଙ୍କର ଅନ୍ୟ ଦୁଇଜଣ ସାଥୀଙ୍କୁ ଡକାଇ ବ୍ୟବସାୟୀଙ୍କୁ ମାରପିଟ୍ କରିବା ସହ ତାଙ୍କଠାରୁ ମୋବାଇଲ ଛଡାଇ ନେବା ସହ ପାସୱାର୍ଡ ମାଗି ତାଙ୍କ ଆକାଉଣ୍ଟରୁ ୮୨ ହଜାର ଟଙ୍କା ନେଇଯାଇଥିଲେ। ଦୁଇ ଅଭିଯୁକ୍ତ ନରସିଂହଙ୍କୁ ହୋଟେଲକୁ ନେଇ ତାଙ୍କଠାରୁ ନଗଦ ୩ ଲକ୍ଷ ଟଙ୍କା ନେବା ପରେ ଅନ୍ୟ ଏକ ହୋଟେଲକୁ ସ୍ଥାନାନ୍ତର କରିଥିଲେ। ହେଟେଲରୁ ନରସିଂହ ଯେପରି କୁଆଡେ ନ ଯିବେ ସେ ନେଇ ରାଜୁ ସେଖ୍ କଡ଼ା ନଜର ରଖିଥିଲେ। ଏହି ସମୟରେ ମହିଳା କନ୍‌ଷ୍ଟେବଲ ବାସନ୍ତୀ ଆସି ନିଜକୁ ଜଣେ ପୋଲିସ ଅଧିକାରୀ ବୋଲି ପରିଚୟ ଦେଇ ବ୍ୟବସାୟୀଙ୍କୁ ଡରାଇଥିଲେ। ପରେ ୩ ଅଭିଯୁକ୍ତ ମିଶି ବ୍ୟବସାୟୀ ନରସିଂହଙ୍କୁ ଏମ୍.ଭି. ୧୪ ଗ୍ରାମକୁ କାରରେ ନେଇ ସେଠାରେ ତାଙ୍କୁ ଆଉ ୩ ଲକ୍ଷ ଟଙ୍କା ଯୋଗାଡ଼ କଲେ ଛାଡ଼ିଦେବେ ବୋଲି କହିଥିଲେ । ନରସିଂହଙ୍କ କାର୍ ରାସ୍ତା ଉପରେ ଥିବାବେଳେ କେତେଜଣ ଗ୍ରାମବାସୀ ଦେଖି ଏ ସମ୍ବନ୍ଧରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନରସିଂହଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ପରେ ପ୍ରକୃତ ଘଟଣା ପଦାକୁ ଆସିଥିଲା। ଏ ନେଇ ଥାନାରେ ୪୮୮/୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସୁଲତାନ, ରାଜୁ ଓ ବାସନ୍ତୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ପ୍ରକାଶଥାଉକି, ମହିଳା କନ୍‌ଷ୍ଟେବଲ ବାସନ୍ତୀ ପୂର୍ବରୁ ମାଲକାନଗିରି ସଦର ଥାନାରେ କାର୍ଯ୍ୟରତ ଥିଲେ। ଏବେ ତାଙ୍କର ଓର୍କେଲ ଥାନାକୁ ବଦଳି ହୋଇଥିବାବେଳେ ସେ ଛୁଟିରେ ଅଛନ୍ତି। ତେବେ ବାସନ୍ତୀଙ୍କ ନାଁରେ ମାଲକାନଗିରି ଓ ବାଲିମେଳା ଥାନାରେ ବହୁ ମାମଲା ରହିଛି। ଏହା ପୂର୍ବରୁ ବାସନ୍ତୀ ଏଟିଏମ୍‌ରୁ ଟଙ୍କା ଲୁଟ୍, ଗଞ୍ଜେଇ ବ୍ୟବସାୟରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇ ଫେରିଛନ୍ତି।



# ଏନ୍‌ଏଚ୍ କଡ଼ରେ କ୍ରୋମାଇଟ୍‌ର କଳା କାରବାର

**କାଳିଆପାଣି,୨୨।୯ (ଅସିତ କୁମାର ମହାନ୍ତ):**

ଯାଜପୁର ଜିଲାର ୫୩ ନଂ. ଜାତୀୟ ରାଜପଥ (ଏନ୍‌ଏଚ୍)ର ସୁକିନ୍ଦା ଟସର ଫାର୍ମ ନିକଟରେ ଥିବା ମେସର୍ସ ହାଇୱେ ରିଟ୍ରେଡିଂ ପରିସରରେ ଦୀର୍ଘଦିନ ଧରି କ୍ରୋମାଇଟ୍ କଳା କାରବାର ଚାଲିଥିବା ଅଭିଯୋଗ ହୋଇଛି। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଥିଲେ ହେଁ ପୋଲିସ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି। ଏପରି ବେଆଇନ କ୍ରୋମାଇଟ୍ ବ୍ୟବସାୟ ଚାଲିଥିବା ଅଭିଯୋଗ ପାଇ ଜିଲାପାଳ ତୁରନ୍ତ ସିଜ୍ କରିବାକୁ ଖଣି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ବେଆଇନ କ୍ରୋମାଇଟ୍ ଡିପୋରେ ଖଣି ବିଭାଗ ଗତ ୧୮ ତାରିଖରେ ଚଢ଼ାଉକରି ୭୦ ମେଟ୍ରିକ୍ ଟନ୍‌ରୁ ଅଧିକ ଓଜନର କ୍ରୋମାଇଟ୍ ଜବତ କରିଛି। କାଳିଆପାଣି ଜଣେ ମଙ୍ଗଳପୁର–ଟମକା ପୂର୍ତ୍ତ ବିଭାଗ ରାସ୍ତା ଦେଇ ଭୁବନ, ଯାଜପୁର ରୋଡ୍, ପାଣିକୋଇଲି ଓ ରଗଡ଼ି ଭଳି ସ୍ଥାନରେ ବେଆଇନ କ୍ରୋମାଇଟ୍ ଡିପୋ ଚାଲିଥିବା ଜଣାପଡ଼ିଛି। ଏହି ବ୍ୟବସାୟରେ ମାସକୁ ୫୦ ରୁ ୬୦ କୋଟି ଟଙ୍କାର କଳା କାରବାର ଚାଲିଛି। ପୋଲିସର ଛତ୍ରଛାୟାରେ ବେପାର ଭଲ ଚାଲୁଥିବାରୁ ଏହି ମେସର୍ସ ହାଇୱେ ରିଟ୍ରେଡିଂ ପରିସରରେ ଏକ ବେଆଇନ ୱେବ୍ରିଜ୍ ସ୍ଥାପନ ହୋଇଛି। ଏହାକୁ ପୋଲିସ କିମ୍ବା ଖଣି ବିଭାଗ ଜବତକରି ସିଲ୍ କରିବାକୁ କୁଣ୍ଠାପ୍ରକାଶ କରୁଛି। ଏଠି ଡିପୋ ହେବା ପରେ ଅପମିଶ୍ରଣ ଚୋରା କ୍ରୋମାଇଟ୍ କୁଆଡ଼େ ଯାଏ, ଖଣି ବିଭାଗ ଚଢ଼ାଉ ବେଳେ ଘଟଣାସ୍ଥଳରେ ରହିଥିବା ୨ଟି ଗାଡ଼ିକୁ କାହିଁକି ଜବତ ନ କରି ଛାଡ଼ି ଦିଆଗଲା ସେ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ଟ୍ରକ୍‌ରେ ବୋଝେଇକରି ଜବତ କ୍ରୋମାଇଟ୍ ଯାଜପୁର ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରକୁ ନେଇଥିବା ଜଣାପଡ଼ିଛି। ତଦନ୍ତ କରିବା ପୋଲିସର କାମ ବୋଲି ବିଭାଗ ସଫେଇ ଦେଉଛି। ଏ ସମ୍ପର୍କରେ ଯାଜପୁର ରୋଡ୍ ଖଣି ଉପନିର୍ଦ୍ଦେଶକ ବିଭୂତି ଭୂଷଣ ବେହେରାଙ୍କୁ ସୋମବାର ସନ୍ଧ୍ୟା ୬.୨୦ ମିନିଟ୍‌ରେ ମୋବାଇଲ ନଂ. ୯୪୩୮୯୧୩୪୬୮ରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଉଠାଇ ନ ଥିଲେ। ତେବେ ଏପରି କିଛି ମାସ ପୂର୍ବରୁ ଭାମଟାଙ୍ଗର ପରିତ୍ୟକ୍ତ ଖଣିରୁ ବେଆଇନ କ୍ରୋମାଇଟ୍ ଏକ ହାଇୱା ଗାଡ଼ିରେ ଲୋଡ୍ କରି ନେବା ସମୟରେ ଲୋଡିଂ କରୁଥିବା ମେସିନ ସହ ଗାଡ଼ିକୁ ଖଣି ବିଭାଗ ଜବତ କରିଥିଲା। ହେଲେ ଏଥିରେ ସମ୍ପୃକ୍ତ ବ୍ୟକ୍ତି କିମ୍ବା ଗାଡ଼ି ମାଲିକଙ୍କ ବିରୋଧରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।


ସୁକିନ୍ଦା ଟସର ଫାର୍ମ ନିକଟରେ ଥିବା କ୍ରୋମାଇଟ ଡିପୋ।

# ଭାରତୀ ବିହାର ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଶିବିର


ଶିବିରରେ ଅତିଥିମାନଙ୍କୁ ଛାତ୍ରୀମାନେ ଚାରା ପ୍ରଦାନ କରି ସ୍ୱାଗତ ଜଣାଉଛନ୍ତି।

**ସୁକିନ୍ଦା,୨୨।୯ (ସତ୍ୟଜିତ ଦାଶ):**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଭାରତୀ ବିହାର ଡିଗ୍ରୀ ମହାବିଦ୍ୟାଳୟରେ ସୋମବାର ଜାତୀୟ ସେବା ଯୋଜନାର ଶିବିର ଦ୍ୱିତୀୟ ଦିବସରେ ପହଞ୍ଚିଛି। ପ୍ରଥମ ଦିବସରେ ସ୍ୱେଚ୍ଛାସେବୀମାନେ ଆସିବା ପରେ ବୈଠକ ହୋଇଥିଲା। ଦ୍ୱିତୀୟ ଦିବସରେ ଯୋଗାଭ୍ୟାସ କରାଯାଇ କଲେଜ ପରିସରକୁ ସଫେଇ କରାଯାଇଥିଲା। ଅଧିବେଶନରେ ମୁଖ୍ୟବକ୍ତା ଶିକ୍ଷାବିତ ବଂଶୀଧର ପରିଡା ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଜାତୀୟ ସେବା ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ପ୍ରଦୀପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ସାହୁ ସ୍ଥାୟୀ ସଭାପତି ଭାବେ କାର୍ଯ୍ୟ ତୁଲାଉଥିଲେ। ଏହି ଶିବିର ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅଧ୍ୟକ୍ଷ ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ ଯୁବ ପ୍ରତିଭା ବିକାଶ, ସାମାଜିକ ନ୍ୟାୟ, ସେବାବ୍ରତୀ ଯୁବ ସମାଜ, ଯୌନ ନିର୍ଯାତନା ଓ ନିରାକରଣ ଆଦି ସମ୍ବନ୍ଧରେ ଶିବିରକ୍ଷର୍ଥୀ ମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରାଯିବ ବୋଲି ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି। ସ୍ୱେଚ୍ଛାସେବୀମାନେ ଅତିଥିମାନଙ୍କୁ ଚାରା ପ୍ରଦାନ କରି ସ୍ୱାଗତ କରିଥିଲେ।

# ବର୍ଷାରେ ପଡ଼ିଲା କାନ୍ଥ, ପରିବାର ବେସହରା

**ପାଣିକୋଇଲି, ୨୨।୯(ବିକାଶ ଚନ୍ଦ୍ର ମଲ୍ଲିକ)**

କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ଗ୍ରାମର ସୋମବାର ଲଗାଣବର୍ଷା ଯୋଗୁ ମିର୍ଜ୍ଜା ଆଲ୍ଲାଉଦ୍ଦିନ ବେଗଙ୍କ ଘରର କାନ୍ଥ ଭାଙ୍ଗି ପଡି ଯାଇଛି। ଫଳରେ ରାତିରେ ମୁଣ୍ଡ ଗୁଞ୍ଜିବାକୁ ଆଉ ସ୍ଥାନ ନାହିଁ। ଘରର କାନ୍ଥ ପଡିବା ସହ ଘରର ଚାଳ ଭୁଷୁଡି ପଡିଛି। ଅସହାୟ ପରିବାର ନିକଟରେ ପ୍ରଶାସନ ପହଞ୍ଚି ନାହିଁ। ବର୍ଷା ରାତିରେ କେମିତି ରାତି କଟାଇବେ ସେହି ଚିନ୍ତାରେ ଏବେ ପରିବାର। ତୁରନ୍ତ ପ୍ରଶାସନିକ ଆଲ୍ଲାଉଦ୍ଦିନ ପରିବାର ନିକଟରେ ପହଞ୍ଚି ସେମାନଙ୍କୁ ଆବଶ୍ୟକତା ପୂରଣ ଗୃହ ସହ ସହଯୋଗର ହାତ ବଢାଇବାକୁ ସାଧାରଣରେ ଦାବି ହୋଇଛି।


ବର୍ଷାରେ ମିର୍ଜ୍ଜା ଆଲ୍ଲାଉଦ୍ଦିନ ବେଗଙ୍କ ଘରର କାନ୍ଥ ଭାଙ୍ଗି ପଡିଛି।

# ଧର୍ମଶାଳା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ, ବାମଦେଇପୁର ବିଜୟୀ

**କାଏମା, ୨୨।୯(ଶିବପ୍ରସାଦ ମହାନ୍ତି ) :**

ଧର୍ମଶାଳା ବ୍ଲକ୍ ଚୋରମୁହାଁ ପଞ୍ଚାୟତ ମଜାର ପଡ଼ିଆଠାରେ ଚହଟା ୟୁନାଇଟେଡ୍ ଇଲେଭେନ ପକ୍ଷରୁ ଚାଲିଥିବା ଧର୍ମଶାଳା ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ନାମେଣ୍ଟର ସୋମବାର ତୃତୀୟ ଦିନ ଖେଳରେ ବାମଦେଇପୁର ଟିମ୍ ବିଜୟୀ ହୋଇଛି। ଖେଳ ଲିଟୁ ଟାଇଗର କ୍ଲବ ବାମଦେଇପୁର ଓ ୟୁନାଇଟେଡ୍ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାମଦେଇପୁର ଟସ୍ ଜିତି ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ଅପରପକ୍ଷେ ୟୁନାଇଟେଡ୍ ଇଲେଭେନକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ୟୁନାଇଟେଡ୍ ଇଲେଭେନ ନିର୍ଦ୍ଧାରିତ ୧୨ ଓଭରରୁ ୧୧.୫ ବଲରେ ସମସ୍ତ ଉଇକେଟ୍ ହରାଇ ୧୨୪ରନ୍ କରିଥିଲା। ଜବାବରେ ବାମଦେଇପୁର ୧୧ ଓଭର ୪ଟି ବଲରେ ୭ ଉଇକେଟ୍ ହରାଇ ୧୨୮ରନ୍ କରି ବିଜୟ ହାସଲ କରିଥିଲା। ଖେଳକୁ ରାଜେଶ ମହାନ୍ତି ଓ ଶକ୍ତିରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସୋମେଶ ପ୍ରଧାନ ଓ ଖେଳରେ ଯୁବ ସଙ୍ଗଠକ ମଦନ ମୋହନ ନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କ୍ଲବର ସଦସ୍ୟ ସାଗର ସ୍ୱାଇଁ, ପଙ୍କଜ ମଲ୍ଲିକ, ଅନିଲ କୁମାର ସ୍ୱାଇଁ, ଦେବେନ୍ଦ୍ର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଭାଜପାର ରକ୍ତଦାନ ଶିବିରକୁ ନେଇ ଝଗଡ଼ା: ଥାନାରେ ୨ ମାମଲା

**ଚଣ୍ଡିଖୋଲ, ୨୨।୯( ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେବାପକ୍ଷ ପାଳନ ଅବସରରେ ଶନିବାର ବଡ଼ଚଣାସ୍ଥିତ ବରୁଣେଶ୍ୱର କଲ୍ୟାଣ ମଣ୍ଡପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନେଇ ୨ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡକୁ ନେଇ ବଡ଼ଚଣା ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଏହାକୁ ନେଇ ବଡ଼ଚଣା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏହି ପରିପ୍ରେକ୍ଷୀରେ ବଡ଼ଚଣା ନିର୍ବାଚନମଣ୍ଡଳୀର ବରୁଣେଶ୍ୱର ମଣ୍ଡପରେ ମଣ୍ଡଳ ସଭାପତିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଚାଲୁଥିଲାବେଳେ ଭାଜପାର କେତେଜଣ ଯୁବକର୍ମୀ ବଡ଼ଚଣା ବଜାରକୁ ଜିନିଷ ପାଇଁ ଯାଇଥିଲେ। ସେଠାରେ ପୂର୍ବରୁ ଏହି ଥାନା ଅନ୍ତର୍ଗତ ଡଗରପଡା ଗ୍ରାମର ଜଣେ ଯୁବକ ଭାଜପା କର୍ମୀଙ୍କୁ ଦେଖି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉପରେ ଅଶାଳୀନ ମନ୍ତବ୍ୟ ଦେବା ସହିତ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉପସ୍ଥିତ କର୍ମୀମାନେ ବାରଣ କରିବାରୁ ଉକ୍ତ ଯୁବକ ହଠାତ ଉତ୍କ୍ଷିପ୍ତ ହୋଇ ତାଙ୍କ ପରିବାର ଓ ଭାଜପାର କର୍ମୀମାନଙ୍କୁ ଅତି କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହେବାରୁ ଉଭୟ ଯୁବକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ଡଗରପଡ଼ା ଗ୍ରାମର ଦୀପକ ସାହୁ ଥାନାରେ ଅଭିଯୋଗ କରିବା ପରେ ଦେଉଳକୁର ଗାଁର ମଳୟ ରଞ୍ଜନ ପ୍ରଧାନ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟଙ୍କ ଅଭିଯୋଗ ପାଇବା ପରେ ଆଇଆଇସି ସୁରେନ୍ଦ୍ର ଜେନା ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

# ପାଣିକୋଇଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର

**ପାଣିକୋଇଲି, ୨୨।୯ (ବିକାଶ ଚନ୍ଦ୍ର ମଲ୍ଲିକ)**

ପାଣିକୋଇଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସୋମବାର ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗର୍ଭବତୀମାନଙ୍କୁ ମୁଖ୍ୟତଃ ଚିକିତ୍ସା କରାଯାଇଥିଲା। ଶିବିରକୁ ୨୫୬ଜଣ ରୋଗୀ ଆସିଥିଲେ। ୮୨ ଜଣ ଗର୍ଭବତୀ, ୨୮ଜଣ ଅସ୍ତ୍ରୋପଚାର ବିଭାଗ ଓ ଓପିଡିରେ ୧୪୬ଜଣ ରୋଗୀ ଯୋଗଦାନ କରିଥିଲେ। ସ୍ତ୍ରୀ ଓ ପ୍ରସୁତି ବିଭାଗ ଡା. ସୌଭାଗ୍ୟ ରଞ୍ଜନ ସୁବୁଦ୍ଧି, ଅସ୍ତ୍ରୋପଚାର ଡା. ଜିତେନ୍ଦ୍ର କୁମାର ସୋରେନ, ପାଣିକୋଇଲି ସ୍ୱାସ୍ଥ୍ୟଧିକାରୀ ଅରବିନ୍ଦ ପ୍ରସାଦ ଓ ଆୟୁଷ ଡା. ସାଗରିକା ଦାସ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଭାଗୀୟ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଡାକ୍ତରମାନେ ଆରୋଗ୍ୟ ଶିବିରରେ ରୋଗୀମାନଙ୍କ ଚିକିତ୍ସା କରୁଛନ୍ତି।

# ବ୍ୟାସନଗରକୁ ଡିଏମ୍‌ଏଫ୍ ପାଣ୍ଠି ବନ୍ଦ ବିରୋଧରେ ବିଜେଡିର ବିକ୍ଷୋଭ

**ଯାଜପୁରରୋଡ୍, ୨୨।୯(ପବିତ୍ର ରଞ୍ଜନ ମହାନ୍ତି)**

ଯାଜପୁର ଜିଲାର ବ୍ୟାସନଗର ପୌର ପରିଷଦକୁ ରାଜ୍ୟ ସରକାର ଡିଏମ୍‌ଏଫ୍ (ଜିଲା ଖଣିଜ ପାଣ୍ଠି ଅନୁଦାନ) ବନ୍ଦ କରିବାକୁ ନୋଟିଫିକେଶନ କରିଛନ୍ତି। ଏହାକୁ ବିରୋଧ କରି ବ୍ୟାସନଗର ବିଜେଡି ପକ୍ଷରୁ ପ୍ରତିବାଦ କରି କଳିଙ୍ଗନଗର ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତୁରନ୍ତ ଏହି ନୋଟିଫିକେଶନକୁ ରଦ୍ଦ କରି ଡିଏମ୍‌ଏଫ୍ ଅନୁଦାନ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖ୍ୟଦ୍ୱାର ବ୍ୟାସନଗର ସହର। ଏହି ସହର ଉପରେ ସୁକିନ୍ଦା ଖଣି ଓ କଳିଙ୍ଗନଗର ଶିଳ୍ପାଞ୍ଚଳ ସମ୍ପୂର୍ଣ୍ଣ ନିର୍ଭରଶୀଳ। ସୁକିନ୍ଦା ଖଣି ଉପତ୍ୟକାର କ୍ରୋମ ପରିବହନ ଏହି ସହର ଦେଇ କରାଯାଇଥାଏ। ଧୂଳିଧୂଆଁରେ ସହରବାସୀ ପ୍ରଭାବିତ ହୋଇ ପ୍ରଦୂଷଣର ଶିକାର ହେଉଛନ୍ତି। ଦେଖିବାକୁ ଗଲେ ଡିଏମ୍‌ଏଫ୍ ଫଣ୍ଡ ପାଇବା ପାଇଁ ବ୍ୟାସନଗର ସହର ହକ୍‌ଦାର। ସହରକୁ ଏହି ପାଣ୍ଠିରୁ ରାଜ୍ୟ ସରକାର ବଞ୍ଚିତ କରି ଥିବାରୁ ବିଜେଡି ପକ୍ଷରୁ ପୌର ପରିଷଦର ୨୬ ଟି ୱାର୍ଡର କର୍ମୀମାନେ ନେତା ଭବ ପ୍ରସାଦ ଦାସ, ପୌର ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଓ ବ୍ୟାସନଗର ସଭାପତି ଅମୂଲ୍ୟ କୁମାର ନାୟକଙ୍କ ନେତୃତ୍ୱରେ ଚୋରଦା ବାଇପାସ ଛକଠାରୁ ଏକ ରାଲି ବାହାରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରି କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ବିଜେଡିର ସମସ୍ତ କାଉନ୍‌ସିଲର, ମହିଳାପୁରୁଷ ଓ ଯୁବଛାତ୍ରମାନେ ସାମିଲ ହୋଇଥିଲେ। ଏହି ପ୍ରତିବାଦରେ ବିଜେଡି ନେତୃତ୍ୱମାନେ ଡବଲ ଇଞ୍ଜିନ ସରକାରର ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ।


କଳିଙ୍ଗନଗର ଉପଜିଲାପାଳଙ୍କୁ ବିଜେଡି ନେତା ଓ କର୍ମୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଖରସ୍ରୋତା ପୁସ୍ତକମେଳା ପ୍ରସ୍ତୁତି ବୈଠକ

**ସିଂହପୁର/ବିଞ୍ଝାରପୁର, ୨୨।୯ (ଅନଙ୍ଗ ଉଦୟ ବେଉରିଆ/ରାମକୃଷ୍ଣ ଦାସ)**

ଖରସ୍ରୋତା ପୁସ୍ତକ ମେଳା କମିଟି ପକ୍ଷରୁ ଆଗାମୀ ୩ୟ ପୁସ୍ତକ ମେଳା ଆସନ୍ତା ଡିସେମ୍ବର ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୭ ଦିନ ବ୍ୟାପୀ ଅବିଭକ୍ତ ଫତେପୁର ପଞ୍ଚାୟତର ମଲ୍ଲିଆ–ଦାଣ୍ଡିସାହି ଯଜ୍ଞ ପଡ଼ିଆରେ ଆୟୋଜନ ହେବ। ଏଥିଲାଗି ୪ର୍ଥ ପ୍ରସ୍ତୁତି ବୈଠକ ବରୁଣେଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମେଳା କମିଟିର ସଭାପତି ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଞ୍ଝାରପୁର ମଣ୍ଡଳର ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କୁ ଉତ୍ତରୀୟ ଓ ମା’ ବିରଜାଙ୍କ ତୈଳଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଅଜୟ କୁମାର ଓଝା, ବରିଷ୍ଠ ଉପଦେଷ୍ଟା ଗଦାଧର ପଢ଼ିଆରୀ, ଶ୍ରୀଧର ସାହୁ, ସନ୍ତୋଷ କୁମାର ବେଉରିଆ, ଗୁରୁ ଚରଣ ଥାଟୋଇ, ଅମ୍ବିକା ପ୍ରସାଦ ସାମଲ, ରମାକାନ୍ତ ନାୟକ, କୃଷ୍ଣ ଚନ୍ଦ୍ର ଥାଟୋଇ, ଦଶରଥ ସାହୁ, ଡା. ଭାଗ୍ୟରଥି ମଲ୍ଲିକ, ସରୋଜ କୁମାର ମଲ୍ଲିକ, ପୁରୁଷୋତ୍ତମ ନାୟକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ।

# ନୂଆଦିଲ୍ଲୀରେ ବୋଦୁଅ ସରପଞ୍ଚଙ୍କୁ ସମ୍ବର୍ଦ୍ଧନା

**ବରୀ,୨୨।୯(ମହେନ୍ଦ୍ର ସ୍ୱାଇଁ):**

ନୂଆଦିଲ୍ଲୀସ୍ଥିତ ସରପଞ୍ଚ ସମ୍ବାଦ ପରିବାରର ୨ବର୍ଷ ପୂର୍ତ୍ତି ଅବସରରେ ଶନିବାର ଆୟୋଜିତ ଜାତୀୟ ଗୁଣବତ୍ତା ସମ୍ମିଳନୀର ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶାରୁ ୨ ଜଣ ସରପଞ୍ଚଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ବୋଦୁଅ ପଞ୍ଚାୟତର ସରପଞ୍ଚ ଦେବୀ ପ୍ରସାଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହା ଜଣାପଡ଼ିବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ, କେନ୍ଦ୍ର ପଞ୍ଚାୟତିରାଜ ସଚିବ ବିବେକ ଭରଦ୍ୱାଜ, ଜଳଶକ୍ତି ବିଭାଗ ସଚିବ ଅଶୋକ କେ. ମୀନା, କେନ୍ଦ୍ରୀୟ ପାନୀୟ ଜଳ ଓ ପରିମଳ ବିଭାଗ ଅଧ୍ୟକ୍ଷ ଜାକ୍କି ଶାହା ଉପସ୍ଥିତ ରହି ସରକାରଙ୍କ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସୁଥିବା ବିଭିନ୍ନ ପାଣ୍ଠିର ସଦୁପଯୋଗ କରିବା ସହ ସମାଜର ଶେଷ ବର୍ଗରେ ଥିବା ଲୋକମାନଙ୍କ ନିକଟରେ ଯେଭଳି ସମସ୍ତ ସୁବିଧା ଉପଲବ୍ଧ ହୋଇପାରିବ ସେ କ୍ଷେତ୍ରରେ ଗୁରୁତ୍ୱାରୋପ କରିଥିଲେ। ସମ୍ବର୍ଦ୍ଧିତ ହେବା ପରେ ସରପଞ୍ଚ ମିଶ୍ର କହିଛନ୍ତି, ଜନ ପ୍ରତିନିଧିମାନେ ଆନ୍ତରିକତାର ସହ ଲୋକମାନଙ୍କ ସମସ୍ୟା ସମାଧାନ କରିବା କ୍ଷେତ୍ରରେ ଉଦ୍ୟମକଲେ ଦେଶର ବିକାଶ ସମ୍ଭବ ହୋଇପାରିବ।


ଅତିଥିଙ୍କ ଗହଣରେ ବୋଦୁଅ ପଞ୍ଚାୟତର ସରପଞ୍ଚ ଦେବୀ ପ୍ରସାଦ ମିଶ୍ର।

# ମୃତ ବୃଦ୍ଧଙ୍କ ପରିବାରକୁ ଭେଟିଲେ ଅଶୋକ ଦାସ ଫାଉଣ୍ଡେଶନର କର୍ମକର୍ତ୍ତା

**ପାଣିକୋଇଲି, ୨୨।୯(ବିକାଶ ଚନ୍ଦ୍ର ମଲ୍ଲିକ)**

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ବର୍ତ୍ତମଣା ଗ୍ରାମରେ ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ ହେବା ପରେ ସୋମବାର ପରିବାରକୁ ଅଶୋକ ଦାସ ଫାଉଣ୍ଡେଶନ ଭେଟି ସହାୟତା ପ୍ରଦାନ କରିଛି। କୋରେଇ ସଂଯୋଜକ ସୁବାସ ଧଳ, ମହାସଚିବ ଭବ ପ୍ରସାଦ ଦାସ ପ୍ରମୁଖ ପରିବାର ନିକଟରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। ଦାମୋଦର ସାହୁ, ବଳରାମ ସାହୁ, ସୁବାସ ସାହୁ, ପୀତାମ୍ବର ଦାସ, ମନୁ ଦାସ, ନାଣ୍ଟୁ ମଲିକ ପ୍ରମୁଖ ସେଠାରେ ଉପସ୍ଥିତ ରହିଥିଲେ। ବର୍ତ୍ତମଣା ଗ୍ରାମର ନାରାୟଣ ମୁଦୁଲି (୭୩) ରବିବାର ବର୍ତ୍ତମଣା ବଡପୋଖରୀ ଶୌଚ ହେବାକୁ ଯାଇ ବୁଡିଯିବାରୁ ମୃତ୍ୟୁ ହୋଇଥିଲା। କରୋନା ସମୟରେ ନାରାୟଣଙ୍କ ଏକ ମାତ୍ର ପୁତ୍ର ନରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ନରେନ୍ଦ୍ରଙ୍କ ୨ ପୁତ୍ରର ଏକମାତ୍ର ଭରସା ସାଜିଥିଲେ ନାରାୟଣ। ଘରେ ଜଣେ ଭଉଣୀ ବିବାହ ନ କରି ଟିଉସନ କରି ପରିବାରର ଭାର ସମ୍ଭାଳି ଥିଲେ। ଗ୍ରାମରେ ନାରାୟଣଙ୍କ ମୃତଦେହ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଥିଲା।

# କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୃଷକ ସଚେତନତା

## ଧାନ, ପନିପରିବା ଚାଷ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

**ରସୁଲପୁର,୨୨।୯(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ପଞ୍ଚାୟତର ୨୫ଜଣ ଅଗ୍ରଣୀ ଚାଷୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ର–ବଡ଼ଚଣା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ ଉଦ୍‌ଘାଟନ କରିଥିଲେ। ଶିବିର ଜରିଆରେ କେନ୍ଦ୍ରର କୃଷି ବିଜ୍ଞାନୀମାନେ ସମ୍ବଳ ଅଧିକାରୀ ଭାବେ ଯୋଗଦେଇ କୃଷକମାନଙ୍କୁ ଧାନ, ତୈଳବୀଜ, ପନିପରିବା ଓ ଫୁଲଫଳ ଆଦି ଚାଷର ଆଧୁନିକ କୃଷି ପ୍ରଣାଳୀ ଓ ଜ୍ଞାନକୌଶଳକୁ ବ୍ୟବହାର କରିବା, ରୋଗପୋକ ନିୟନ୍ତ୍ରଣ, ଅଧିକ ଉତ୍ପାଦନକ୍ଷମ ବିହନ ବ୍ୟବହାର କରିବା ଆଦି ସମ୍ପର୍କରେ ବୁଝାଇଥିଲେ। କେନ୍ଦ୍ରର କ୍ଷେତ୍ର ବିଜ୍ଞାନୀ ବୈଜ୍ଞାନିକ ଡ. ଲଳିତ କୁମାର ମହାନ୍ତି ଅଧିକ ଅମଳକ୍ଷମ ଧାନ ଫସଲ, ଚାଷ ପୂର୍ବ ଓ ପରବର୍ତ୍ତୀ ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅଞ୍ଚଳର ଚାଷୀମାନେ କେଉଁ କିସମର ଧାନ ଓ ତୈଳବୀଜ ଫସଲ ପ୍ରତି ଆଗ୍ରହ ରଖୁଛନ୍ତି ତା’ର ଉପରେ ଦୃଷ୍ଟିରଖି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍ୟାନ କୃଷି ବିଶେଷଜ୍ଞ ବୈଜ୍ଞାନିକ ଡ. ବବିତା ମିଶ୍ର ବ୍ଲକ ଅଞ୍ଚଳ ପନିପରିବା ଚାଷରେ ଅଗ୍ରଣୀ ଥିବାରୁ ବିଭିନ୍ନ କିସମର ପନିପରିବା ଓ ଫୁଲଫଳ ଚାଷ କରିବା ଉପରେ ଚାଷୀମାନଙ୍କୁ ବୁଝାଇ ଥିଲେ। ଏହି କିସମର ଫସଲକୁ ରୋଗପୋକ ନିୟନ୍ତ୍ରଣ କରିବାକୁ ରହିଥିବା ଘରୋଇ ଉପଚାର, ମାଟିକୁ କ୍ଷତିବିହୀନ ରାସାୟନିକ ସାର ଓ ଔଷଧ ବ୍ୟବହାର, କେଉଁ ସମୟରେ କି ପ୍ରକାର ସାର ଔଷଧ ଆଦି ବ୍ୟବହାର କରାଯିବା ସମ୍ପର୍କରେ ଚାଷୀମାନଙ୍କୁ ବିଭିନ୍ନ ଉଦାହରଣ ଦେଇ ସୂଚନା ଦେଇଥିଲେ। ଏହାଛଡ଼ା ଉପସ୍ଥିତ ଶିବିରାର୍ଥୀମାନେ କୃଷି ବିଜ୍ଞାନୀମାନଙ୍କଠାରୁ ବିଭିନ୍ନ ଜ୍ଞାନକୌଶଳ ସମ୍ପର୍କରେ ଜ୍ଞାନ ଆହରଣ କରିବା ସହ ଫସଲର ସ୍ଥିତିକୁ ନେଇ ସେମାନଙ୍କ ମନରେ ଉଙ୍କି ମାରୁଥିବା ନାନା ପ୍ରଶ୍ନ ପଚାରି ସନ୍ଦେହ ମୋଚନ କରିଥିଲେ। ରୋଗପୋକ ନିୟନ୍ତ୍ରଣ ପାଇଁ କେଉଁ ପ୍ରକାର ଔଷଧ ବ୍ୟବହାର କରିବେ ସେ ସମ୍ପର୍କରେ ଲିଖିତ ଭାବେ ଚାଷୀମାନଙ୍କୁ ଜଣାଇବା ସହ ଉକ୍ତ କିସମର କୀଟନାଶକ ଔଷଧ ଉପଲବ୍ଧ ନ ହେଲେ କୃଷି ବିଜ୍ଞାନୀମାନଙ୍କ ସହ ପରାମର୍ଶ କରି ଭିନ୍ନ ପ୍ରକାର ଔଷଧ ବ୍ୟବହାର କରିବା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ଦାସ, ଏଡିଇଓ ବିଶ୍ୱନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ରସୁଲପୁର ବ୍ଲକ ଉଦ୍ୟାନ କୃଷି ସହାୟକ ସୁରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଆଗ୍ରହୀ ଚାଷୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କେଉଁ ଫସଲରେ କି ପ୍ରକାର ସହାୟତା ଦିଆଯାଉଛି ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।



ଶିବିରରେ କୃଷି ବୈଜ୍ଞାନିକ, ଅତିଥିମାନେ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

# ତିନିମୁହାଣି ଫେରିଘାଟରେ ୨୫ ଫୁଟ୍‌ର ବଉଳା କୁମ୍ଭୀର

■ ଛେଳି, ମେଣ୍ଢା, ବତକ ପଦା କଲାଣି
■ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲରେ ୩ କୁମ୍ଭୀର ପ୍ରବେଶ
■ ଆତଙ୍କିତ କେନାଲ କୂଳ ବାସିନ୍ଦା

ମହାକାଳପଡ଼ା, ୨୨।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗୋବରୀ ମାଉଥ ୱାନ୍ ବଉଳକଣି -ଜମ୍ବୁ - କେବି ଦାଣ୍ଡୁଆ ପଞ୍ଚାୟତର ସଙ୍ଗମସ୍ଥଳ ତିନି ମୁହାଣି ଫେରିଘାଟରେ ଏକ ୨୫ ଫୁଟ୍‌ରୁ ଅଧିକ ଲମ୍ବର ବିଶାଳ ବଉଳା କୁମ୍ଭୀର ଆତଙ୍କ ଖେଳାଇଛି। ଫଳରେ ଡଙ୍ଗାପାର ସମୟରେ କୁମ୍ଭୀରଟି ଡଙ୍ଗା ନିକଟରେ ଭାସୁଥିବା ଦେଖାଯାଉଛି। ନଦୀକୂଳ ବାସିନ୍ଦାଙ୍କ ଛେଳି, ମେଣ୍ଢା, ବତକ ଓ ଗୋରୁଙ୍କୁ ଆକ୍ରମଣ କରିବା ନେଇ ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସ୍ଥାନୀୟ ଲୋକେ ନଦୀରୁ ମାଛ, କଙ୍କଡ଼ା ଧରି ପରିବାର ପ୍ରତିପୋଷଣ କରୁଥିଲେ। ଅଦ୍ୟାବଧି ଲୋକମାନେ ନଦୀକୁ ପ୍ରବେଶ କରିବା ପାଇଁ ଭୟ କରୁଛନ୍ତି। କେବଳ ଏହି କୁମ୍ଭୀର ନୁହେଁ , ସ୍ଥାନୀୟ ଅଞ୍ଚଳର ପଠାଣପେଟା, ଜମ୍ବୁ, ବେଣାକନ୍ଧା, ମିଳନମୋଡ଼, ତରପଦା, ରଡ଼ିଆ, ବଅଡ଼ି, ବାବର, ଇଟାକଣ୍ଡିଆ,



କାଉଶପାଳ ଗ୍ରାମ ସଂଲଗ୍ନ ଗୋବରୀ ନଦୀ କୂଳର ତିନିମୁହାଣି ଫେରି ଘାଟରେ ବିଶାଳ ବଉଳା କୁମ୍ଭୀର।

ଏକଲପୁର ଘାଟ, ମାଳିଅଞ୍ଚ ଘାଟ, ବିଜୟନଗର ଘାଟ, ଦେଉଳପଡ଼ା, ଚଣ୍ଡିଆପଲ୍ଲୀ, ଓରତଘାଟ ଓ ଜାଲକଣା ଆଦି ଗ୍ରାମ ନିକଟ ଗୋବରୀ ନଦୀରେ ବହୁ ସଂଖ୍ୟାରେ ଛୋଟଠାରୁ ବଡ଼ ବଉଳା କୁମ୍ଭୀର ଦେଖିବାକୁ ମିଳିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ବନ ବିଭାଗ ପକ୍ଷରୁ ବିଭିନ୍ନ ଘାଟକୂଳ ଗାଧୁଆତୁଠରେ ତାରଜାଲି ବାଡ଼ା ତିଆରି କରିଥିଲେ ମଧ୍ୟ ଏହା ନିମ୍ନମାନର ହୋଇଥିବା ଯୋଗୁ ଅନେକ ସ୍ଥାନରେ ତାହା ନଷ୍ଟହୋଇ ଗଲାଣି। ସେଥିପାଇଁ ବନ ବିଭାଗ ଅଧିକାରୀ ଦୃଷ୍ଟିଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅପରପକ୍ଷରେ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲରେ ୩ କୁମ୍ଭୀର ପ୍ରବେଶକରି ଆତଙ୍କ ସୃଷ୍ଟି କରୁଛନ୍ତି ବୋଲି ସ୍କୁଲଘେରି ଗ୍ରାମର ମନି ବିଶ୍ୱାସ, ଦିଲୀପ ମଣ୍ଡଳ ଓ କୃପାସିନ୍ଧୁ ହାଲ୍‌ଦାର ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ରେଞ୍ଜ ଅଧିକାରୀ ଶାନ୍ତନୁ କୁମାର ଦଳାଇଙ୍କୁ ପଚାରିବାରୁ ବନ ବିଭାଗ ପକ୍ଷରୁ ନଦୀକୂଳ ଲୋକଙ୍କୁ ନଦୀକୁ ପ୍ରବେଶ ପାଇଁ ସଚେତନତା ସୃଷ୍ଟି କରାଯାଇଛି ବୋଲି ସେ କହିଛନ୍ତି।

# କମ୍ ମଦ ଧରି ଅଧିକ ଦେଖାଇ ୨ କୋର୍ଟ ଚାଲାଣ: ଆଇଆଇସି

## ଶାନ୍ତି କମିଟି ବୈଠକ

ରାଜନଗର,୨୨।୯(ଭାସ୍କର ରାଉତରାୟ)

ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ କିପରି ମିଛ ତଥ୍ୟ ଦେଖାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ସେ ନିଜେ ସ୍ୱୀକାର କରିଛନ୍ତି। ସୋମବାର ରାଜନଗର ଥାନାରେ ପୋଲିସ ପକ୍ଷରୁ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ଏକ ବୈଠକ ଡକାଯାଇଥିଲା। ଏଥିରେ ତହସିଲଦାର ଯିଶୁକୃଷ୍ଣ ଦାସ ଉପସ୍ଥିତ ଥିଲେ। ଚୋରା ମଦ, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ କରୁଥିବାରୁ ବ୍ୟବସାୟୀମାନେ ଦଶହରା ୩ ଦିନ ଏହାକୁ ବନ୍ଦ କରିବାକୁ ଦାବି କରିଥିଲେ। ଆଇଆଇସି ସାହୁ ଆମେ ପୂର୍ବରୁ ଏ ଦିଗରେ ପଦକ୍ଷେପ ନେଇଛୁ, ମଦ ନ ବାହାରିଲେ ମଧ୍ୟ ଅଧିକ ଜବତ କରିଥିବା ଦର୍ଶାଇ ଲୋକଙ୍କୁ ଜେଲ ପଠାଉଛୁ। ଗତ ଦୁଇ ଦିନ ଭିତରେ ଦୁଇ ଜଣଙ୍କୁ ମିଛ ତଥ୍ୟରେ ଜେଲ ପଠାଇଛୁ। ୧୦ ଲିଟରରୁ କମ୍ ମଦ ଜବତ



ଶାନ୍ତି କମିଟି ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

କରି କୋର୍ଟ ଚାଲାଣ କଲେ ମାଜିଷ୍ଟ୍ରେଟ ଆମ ଉପରେ ବିଗୁଡୁଛନ୍ତି। ଫରୱାର୍ଡ ନ କରିବା ପାଇଁ କହି ବେଲ୍ ଦେଇ ଆଇନ ଅନୁଯାୟୀ ଦେଉଛନ୍ତି । ସେଥିପାଇଁ ମଦ ନ ବାହାରିଲେ ମଧ୍ୟ ଅଧିକ ମଦ ଦେଖାଇ ୨ଜଣଙ୍କୁ କୋର୍ଟ ଚାଲାଣ କରୁଛୁ ବୋଲି ଆଇଆଇସି ବୈଠକରେ ସ୍ୱୀକାର କରିଛନ୍ତି। ୨ ଜଣ ବାରିମୂଳ ଜେଲରେ ଥିବା ଜଣାପଡ଼ିଛି। ୩ ଦିନ ଭିତରେ ଦୁଇ ଜଣଙ୍କୁ କୋର୍ଟ ଚାଲାଣ ପାଇଁ ଆଇନରେ ବ୍ୟବସ୍ଥା ନ ଥିଲେ ମଧ୍ୟ ମିଛ ତଥ୍ୟ ଦେଇ କୋର୍ଟ ଚାଲାଣ କରିଥିବା ବୈଠକରେ କହିଛନ୍ତି । କମ୍ ମଦ ଧରିଥିଲେ ମଧ୍ୟ ଅଧିକ ଜବତ ଦର୍ଶାଇ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରାଜନଗର ଥାନା ଆଇଆଇସି ସାହୁ କହିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାଯୋଗ୍ୟ, ଦୁଇଦିନ ତଳେ ଆଇଆଇସି ପ୍ରେସ୍ ରିଲିଜ କରି ରାଜନଗର ଗାଁର ସିଦ୍ଧାର୍ଥ ମଲ୍ଲିକଙ୍କଠାରୁ ୬୯ଟି ୧୮୦ ଏମ୍‌ଏଲ୍ ମଦ ଅର୍ଥାତ ୧୨ ଲିଟର ୪୨୦ ଗ୍ରାମ ଜବତ କରିଥିବା ନେଇ ସୂଚନା ଦେଇଥିଲେ। ପରିବାର ଲୋକେ ଅଳ୍ପ ମଦ ଜବତ କରାଯାଇଥିବାରୁ ସିଦ୍ଧାର୍ଥଙ୍କୁ କିପରି କୋର୍ଟ ଚାଲାଣ କରାଗଲା ସେ ନେଇ ବିସ୍ମିତ ହୋଇଥିଲେ।

# ଲୁଣା ଜଙ୍ଗଲ ଉପରେ ପ୍ରଶିକ୍ଷଣ ନେଲେ ୪୦ ଫରେଷ୍ଟର



ପ୍ରଶିକ୍ଷଣ ନେଇଥିବା ଫରେଷ୍ଟର ।

ରାଜନଗର,୨୨।୯(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନର ଲୁଣା ଜଙ୍ଗଲ ଉପରେ ପ୍ରଶିକ୍ଷଣ ନେଇଛନ୍ତି ୪୦ ଫରେଷ୍ଟର। ନିକୋଲସନ ଫରେଷ୍ଟ ଟ୍ରେନିଂ ସ୍କୁଲ ଚମ୍ପୁଆ, କେନ୍ଦୁଝରର ୪୦ ଫରେଷ୍ଟର ପ୍ରଶିକ୍ଷାର୍ଥୀ ଭିତରକନିକା ଜାତୀୟ ଉଦ୍ୟାନ ପରିଦର୍ଶନରେ ଆସି ବଉଳା କୁମ୍ଭୀର, ଲୁଣା ଜଙ୍ଗଲ ଓ ଏହାର ବିଶେଷତ୍ୱ ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଛନ୍ତି। ରାଜନଗର ବନଖଣ୍ଡ ଅଧିକାରୀ ବର୍ଦ୍ଧରାଜ ଗାଓଁକର, ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ସମେତ ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସନ୍ନ କୁମାର ନାୟକ ସେମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଅଭିଯୋଗ ଶୁଣାଣି

## ୬୭ ରୁ ୧୧ ସାମୂହିକ ଅଭିଯୋଗ

ଡେରାବିଶ, ୨୨।୯ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ପଞ୍ଚାୟତ ସମିତି ସଭାଗୃହରେ ସୋମବାର କେନ୍ଦ୍ରାପଡ଼ା ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରଘୁରାମ ଆର୍ ଅୟର ଓ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଉପସ୍ଥିତ ରହି କେତେକ ଅଭିଯୋଗର ତ୍ୱରିତ ଶୁଣାଣି କରିଥିବା ବେଳେ ଅବଶିଷ୍ଟକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଇ ଏହାର ଯାଞ୍ଚକରି ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୬୭ ଅଭିଯୋଗ ଆସିଥିବା ବେଳେ ଏଥିରୁ ୧୧ ସାମୂହିକ ଓ ଅନ୍ୟ ୫୬ଟି ବ୍ୟକ୍ତିଗତ ରହିଥିଲା।

ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଉପଜିଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର(ସାଧାରଣ ଓ ବିବିଧ) ତୃପ୍ତି ମହାନ୍ତି, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲ୍ଲିକ, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ବିଡିଓ ନମିତା ବାରିକ ଓ ତହସିଲଦାର ସରୋଜକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ବ୍ଲକ୍ ଅଧୀନ କୁରୁଜଙ୍ଗା ପଞ୍ଚାୟତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବରୁ ୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଦୟନୀୟ



ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ ଅଭିଯୋଗ ଶୁଣୁଛନ୍ତି।

ଅବସ୍ଥାରେ ଗୋଟିଏ ଘରେ ଖୁନ୍ଦାଖୁନ୍ଦି ହୋଇ ପାଠ ପଢ଼ିବା ଓ ଏହାର ମୁଖ୍ୟ ରାସ୍ତା ଓ ଶୌଚାଳୟର ଅବ୍ୟବସ୍ଥା, ରତାଦିଆ ଖଣ୍ଡସାହି ପଞ୍ଚାୟତ ଅଧୀନ କମିଲୋଦାସପୁର ଓ ତେଲଦିଆ ଗ୍ରାମବାସୀ ବସୁଧା ଯୋଜନାରେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେବା, ଜଅାଁରା ବାରିମୂଳ ପଞ୍ଚାୟତରେ ବେନିୟମ ଭାବେ ବ୍ୟକ୍ତିଗତ ଓ ଗୋଚର ଜମିରେ ନିର୍ମାଣ ହୋଇଥିବା ରାସ୍ତା ସମ୍ପର୍କରେ ପଞ୍ଚାୟତବାସୀ ପୂର୍ବରୁ ଜିଲାପାଳ ଓ ବିଡିଓଙ୍କୁ ଅଭିଯୋଗ ସତ୍ତ୍ୱେ ବ୍ଲକ ପ୍ରଶାସନ ସମସ୍ତ ନିୟମକାନୁନ ନ ମାନି ଏହାର ବିଲ୍ ବାବଦ ଅର୍ଥ ପୈଠ କରାଯିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା।

ସେହିପରି ଜିଲାର ସମ୍ବେଦନଶୀଳ ଘଟଣା ହୋଇଥିବା କାଉପଡ଼ା ପଞ୍ଚାୟତ ନିଳିକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଭଙ୍ଗାଯାଇଥିବା ପ୍ରତିମୂର୍ତ୍ତିର ମରାମତିକରି ପୁନର୍ବାର ସ୍ଥାପନ କରାଯିବା ଘଟଣାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ଜିଲା କୃଷକ ବିକାଶ ପରିଷଦ ସଭାପତି ଆଇନଜୀବୀ ବିଜୟ କୁମାର ପରିଡ଼ା ଜିଲାପାଳଙ୍କୁ ଅଭିଯୋଗ ଦେଇ ଏହି ଘଟଣା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ମିଶନ ଶକ୍ତି ବିଭାଗ ଅଧୀନ ସମସ୍ତ ପଞ୍ଚାୟତରେ ନିଯୁକ୍ତି ପାଇଥିବା ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କମିତ୍ରମାନେ ସେମାନଙ୍କ ବିଭିନ୍ନ ଦାବି ନେଇ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ଶିବିରରେ ସେମାନଙ୍କ ମୁଖ୍ୟ ଦାବି ଯଥା ୬ମାସର ବକେୟା ଦରମା ତୁରନ୍ତ ଦିଆଯିବା, ସ୍ଥାୟୀ ନିଯୁକ୍ତି ଓ ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଇନିସିଏଟିଭ ବୋନସ ବାତିଲକରିବା ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ଦାବିପତ୍ର ସମ୍ପୃକ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଇବ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସେହିପରି ଭତ୍ତା, ରାଶନ କାର୍ଡ ଓ ଆବାସ ଯୋଜନା ପରି ବ୍ୟକ୍ତିଗତ ଅଭିଯୋଗ ନେଇ ଶିବିରରେ ଅଭିଯୋଗକାରୀମାନେ ପହଞ୍ଚିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋରଞ୍ଜନ ରାଉତ, ସିଡିଭିଓ ଡା. ମନୋଜ କୁମାର ପ୍ରହରାଜ, ଡିଆର୍‌ସିଏସ୍ ପ୍ରଭାକର ନାୟକ, ଜଳ ସମ୍ପଦ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ, ସହକାରୀ ଯୋଗାଣ ଅଧିକାରୀ ପ୍ରୀତମ ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କୁମାର ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଜଗନ୍ନାଥ ସାହୁ, ଗ୍ରାମ ପାନୀୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଦେବଦତ୍ତ ଦାସ ଓ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଦେବଦତ୍ତ ଶତପଥୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲା ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଡେରାବିଶ/ ପାଟକୁରା, ୨୨।୯
(ବେବର୍ତ୍ତା ଅଜୟ ଦାସ/ ରବୀନ୍ଦ୍ର ନାଥ ବାରିକ)

ଭାଜପା ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ କେନ୍ଦ୍ରାପଡ଼ା ଜିଲା ସମସ୍ୟା ସମାଧାନ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୋମବାର ସ୍ମାରକପତ୍ର ଦେଇଛନ୍ତି। ଏ ସମ୍ପର୍କରେ ପଟ୍ଟନାୟକ କହିଛନ୍ତି, ଉପକୂଳ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷିଭିତ୍ତିକ, ଏଠାରେ ଶିଳ୍ପ ନାହିଁ । ତେବେ ଏହା ଐତିହ୍ୟସମ୍ପନ୍ନ ଜିଲା । ସାହିତ୍ୟ, ସଙ୍ଗୀତ, ରାଜନୈତିକ କ୍ଷେତ୍ରରେ ସ୍ୱାଧୀନତା ପୂର୍ବକାଳରୁ ସମୃଦ୍ଧ ।

ଏହାବ୍ୟତୀତ ଆଧ୍ୟାତ୍ମିକ କ୍ଷେତ୍ର ଓ ଭିତରକନିକା ପରି ବିଭିନ୍ନ ପର୍ଯ୍ୟଟନ ସ୍ଥଳ ରହିଛି। ଏହାସତ୍ତ୍ୱେ ରାଜ୍ୟର ବିଭିନ୍ନ ଜିଲା ବିକାଶ ସୂଚୀରେ ପଛୁଆ ଅଛି । ଜିଲାରେ ପ୍ରାୟ ୧୭ ଲକ୍ଷ ଲୋକ ଅଛନ୍ତି । ଉନ୍ନତ ଓ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପାଇଁ ମେଡିକାଲ କଲେଜ ପ୍ରତିଷ୍ଠା ଜରୁରୀ । ଏହି ମୌଳିକ ଆବଶ୍ୟକତା ପାଇବା ପାଇଁ ଜିଲାବାସୀ କଟକ ଓ ଭୁବନେଶ୍ୱରକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ମେଡିକାଲ କଲେଜ ସହ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା, କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି ପାଇଁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଆଦିକୁ ନେଇ ଜିଲାବାସୀ ବାରମ୍ବାର ଆନ୍ଦୋଳନ କରି ଆସିଛନ୍ତି। ଶିଳ୍ପ ହେଉଛି ବିକାଶର ରାସ୍ତା ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭାଜପା ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

କେନ୍ଦ୍ରାପଡ଼ା ଜିଲାରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପୂର୍ବ ସରକାରର ମିଛ ପ୍ରତିଶ୍ରୁତି ଥିଲା । ଜିଲାବାସୀଙ୍କ ସାମୂହିକ ଉନ୍ନତି ପାଇଁ ଷ୍ଟିଲ୍ ପ୍ଲାଣ୍ଟ ସହ କୃଷିଭିତ୍ତିକ ଶିଳ୍ପକୁ ଅଗ୍ରାଧିକାର ଦେବା କଥା । ଫଳରେ ଏହି ଜିଲାର ଅର୍ଥନୀତିରେ ବଡ଼ ଧରଣର ପରିବର୍ତ୍ତନ ଆସିପାରିବ । ଏଥିସହ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ସୁଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନାକରି ସ୍ମାରକପତ୍ର ପ୍ରଦାନ କରିଥିବା ସେ କହିଛନ୍ତି।

## ପାଣିରେ ବୁଡ଼ି ୩ ବର୍ଷର ଶିଶୁପୁତ୍ର ମୃତ

ରାଜନଗର,୨୨।୯(ଭାସ୍କର ରାଉତରାୟ)

ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ହଂସୁଆ(ଗୁଳା) ଗ୍ରାମର ପ୍ରଦୀପ ଦାସଙ୍କ ପୁତ୍ର ପ୍ରିୟାଂଶୁ(୩) ଘର ପାଖରେ ସୋମବାର ଖେଳୁଥିଲା। ସମସ୍ତଙ୍କ ଅଲକ୍ଷ୍ୟରେ ନିକଟରେ ଥିବା ପୋଖରୀରେ ପଡ଼ି ଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ପୋଖରୀରୁ ପ୍ରିୟାଂଶୁକୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ତାକୁ ମୃତ ଘୋଷଣା କରିଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଗଣଧାରଣା

ମାର୍ଶାଘାଇ,୨୨।୯(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଗଣଧାରଣା ପ୍ରୋତ୍ସାହନ ରାଶି ପରିବର୍ତ୍ତେ ନିର୍ଦ୍ଦିଷ୍ଟ ପାରିଶ୍ରମିକ ଦାବୀରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯାଇଛି । ମାର୍ଶାଘାଇ ବ୍ଲକରେ କାର୍ଯ୍ୟରତ ଏମ୍‌ବିକେ, ବ୍ୟାଙ୍କ ମିତ୍ର ଏବଂ ସିଆରପିମାନେ ଏହି ଗଣ ଧାରଣାରେ ସାମିଲ ହୋଇଥିଲେ । ସରକାରଙ୍କ ତରଫରୁ ଯଦି ସେମାନଙ୍କ ଦାବୀ ପୂରଣକରା ନ ଯାଏ ତେବେ ପଞ୍ଚାୟତସ୍ତରରେ କୌଣସି କାର୍ଯ୍ୟ କରିବେ ନାହିଁ ବୋଲି କହିଛନ୍ତି ।



ଧାରଣାରେ ବସିଥିବା କମ୍ୟୁନିଟି ଷ୍ଟାଫ୍ ।

# ୩ୟ ଦିନରେ ପଟ୍ଟାମୁଣ୍ଡାଇରୁ ଜବର ଦଖଲ ଉଚ୍ଛେଦ

## ଉଠାଦୋକାନୀଙ୍କୁ ଥଇଥାନ ପାଇଁ ଦାବିପତ୍ର

ପଟ୍ଟାମୁଣ୍ଡାଇ, ୨୨।୯(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରରେ ଚାଲିଥିବା ଜବର ଦଖଲ ଉଚ୍ଛେଦ ଅଭିଯାନ ସୋମବାର ୩ୟ ଦିନରେ ପହଞ୍ଚିଛି । ଗତ ଶୁକ୍ରବାରରୁ ଆରମ୍ଭ ହୋଇଥିବା ଉଚ୍ଛେଦ ରବିବାର ଛୁଟି ଦିନ ପାଇଁ ବନ୍ଦଥିଲା । ସୋମବାର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ବିଦ୍ୟୁତ୍ ବିଭାଗ ଅଫିସ ନିକଟରୁ ଅପରାହ୍ନରେ ବାଳିକା ବିଦ୍ୟାଳୟ ପର୍ଯ୍ୟନ୍ତ ଭଙ୍ଗା ଯାଇଥିଲା । ରାସ୍ତାକଡ଼ରେ ଉଠା ପରିବା ଦୋକାନ ସଂପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ପରିବା ସଙ୍କଟ ଦେଖାଦେଇଛି। ଉଚ୍ଛେଦ ହୋଇଥିବା ଉଠା ଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ଉଠାଦୋକାନୀଙ୍କୁ ଥଇଥାନ ନ କରି ଉଚ୍ଛେଦ କରାଯାଇଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଉଠା ଦୋକାନୀ ସଂଘ ସଭାପତି ଗୋପୀ ବଲ୍ଲଭ ନାୟକ, ଉପସଭାପତି ପ୍ରଭାତ ମଲିକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ



ଜବରଦଖଲ ଉଚ୍ଛେଦ କରାଯାଉଛି।

ପ୍ରମୁଖ ପ୍ରଶାସନ ସହ ଆଲୋଚନା କରିବା ସହିତ ଉଠାଦୋକାନୀଙ୍କୁ ତୁରନ୍ତ ଥଇଥାନ ପାଇଁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଉଚ୍ଛେଦ ଉଠା ଦୋକାନୀଙ୍କ ଅସନ୍ତୋଷ ମଧ୍ୟରେ ସୋମବାର ପୁନଃରାୟ ଜବର ଦଖଲ ଉଚ୍ଛେଦ କରାଯାଇଛି । ବିଦ୍ୟୁତ୍ ବିଭାଗ ଅଫିସଠାରୁ ପୂର୍ତ୍ତ ବିଭାଗ ଅଫିସ, ସବ୍ ଡିଭିଜନ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ ପରେ ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା ଏଥିରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାଏକ, ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପୋଲିସ ବାହିନୀ ସହିତ ସାମିଲ ହୋଇଥିଲେ। ରାସ୍ତାକଡ଼ରେ ଉଠାଦୋକାନ କରି ପରିବା ବ୍ୟବସାୟ କରୁଥିବା ଦୋକାନ ଭାଙ୍ଗିଯାଇଛି । ଯାହାକୁ ନେଇ ୩/୪ ଦିନ ହେବ ସହରରେ ସମସ୍ତ ପରିବା ଦୋକାନୀ ବ୍ୟବସାୟ ବନ୍ଦ କରିଛନ୍ତି । କ୍ଷତିଗ୍ରସ୍ତ ପରିବା ବ୍ୟବସାୟୀ ଧର୍ମଘଟ କଲାଭଳି ଜଣାପଡୁଛି । ଫଳରେ ସ୍ଥାନୀୟ ଅଞ୍ଚଳରେ ପରିବା ସଂକଟ ଦେଖାଦେଇଛି । ଯାହା କିଛି ପାଖ ଆଖ ବଜାରରେ ମିଳୁଛି ମାତ୍ରାଧିକ ଚଢ଼ା ଦରରେ ମିଳୁଥିବାରୁ ଖାଉଟିମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ରାପଡ଼ା ଜିଲାପାଳ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ସହରରୁ ପରିବା ସଂକଟ ଦୂର କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।

# ରାଜନଗର ବ୍ଲକ ଆଗରେ ସ୍ୱୟଂସହାୟକ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ଅନଶନ

ରାଜନଗର, ୨୨।୯(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସମ୍ମୁଖରେ ଓଡ଼ିଶା ଲାଇଭ୍‌ଲିହୁଡ୍ ମିଶନ ଆନୁକୂଲ୍ୟରେ କାମ କରୁଥିବା ଏମ୍‌ବିକେ, ସିଆରପି,ବ୍ୟାଙ୍କ ମିତ୍ର, କୃଷି ମିତ୍ର ଓ ପ୍ରାଣୀ ମିତ୍ରରେ କାର୍ଯ୍ୟରତ ମହିଳାମାନେ ସୋମବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରି ଅନଶନରେ ବସିଛନ୍ତି। ବକେୟା ଦରମା ତୁରନ୍ତ ପ୍ରଦାନ କରିବା, ନିୟମିତ ଦରମା ପ୍ରଦାନ, କାର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ହାରରେ ପାରିଶ୍ରମିକ ବୃଦ୍ଧି ଓ ସ୍ଥାୟୀ ନିଯୁକ୍ତି ଦାବି ନେଇ ସ୍ୱୟଂ ସହାୟକ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଅନଶନରେ ବସିଛନ୍ତି ।



ଧାରଣାରେ ବସିଥିବା କର୍ମୀମାନେ ।

## ସଂକ୍ଷେପରେ

### ଶରଣକୁଳ ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଶରଣକୁଳ,୨୨।୯(ଦୀପକ କର)

ଶରଣକୁଳ ଥାନାରେ ନୂତନ ଥାନା ଅଧିକାରୀଭାବେ ସୁଜିତ କୁମାର ଦାସ ପୂର୍ବତନ ଥାନା ଅଧିକାରୀ ପରମାନନ୍ଦ ଦଳେଇଙ୍କଠାରୁ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାସ ପୂର୍ବରୁ ନୟାଗଡ଼ ଜିଲା ପୋଲିସ ଆଇୟୁସିଏଡବ୍ଲ୍ୟୁ ବିଭାଗରେ କାର୍ଯ୍ୟରତ ଥିଲା ବେଳେ ୨୦୨୪ ସାଧାରଣ ନିର୍ବାଚନରେ ଫତେଗଡ଼ ଥାନା ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହାବ୍ୟତୀତ ସେ ବ୍ରହ୍ମପୁର, ଗଞ୍ଜାମ, କମିଶନରେଟ୍ ପୋଲିସ ଅଧୀନ ତମାଣ୍ଡୋ ଓ ବାଲିଅନ୍ତା ଏବଂ ପୁରୀ ଜିଲା କୁମ୍ଭାରପଡ଼ା, କାକଟପୁର, ତାଳବଣିଆ ଓ କଣାସ ଥାନାରେ ଥାନା ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଶରଣକୁଳ ଥାନା ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରାଥମିକତା ରହିବା ସହ ଆଇନଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ ବଜାୟ ରଖିବା ତାଙ୍କର ମୁଖ୍ୟ ଉଦେଶ୍ୟ ବୋଲି ସେ କହିଛନ୍ତି।

### ଖଣ୍ଡପଡ଼ାରେ ଶୁଳିଆ କାଠି ପର୍ବ

ଖଣ୍ଡପଡା,୨୨।୯
(ଅଜୟ କୁମାର ମହାରଣା)

ଖଣ୍ଡପଡା ଅଞ୍ଚଳରେ ଶୁଳିଆ କାଠି ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି । ଶୁଳିଆ କାଠି ଦିଅଁ ସହର ପରିକ୍ରମା କରି ଖଣ୍ଡପଡା ରାଜବାଟୀ ପରିସରସ୍ଥିତ ପର୍ବ ଘରେ ପହଞ୍ଚିଥିବା ଜଣାପଡିଛି । ପାରମ୍ପରିକ ପ୍ରଥାନୁଯାୟୀ ଖଳିସାହି ତୋଟାହନୁମାନଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଳିଆ କାଠି ଦିଅଁକୁ ସେବାସୀମାନେ ସଙ୍ଗରେ ଧରି ଗ୍ରାମ ପରିକ୍ରମା କରି ଖଣ୍ଡପଡା ରାଜବାଟୀ ପରିସରସ୍ଥିତ ପର୍ବ ଘରେ ପହଞ୍ଚିଥିବା ଜଣାପଡିଛି । ଶୁଳିଆ କାଠି ଦିଅଁ ଖଣ୍ଡପଡାରେ ପହଁଚିବା ପରେ ଶ୍ରଦ୍ଧାଳୁ ମାନେ ଶୁଳିଆ କାଠି ଦିଅଁ ବିଜେ କରିବା ପରେ ସେଠାରୁ ପର୍ବ ଘରକୁ ଯାଇ ପୂଜା ପାଇଥାନ୍ତି। ପର୍ବ ଘରେ ଦଶହରା ପର୍ଯ୍ୟନ୍ତ ଷୋଡଶ ଉପଚାରରେ କାଠି ଦିଅଁ ପୂଜା ପାଇବାର ପରମ୍ପରା କେଉଁ ଆବାହମାନ କାଳରୁ ପ୍ରଚଳିତ ହୋଇ ଆସୁଛି।

### ତୃତୀୟ, ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା

ବୁଗୁଡ଼ା,୨୨।୯(କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ସ ହାଇସ୍କୁଲରେ ସୋମବାର ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ୧୬୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୪ ଜଣ ପରୀକ୍ଷା ଦେଇଥିବା ବେଳେ ୯ ଜଣ ଅନୁପସ୍ଥିତ ଥିଲେ। ପିପୁଲ୍ସ ହାଇସ୍କୁଲର ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଥିଲେ। ସେହିପରି ସ୍ଥାନୀୟ ଶ୍ରୀବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ମଧ୍ୟ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ମଧ୍ୟ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବିଇଓଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ୧୪୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୫ ଜଣ ପରୀକ୍ଷା ଦେଇଥିଲା ବେଳେ ୧୧ ଜଣ ଅନୁପସ୍ଥିତ ଥିଲେ। ଏସ୍‌ବିଏନ୍ ଗାର୍ଲସ୍ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଥିଲେ। ଉଭୟ କେନ୍ଦ୍ରରେ ପର୍ଯ୍ୟବେକ୍ଷକ ଭାବେ ବିଇଓ ଚିନ୍ମୟ ମହାପାତ୍ର ଓ ଏବିଇଓ ଅମିତା କୁମାରୀ ପାଢୀ ଯୋଗ ଦେଇଥିଲେ।

### ଅଭିଯୋଗ ଶୁଣିଲେ ଜିଲାପାଳ

ପାରଳାଖେମୁଣ୍ଡି,୨୨।୯
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ତାଳମୁଣ୍ଡା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁମିତା ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏସ୍‌ପି ଯତୀନ୍ଦ୍ର ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ଉପଜିଲାପାଳ ଅନୁପ ପଣ୍ଡା ଉପସ୍ଥିତ ଥିଲେ। ତାଳମୁଣ୍ଡା ପଞ୍ଚାୟତ ସମେତ ରାୟଗଡ, ଉମ୍ବାଲ ଓ ଜିରାଙ୍ଗ ପଞ୍ଚାୟତର ୫୬ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା।

# ପେସାରେ ରାଜମିସ୍ତ୍ରି, ନିଶା ସ୍ୱଚ୍ଛତା, ପରିବେଶ ସୁରକ୍ଷା

ଖଣ୍ଡପଡା,୨୨।୯
(ଅଜୟ କୁମାର ମହାରଣା)

ସାମ୍ପ୍ରତିକ ସ୍ଥିତିରେ ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛତା ଅପରିହାର୍ଯ୍ୟ ହୋଇପଡିଛି । ଏଥି ପାଇଁ ଦେଶ ତଥା ରାଜ୍ୟରେ ନୂତନ ଜଙ୍ଗଲ ସୃଷ୍ଟି ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଛି । ଜଙ୍ଗଲର ଦ୍ରୁତ ଅବକ୍ଷୟ ସାଙ୍ଗକୁ ପରିବେଶ ଦୂଷିତ ଯୋଗୁ ଏହାର ପ୍ରଭାବ ପୃଥିବୀର ଜୀବଜନ୍ତୁଙ୍କ ଉପରେ ପଡୁଛି । ଏହାର ପ୍ରତିକାର କରା ନ ଗଲେ ପ୍ରାଣୀ ଜଗତର ସ୍ଥିତି ରହିବା ଅସମ୍ଭବ ହୋଇ ପଡିବ । ଏଣୁ ଏହାର ସୁରକ୍ଷା ପାଇଁ ବର୍ତ୍ତମାନ ରାଜ୍ୟ ତଥା କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏ ଦିଗରେ ପ୍ରତି ବର୍ଷ ବହୁ ଟଙ୍କା ବ୍ୟୟ କରାଯାଉଛି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ସରକାରୀ ଓ ବେସରକାରୀସ୍ତରରେ କାର୍ଯ୍ୟକ୍ରମମାନ କରାଯାଉଛି। ମାତ୍ର କେତେକ ବ୍ୟକ୍ତି ନିଜ ଗ୍ରାମ ସହିତ ପାଖ ପଡୋଶୀ ଅଞ୍ଚଳର ନିର୍ମଳ ପରିବେଶ ପାଇଁ ଚାରାରୋପଣ, ଜୀବ ଜନ୍ତୁଙ୍କ ସୁରକ୍ଷା ଲାଗି ଅହରହ ଉଦ୍ୟମ ଜାରି ରଖିଛନ୍ତି।



ଦାଶରଥି କାଣ୍ଡି

ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତ କୃଷ୍ଣେଶ୍ୱରପାଟଣା ଗ୍ରାମର ଜନୈକ ପରିବେଶବିତ୍ ଗଛସାର ଭାବରେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ 'ଚେତନା' ନାମରେ ଏକ ସଂଗଠନ କରି ପ୍ରତ୍ୟେହ ଏଥି ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି। ତାଙ୍କ ପ୍ରେରଣାରେ ସେହିପରି ୨ଜଣ ବ୍ୟକ୍ତି ପେସାରେ ରାଜମିସ୍ତ୍ରି କାମ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ନିଶା ତାଙ୍କର ପରିବେଶ ସୁରକ୍ଷା। କଣ୍ଟିଲୋ କୃଷ୍ଣେଶ୍ୱରପାଟଣାର ୬୫ ବର୍ଷୀୟ ଗୌରାଙ୍ଗ ସାହୁ ଓ ଦାଶରଥି କାଣ୍ଡି(୪୫) । ନିଜର ରାଜମିସ୍ତ୍ରି ପେଷାରେ ସମୟ ନ ଦେଲେ ପରିବାର ଚଳାଇବା କଷ୍ଟକର ହୋଇ ପଡେ । ମାତ୍ର ଗୌରାଙ୍ଗ ଅସୁସ୍ଥତା ଅନୁଭବ କରୁଥିଲେ ମଧ୍ୟ ମିସ୍ତ୍ରି କାର୍ଯ୍ୟ ସାଙ୍ଗକୁ ମଝିରେ ମଝିରେ ସାହି ଭାଇଙ୍କ ଘରର ବର୍ଜ୍ୟବସ୍ତୁ ଓ ଅଳିଆକୁ ଗାଁ ମୁଣ୍ଡରେ ଗଦାଇ ସବୁକୁ ନିଆଁରେ ଜଳାଇ ସଫା କରୁଥିବା ଦେଖିବାକୁ ମିଳେ।

ଅପରପକ୍ଷରେ ଦାଶରଥି ରାଜମିସ୍ତ୍ରୀ କାମ ସହିତ ଘର ଅବା କୌଣସି କାର୍ଯ୍ୟାଳୟରେ ଥିବା ବିଷଧର ସାପ ଧରି ତାକୁ ସୁରକ୍ଷିତ ଭାବେ ନିକଟସ୍ଥ ଜଙ୍ଗଲରେ ଛାଡି ଦେଉଥିବା ଜଣାପଡିଛି । ଉଭୟେ କୁହନ୍ତି, ଉତ୍ତମ ପରିବେଶ ପାଇଁ ଚାରାରୋପଣ, ସ୍ୱଚ୍ଛତା, ଜୀବଜନ୍ତୁଙ୍କ ସୁରକ୍ଷା ଜରୁରୀ ଅଟେ । ଘରେ ଥିବା ନିଜର ଅଳିଆ ଆବର୍ଜନାକୁ ଦୂର ସ୍ଥାନରେ ପୋତି ବା ପୋଡିଲେ ସମସ୍ତଙ୍କ ପାଇଁ ପରିବେଶ ସ୍ୱଚ୍ଛ ରହିବ । ବିଶେଷ କରି ପରିବେଶ ସ୍ୱଚ୍ଛତା ଦିଗରେ ସମସ୍ତେ ଦୃଷ୍ଟି ଦେବାକୁ ନିବେଦନ କରୁଥିବା ବେଳେ ନୂତନ ଚାରାରୋପଣ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦିଅନ୍ତି ସାହୁ ଓ କାଣ୍ଡି ।

# ନୀଳମାଧବ ମନ୍ଦିରରେ ନବରାତ୍ର ପୂଜା, ଚଣ୍ଡୀପାଠ ଆରମ୍ଭ

ଖଣ୍ଡପଡା,୨୨।୯
(ଅଜୟ କୁମାର ମହାରଣା)



ସୋମବାରଠାରୁ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିରରେ ପୂଜକ ସମାଜ ପକ୍ଷରୁ ନବରାତ୍ର ପୂଜା ପାରମ୍ପରିକ ରୀତିରେ ହୋମଯଜ୍ଞ ସହ ଆରମ୍ଭ ହୋଇଛି । ଏହି ଅବସରରେ ମା' ବିମଳାଙ୍କୁ ଧବଳେଶ୍ୱରୀ ବେଶରେ ସଜ୍ଜିତ କରାଯାଇଥିବା ବେଳେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ । ନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁରାଣୀ ମା' ବିମଳାଙ୍କ ନିକଟରେ ଆଜିଠାରୁ ୯ଦିନ ବ୍ୟାପୀ ଚଣ୍ଡୀପାଠ ସହ ଅପରାହ୍ନରେ ହୋମ ହେବାର କାର୍ଯ୍ୟକ୍ରମ ରହିଛି । ମା' ବିମଳାଙ୍କ ଶାରଦୀୟ ଷୋଡଶ ଉପଚାର ପୂଜା ଉତ୍ସବ ଆରମ୍ଭ ହୋଇଥିବା ବେଳେ ଆଜିର ତିଥିରେ ମା' ବିମଳାଙ୍କ ଘଟ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ପରେ ପୁରୋହିତ ସୁକାନ୍ତ ମିଶ୍ର, ସହଯୋଗୀ ପୁରୋହିତ ଦୟାନିଧି ମିଶ୍ର, ସାଥି କର୍ତ୍ତା ସମୀର ମିଶ୍ର ପ୍ରମୁଖଙ୍କ ଦ୍ୱାରା ଚଣ୍ଡୀପାଠ ଓ ହୋମଯଜ୍ଞ ଆରମ୍ଭ ହୋଇଥିଲା। ଏହି ପାର୍ବଣ ଉତ୍ସବରେ ନୀଳମାଧବ ମନ୍ଦିର ପାଇଁ ଦେବୋତ୍ତର ସୁପରଭାଇଜର ବାଇଧର ରାଉତ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ । ଏହି ନବଦିନାତ୍ମକ ବ୍ରତରେ ମନୋଜ କୁମାର ମିଶ୍ର, ଶ୍ରବଣରାମ ମିଶ୍ର, ଦୟାନିଧି ମିଶ୍ର, ନୀଳମାଧବ ମିଶ୍ର, ଶଶୀ ମିଶ୍ର, ଦୀପକ ମିଶ୍ର, ଶିବ ପ୍ରସାଦ ମିଶ୍ର, ସାନୁ ମିଶ୍ର, ମୁନା ମିଶ୍ର, ରାମଚନ୍ଦ୍ର ମିଶ୍ର ପ୍ରମୁଖ ବ୍ରତଧାରୀ ମାନେ ଉପବାସରେ ରହି ସହଯୋଗ କରିଥିଲେ ।

# ନିର୍ଦ୍ଦିଷ୍ଟ ପାରିଶ୍ରମିକ ଦାବିରେ ଗଣିଆ ବ୍ଲକ ସମ୍ମୁଖରେ ଧାରଣା



ଧାରଣାରେ ବସିଥିବା ଗୋଷ୍ଠୀ ସହାୟିକା କର୍ମୀମାନେ ।

ଗଣିଆ,୨୨।୯(ସନ୍ତୋଷ କୁମାର ପ୍ରଧାନ )

ଗଣିଆ ବ୍ଲକର ସମସ୍ତ ଗୋଷ୍ଠୀ ସହାୟିକା କର୍ମୀମାନେ ସେମାନଙ୍କର ନିର୍ଦ୍ଦିଷ୍ଟ ପାରିଶ୍ରମିକ ପାଇବା ଦାବିରେ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ସୁଚନା ଅନୁସାରେ, ଗୋଷ୍ଠୀ ସହାୟିକା କର୍ମୀମାନେ ଚଳିତ ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ସେମାନଙ୍କର ନିର୍ଦ୍ଦିଷ୍ଟ ପାରିଶ୍ରମିକ ପାଇସାରିଛନ୍ତି। କିନ୍ତୁ ଏପ୍ରିଲଠାରୁ ସରକାର ଗୋଷ୍ଠୀ ସହାୟିକା କର୍ମୀମାନଙ୍କୁ ନିର୍ଦ୍ଦିଷ୍ଟ ପାରିଶ୍ରମିକ ବଦଳରେ କାର୍ଯ୍ୟ ଅନୁସାରେ ପ୍ରୋତ୍ସାହନ ରାଶି ଆକାରରେ ପାରିଶ୍ରମିକ ଦେଉଛନ୍ତି। ଏ ନେଇ ଚଳିତ ମାସ ଗତ ୧୫ ତାରିଖରେ ବିଡିଓଙ୍କ ଜରିଆରେ ପୂର୍ବଭଳି ନିର୍ଦ୍ଦିଷ୍ଟ ପାରିଶ୍ରମିକ ଦେବାକୁ ସରକାରଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଥିଲା। ହେଲେ ଏହାର ୭ଦିନ ବିତି ଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ରାଜ୍ୟ ଜିପିଏଲ୍‌ଏଫ କର୍ମୀ ସଂଘ ଡାକରାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ସରକାର ନିର୍ଦ୍ଦିଷ୍ଟ ପାରିଶ୍ରମିକ ନ ଦେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବା ସହିତ ମିଶନ ଶକ୍ତି କାର୍ଯ୍ୟାଳୟକୁ ତାଲା ପକାଯିବ ବୋଲି ଗଣିଆ ଗୋଷ୍ଠୀ ସହାୟିକା କର୍ମୀ ସଂଘର ସଦସ୍ୟା ରଶ୍ମିରେଖା ଦାଶ ସୂଚନା ଦେଇଛନ୍ତି।

### ଚାଉପଲ୍ଲୀ ଗାଁରୁ ଚୋରି

**ଅଳଙ୍କାର ସମେତ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୁଟ୍**

ନୟାଗଡ,୨୨।୯ (ଲୋକନାଥ ମିଶ୍ର)

ଖଣ୍ଡପଡା ଥାନା ଚାଉପଲ୍ଲୀଗାଁର ଯୁଧିଷ୍ଠିର ବେହେରାଙ୍କ ଘରୁ ୨୦ ତାରିଖ ମଧ୍ୟ ରାତ୍ରିରେ ଚୋରମାନେ ଗୋଟିଏ ସୁନା ହାର, ୨ ହଳ କାନ ଫୁଲ, ୩ ନାକଫୁଲ, ୧ ହଜଳ ସୁନାଶଙ୍ଖା, ୪ ହଳ ରୂପା ପାଉଁଜି ସମେତ ୧୫ ହଜାର ଟଙ୍କା ଚୋରି କରି ନେଇଛନ୍ତି । ଯୁଧିଷ୍ଠିରଙ୍କ ପରିବାର ଲୋକେ ଶୋଇଥିବା ବେଳେ ଚୋରମାନେ ତଳ ମହଲାର ଏକ କୋଠରୀର ତାଲା ଭାଙ୍ଗି କାଠ ଆଲମିରାରୁ ସୁନା ଓ ରୂପ ଅଳଙ୍କାର ସହ ଟଙ୍କା ଲୁଟି ନେଇଥିଲେ । ଚୋରି ସମୟରେ ପ୍ରତି ଘରର କବାଟକୁ ଖିଡିକି ଦେଇ ଲକ କରି ଦେଇଥିଲେ । ଯୁଧିଷ୍ଠିରଙ୍କ ସାନ ଭାଇ କବିରାଜ ବିଳମ୍ବିତ ରାତିରେ ପରିସ୍ରା କରିବାକୁ ଉଠିଥିବାବେଳେ ବାହାର ପଟ କବାଟ ଖୋଲି ନ ଥିଲା। ପରେ କବାଟ ଖୋଲି ଦେଖନ୍ତି ଘରୁ ଚୋରି ହୋଇଛି। ପରେ ପରେ ଯୁଧିଷ୍ଠିର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

### ଭାରତୀୟ ମୁକ୍ତିମୋର୍ଚ୍ଚାର ଏକଦିବସୀୟ ପ୍ରଶିକ୍ଷଣ ଶିବିର




ଖଣ୍ଡପଡା,୨୨।୯
(ଅଜୟ କୁମାର ମହାରଣା)

ବାମସେଫ୍ ସହ ସହଯୋଗୀ ସଙ୍ଗଠନ ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଖଣ୍ଡପଡା ବ୍ଲକ କୋସ୍କା ପଞ୍ଚାୟତ ଭେଲେଇଡିପ ଗ୍ରାମର କୋଠଘର ପରିସରରେ ରବିବାର ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷା, ବେରୋଜଗାର, ଅନୁସୂଚିତ ଜାତି ଜନଜାତି ଉପରେ ହେଉଥିବା ଅତ୍ୟାଚାର, ଲକ୍ଷ୍ୟଭ୍ରଷ୍ଟ ସମାଜକୁ ଲକ୍ଷ୍ୟସ୍ଥଳ ଦେଖାଇବା ଏବଂ ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରାରମ୍ଭରେ ଫୁଲେ ଦମ୍ପତି ଓ ବାବା ସାହେବଙ୍କ ଫଟୋ ଚିତ୍ରରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରଶିକ୍ଷକ ଭାବେ ଭାରତ ମୁକ୍ତିମୋର୍ଚ୍ଚା କାର୍ଯ୍ୟକାରୀ ସଭାପତି ଜଗଦୀଶ ନାୟକ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ କବିତା ସାହୁ, ସମ୍ମାନିତ ଅତିଥି ପଲ୍ଲୀକବି ପ୍ରଭାତ କୁମାର ଖୁଣ୍ଟିଆ, ସର୍ବଭାରତୀୟ ସିଡ୍ୟୁଲ୍‌ଡକାଷ୍ଟ ଫେଡେରେଶନ ଜିଲା ସଂଯୋଜକ ବିଜୟ କୁମାର ସେଠୀ, ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା ଜିଲା ସଭାପତି ଉଦ୍ଧବ ନାୟକ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଯୋଗଦେଇଥିଲେ। ସାମାଜିକ କର୍ମୀ ଗଣେଶ୍ୱର ନାୟକ ପରିଚାଳନା କରିଥିଲେ ।

# ଆଦି କର୍ମଯୋଗୀ ଅଭିଯାନର ୨ ଦିନିଆ କର୍ମଶାଳା




ଦାରିଙ୍ଗବାଡ଼ି,୨୨।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅନୁସୂଚିତ ଜନଜାତି ଯୁବତୀ ଏବଂ ଯୁବକ ମାନଙ୍କ ଦକ୍ଷତାବୃଦ୍ଧି ପାଇଁ ଆଦି କର୍ମଯୋଗୀ ଅଭିଯାନର ୨ ଦିନିଆ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଛି। ଏଥିରେ ବିଡ଼ିଓ ପ୍ରୀତିରଞ୍ଜନ ରଥ ଅଧ୍ୟକ୍ଷତା କରିଥିଲେ। ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ଜାଗୃତିର ଧ୍ରୁବ ଚରଣ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଦୁଃଶାସନ ସ୍ୱାଇଁ, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ଉପସ୍ଥିତ ରହି ଜନଜାତି ଯୁବତୀ ଯୁବକମାନଙ୍କ ସମାଜିକ ନେତୃତ୍ୱ, ଜୀବନ କୌଶଳ ଓ ବିଭିନ୍ନ କୌଶଳରେ ଦକ୍ଷତା ଅର୍ଜନ କରିବା କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ବିଶେଷ କରି ଗ୍ରାମାଞ୍ଚଳକୁ ଉନ୍ନୟନ ଓ ଶକ୍ତିଶାଳୀ କରିବାକୁ ହେଲେ ଗ୍ରାମ ପଞ୍ଚାୟତରେ ଶକ୍ତିଶାଳୀ ଶାସନ ପ୍ରଶିକ୍ଷିତ ଆଦି କର୍ମଯୋଗୀ ମାଧ୍ୟମରେ ଯୋଜନା ପ୍ରସ୍ତୁତ ଓ ନିରୀକ୍ଷଣରେ ସହଯୋଗ କରିବା ଜରୁରୀ ବୋଲି କୁହାଯାଇଥିଲା। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ସମାଜିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସରକାରୀ ସେବା ଗ୍ରାମବାସୀଙ୍କ ନିକଟରେ ପହଞ୍ଚିବାକୁ ଏହି ଯୋଜନା ସେତୁ ରୂପେ କାର୍ଯ୍ୟ କରିବ। ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ବିଭାଗ ପକ୍ଷରୁ କରାଯାଉଥିବା ଏହି କାର୍ଯ୍ୟକ୍ରମ ଦ୍ୱାରା ଯୁବଶକ୍ତିଙ୍କୁ ସଶକ୍ତ କରିବା, ଲୋକଙ୍କୁ ଶାସନରେ ଅଂଶୀଦାର କରିବା, ଆଦିବାସୀ ସମାଜର ସମଗ୍ରିକ ଉନ୍ନତି କରିବା, ୨୦୩୬ସୁଦ୍ଧା ବିକଶିତ ଓଡିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଏହି ଅଭିଯାନର ଲକ୍ଷ୍ୟ। ଏଥିପାଇଁ ଉକ୍ତ ବ୍ଲକ୍‌ର ୨୫ ପଞ୍ଚାୟତରେ ୪୪ଟି ଗ୍ରାମକୁ ଆଦି ଗ୍ରାମ ଭାବେ ଚୟନ କରାଯାଇଛି। ସେଠାରେ ଆଦି କେନ୍ଦ୍ର ଖୋଲାଯାଇ ଗାଁ ଲୋକଙ୍କ ବୈଠକ ଓ ଗାଁର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇ ସରକାରଙ୍କୁ ଅବଗତ କରାଯିବ।

### ସାର ବୋଝେଇ ଟ୍ରକ୍‌କୁ ପ୍ରଶାସନର ଜିମା ଦେଲେ

ପାତ୍ରପୁର,୨୨।୯ (ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ୍ କୃଷି କାର୍ଯ୍ୟାଳୟ ନିକଟରେ ଥିବା ମୁଣ୍ଡକେରୀ ଯିବା ରାସ୍ତାରେ ସୋମବାର ଏକ ସାର ବୋଝେଇ ଟ୍ରକ୍‌ରୁ ସାର ବିକ୍ରୀ ହେଉଥିବା ବେଳେ ଚାଷୀ ଟ୍ରକ୍‌କୁ ଧରି ପ୍ରଶାସନର ଜିମା ଦେଇଛନ୍ତି। ଚଳିତ ବର୍ଷ ଚାଷୀ ସାର ନ ପାଇ ଚିନ୍ତାରେ ରହିଥିବା ବେଳେ କଳାବଜାରୀ ହେଉଥିବା ଅଭିଯୋଗ ହେଉଛି। ଆନ୍ଧ୍ରକୁ ସାର ଚାଲଣ ବେଳେ ଗାଡ଼ିକୁ ଅଟକାଇ ପ୍ରଶାସନକୁ ହସ୍ତାନ୍ତର କରାଯାଉଛି। ହେଲେ ଏହାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏଭଳି ପରିସ୍ଥିତିରେ ଚାଷୀଙ୍କୁ ପ୍ରଶାସନ ଗୋଟିଏ ଲେଖାଏଁ ସାର ବସ୍ତା ଯୋଗାଇବା ସମୁଦ୍ରକୁ ଶଙ୍ଖେ ବୋଲି ଚାଷୀମାନେ କହିଛନ୍ତି। ଆଜି ଏକ ସାର ଟ୍ରକକୁ ମୁଣ୍ଡକେରୀ ଯିବା ରାସ୍ତାରେ ରଖି ସାର ବାହାର କରୁଥିବା ବେଳେ କିଛି ଚାଷୀ ମାଗିଥିଲେ ତେବେ ହଜାରେ ଟଙ୍କାକୁ ଏକ ଯୁରିଆ ବସ୍ତା ଦିଆଯାଉଥିବା କହିଥିଲେ। ସେଠାରେ ହୋହାଲ୍ଲା ହୋଇଥିଲା ଓ ଚାଷୀମାନେ ଗାଡ଼ି ଧରି ପ୍ରଶାସନର ଜିମା ଦେଇଥିଲେ। ତହସିଲଦାର ଅଶୋକ କୁମାର ପଟ୍ଟନାୟକ, କୃଷି ଅଧିକାରୀ ଶ୍ରଦ୍ଧା ସିଂ, ଜରଡା ଥାନା ଅଧିକାରୀ ଟୁନା ସାସମଲ ପ୍ରମୁଖ ପହଞ୍ଚି ଗାଡ଼ି ଜବତ କରିଛନ୍ତି।

### ଗୋଡ଼ିପଡ଼ା କାଠି ଠାକୁରାଣୀ ମହାଳୟା ପର୍ବ

ନୟାଗଡ,୨୨।୯(ଲୋକନାଥ ମିଶ୍ର)

ଗୋଡିପଡା କାଠି ଠାକୁରାଣୀଙ୍କ ମହାଳୟା ପର୍ବ ଆରମ୍ଭ ହୋଇଛି । ଗତ ରବିବାରରୁ ଆରମ୍ଭ ହୋଇଥିବା ପର୍ବ ୫ଦିନ ଧରି ଚାଲିବ। ଖିଲାମୁଣ୍ଡାଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ଗୋଡିପଡା ଓ ଏହାର ଆଖପାଖ ଗାଁ ଗାଁ ବୁଲି ଭୋଗ ଖାଉଛନ୍ତି। ରଣପୁର ବ୍ଲକର ରାଆଁଳାର ଅଘୋଡ ଜଙ୍ଗଲରେ ଥିବା ମା ' ଖିଲାମୁଣ୍ଡାଙ୍କ ପାଖରେ ଗୋଡିପଡା ଖରୁଡାସାହିର ମାଟିଆ ପୃଷ୍ଟି ଗୁହାରିଆ ପଡି ମା'ଙ୍କୁ ଗୋଡିପଡାରେ ମନ୍ଦିର କରାଇ ନିଜେ ପୂଜାର୍ଚ୍ଚନା କରୁଛନ୍ତି । ଅନ୍ୟପକ୍ଷେ ମା'ଙ୍କର ଅନ୍ୟତମ ପୂଜକ ଭାବେ ଗଣେଶ୍ୱର ମିଶ୍ର ପୂଜା କରୁଛନ୍ତି । ମହାଳୟ ପର୍ବକୁ ନେଇ ଗୋଡିପଡା ଉତ୍ସବ ମୁଖର ହୋଇ ଉଠିଛି ।



ମା' କାଠିଠାକୁରାଣୀ।

# ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ଦାବି

**ବାଲାଜୀ ମହାବିଦ୍ୟାଳୟ**

ଚିକିଟି,୨୨।୯(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା ଗ୍ରାମସ୍ଥିତ ବାଲାଜୀ ମହାବିଦ୍ୟାଳୟରେ ଯୁକ୍ତ ତିନି ବିଜ୍ଞାନ ଶ୍ରେଣୀ ନ ଥିବାରୁ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ମହାବିଦ୍ୟାଳୟଟି ୧୯୮୧ରେ ସ୍ଥାପିତ ହୋଇଛି। ଉକ୍ତ ମହାବିଦ୍ୟାଳୟ ଉପରେ ଚିକିଟି ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା, ଚାନ୍ଦପୁର ଡଭାର, ବେଲପଣ୍ଟୀ, ବାଦ୍ୟନାଳ, ପତ୍ରପୁଡ଼ି, ସୁନ୍ଦରଡ଼ା, ବଡକେଳାଖୁରି, ଧାନ୍ୟରାଶି, ଗଡ଼ଗୋବିନ୍ଦପୁର, ଗୌଡ଼ଗାଁ, ଦାଉଣି, ଏସ୍ ଟିକରପଡା, ଭ୍ରମରପୁର, ବନମାଳୀ ଏହି ଭଳି ୨୫ରୁ ଉର୍ଦ୍ଧ୍ୱ ଗ୍ରାମର ଛାତ୍ରୀଛାତ୍ର ନିର୍ଭର କରନ୍ତି। ପ୍ରତିବର୍ଷ ଉକ୍ତ ମହାବିଦ୍ୟାଳୟର ଯୁକ୍ତ ଦୁଇ ଫଳାଫଳ ଭଲ ହେଉଥିବା ଯୋଗୁ ଯୁକ୍ତ ତିନି ବିଜ୍ଞାନ ନ ଥିବାରୁ ଛାତ୍ରୀଛାତ୍ର ମାନେ ଚିକିଟି, ଦିଗପହଣ୍ଡି ସାମନ୍ତିଆପଲ୍ଲୀ ବ୍ରହ୍ମପୁର ସମେତ ଘରୋଇ କଲେଜରେ ଆଡମିଶନ ପାଇଁ ଆବେଦନ କରିଥାନ୍ତି। ଏପରିକି ଗରିବ ପରିବାରର ପିଲାମାନେ ନାମ ଲେଖାଇପାରୁନାହାନ୍ତି। ଧନୀ ଶ୍ରେଣୀର ପିଲାମାନେ ବିଭିନ୍ନ ଘରୋଇ କଲେଜରେ ନାମଲେଖାଇ ବହୁ ଖର୍ଚ୍ଚାନ୍ତ ହୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯୁକ୍ତ ତିନିବିଜ୍ଞାନ ଖୋଲିବା ପାଇଁ ବାରମ୍ବାର ଅଞ୍ଚଳବାସୀ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଦୀର୍ଘ ୩୬ ବର୍ଷର ଏହି ପୁରାତନ କଲେଜରେ ମୋଟ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଯୁକ୍ତ ତିନି ବିଜ୍ଞାନ ଶ୍ରେଣୀ ଖୋଲିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା.ସୁଦର୍ଶନ ପଟ୍ଟନାୟକଙ୍କୁ ଯୋଗାଯୋଗ ବେଳେ ଯୁକ୍ତ ତିନି ବିଜ୍ଞାନ ଶ୍ରେଣୀ ଖୋଲିବାକୁ ପ୍ରତି ବର୍ଷ ବିଭାଗୀୟ କର୍ତ୍ତୃପକ୍ଷ ନିକଟକୁ ଲିଖିତ ଭାବେ ଜଣାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା କହିଛନ୍ତି। ଏନେଇ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କୁ ମଧ୍ୟ ଜଣାଯାଇଥିବା କହିଛନ୍ତି।

# ଅର୍ଦ୍ଧନିର୍ମିତ ଶୌଚାଳୟ, ଛାତରୁ ଗଳୁଛି ପାଣି

**ଅବ୍ୟବସ୍ଥାରେ ୫-ଟି ରୂପାନ୍ତରିତ ବିଦ୍ୟାଳୟ**

ମୋହନା,୨୨।୯(ମନ୍ମଥ ମିଶ୍ର)

ଶିକ୍ଷାର ବିକାଶ ପାଇଁ ସରକାର ବହୁ ଯୋଜନା କରିଛନ୍ତି । ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ସହ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ଅର୍ଥ ବ୍ୟୟ କରୁଛନ୍ତି । ଗତ ସରକାର ସମୟରେ ଅନେକ ଉଚ୍ଚ ବିଦ୍ୟାଳୟକୁ ୫–ଟି ମାଧ୍ୟମରେ ରୂପାନ୍ତରିତ କରାଯାଇଥିଲା। ଏଥିପାଇଁ ସବୁ ରୂପାନ୍ତରିତ ବିଦ୍ୟାଳୟକୁ ୪୫ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ମିଳିଥିଲା । ହେଲେ ସେସବୁ ଟଙ୍କା କିଛି କିଛି ଖର୍ଚ୍ଚ ହୋଇଥିବା ବେଳେ ଅନେକ ଉଚ୍ଚ ବିଦ୍ୟାଳୟରେ କାମ ସମ୍ପୂର୍ଣ୍ଣ ହୋଇନାହିଁ । ତେବେ ୫–ଟି ରୂପାନ୍ତରିତ ଅନୁଦାନ ଟଙ୍କା କାହିଁକି ଖର୍ଚ୍ଚ କରାଯାଇନାହିଁ ବୋଲି ଗ୍ରାମବାସୀ ଓ ବିଦ୍ୟାଳୟ କମିଟି ପ୍ରଶ୍ନ ଉଠାଇଛନ୍ତି। ୨୦୦୯ରେ ସ୍ଥାପିତ ଗଜପତି ଜିଲା ମୋହନା ବ୍ଲକ ବଡସିଂହା ଉଚ୍ଚ ବିଦ୍ୟାଳୟକୁ ୨୦୨୩ ରେ ୫–ଟିରେ ରୂପାନ୍ତରିତ କରାଯାଇଥିଲା। ବିଦ୍ୟାଳୟକୁ ଆସିଥିବା ୪୫ ଲକ୍ଷ ଟଙ୍କା ବ୍ଲକକୁ ପ୍ରଦାନ କରାଯାଇଥିବା ବେଳେ ୫–ଟି ରୂପାନ୍ତରିତ ପ୍ରକ୍ରିୟାରେ ନିର୍ମିତ ଶୌଚାଳୟ ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଏଯାଏ କାର୍ଯ୍ୟକ୍ଷମ ହୋଇନାହିଁ । ସେପ୍ଟି ଲାଗିନ ଟାଙ୍କି ବସି ନ ଥିବାରୁ ପିଲାମାନେ ଶୌଚାଳୟକୁ ବ୍ୟବହାର କରୁନାହାନ୍ତି। ବିଶୁଦ୍ଧ ପାନୀୟ ଜଳର ଅଭାବ ମଧ୍ୟ ରହିଛି ବିଦ୍ୟାଳୟରେ। ଆକ୍ୱାଗାର୍ଡ ବ୍ୟବସ୍ଥା ପାଇଁ ୫–ଟି ଅନୁଦାନରେ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟାଳୟ ଆକ୍ୱାଗାର୍ଡ ଲାଗିନାହିଁ। ବିଦ୍ୟାଳୟର ସବୁ ଶ୍ରେଣୀ ଗୃହରେ ଛାତରୁ ପାଣି ଗଳୁଛି। ବର୍ଷା ହେଲେ ପାଠପଢାରେ ସମସ୍ୟା ଉପୁଜୁଥିବା ଛାତ୍ରୀଛାତ୍ରମାନେ କହିଛନ୍ତି। ବିଦ୍ୟାଳୟକୁ ପକ୍କା ରାସ୍ତା ନାହିଁ। ରହିଥିବା ରାସ୍ତା ବର୍ଷା ହେଲେ ପାଣି କାଦୁଅରେ ଭର୍ତ୍ତି ହୋଇଯାଉଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ କହିଛନ୍ତି। ସେହିପରି କଟାମା ଉଚ୍ଚ ବିଦ୍ୟାଳୟ ମଧ୍ୟ ୫–ଟି ମାଧ୍ୟମରେ ରୂପାନ୍ତରିତ ହୋଇଥିଲା । ସେଠାରେ ମଧ୍ୟ ଏସବୁ ସମସ୍ୟା ଦେଖିବାକୁ ମିଳିଥିବା ବେଳେ ଧାଡିଆମ୍ବ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ସମାନ ସମସ୍ୟା ଥିବା ପ୍ରଧାନ ଶିକ୍ଷକ ପ୍ରଦୀପ ମଲ୍ଲିକ କହିଛନ୍ତି । ଏନେଇ ମୋହନା ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଆଶିଷ ଶତପଥୀଙ୍କୁ ପଚାରିବାରୁ ସେ କହିଲେ, ଗତ ୫–ଟି ଯୋଜନାରେ ଆସିଥିବା କିଛି ଅନୁଦାନ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ କିଛି ଅନୁଦାନ ବଳକା ଅଛି। ଲଘୁଚାପଜନିତ ବର୍ଷା କମିବା ପରେ ସବୁ ୫–ଟି ବିଦ୍ୟାଳୟଗୁଡ଼ିକର ସମସ୍ୟା ସମାଧାନ କରାଯିବ। ବିଦ୍ୟାଳୟଗୁଡ଼ିକରେ ସମସ୍ୟା ଲାଗିରହିଥିବା ବେଳେ ଅନୁଦାନ ଟଙ୍କା କୁଆଡେ ଗଲା ପ୍ରଶ୍ନ ଉଠାଇ ବିଦ୍ୟାଳୟ କମିଟି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି।



## ସଂକ୍ଷେପରେ

### ଷଠିପୁରରୁ ବୈତରଣୀ ରୋଡ୍ ଯାଏ ଭାରିଯାନ ଚଳାଚଳ ନିଷେଧ

ଯାଜପୁର, ୨୨।୯(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କୋରେଇ ବ୍ଲକ ଷଠିପୁରଠାରୁ ବୈତରଣୀ ରୋଡ ପର୍ଯ୍ୟନ୍ତ ଭାରିଯାନ ଚଳାଚଳକୁ ୧ ମାସ ପର୍ଯ୍ୟନ୍ତ ନିଷେଧ କରାଯାଇଛି। ମୋଟର ଭେହିକିଲ ଆଇନ ୧୯୮୮ର ଧାରା ୧୧୫ ସହିତ ଓଡ଼ିଶା ମୋଟର ଭେହିକଲ ନିୟମାବଳୀ ୧୯୯୩ର ନିୟମ ୬୩ ଓ ୯୩ ଅନୁଯାୟୀ ଯାଜପୁର ଜିଲାପାଳ ଅମ୍ବର କୁମାର କର ଏହି ଆଦେଶ ଜାରି କରିଛନ୍ତି। ସଡ଼କ ବିସ୍ତାର, ସୁଦୃଢ଼ୀକରଣ କାମ ସମୟରେ ଯାତାୟାତ ଜାମ୍ ଓ ସଡ଼କ ଦୁର୍ଘଟଣା ରୋକିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ସମୟରେ ସମସ୍ତ ଭାରି ଯାନ ବୈତରଣୀ ସଡ଼କ ରାସ୍ତାରୁ ରଗଡି, ବରୁଣ୍ଡାଇ, ମୀନାବଜାର, ପଛିକୋଟେ ମାର୍ଗରେ ପରିଚାଳିତ ହେବ। ଏହି ନିଷେଧାଜ୍ଞା ୨୧।୯।୨୫ରୁ ୨୦।୧୦।୨୫ ପର୍ଯ୍ୟନ୍ତ ଜାରି ରହିବ।

### ବଜ୍ରପାତରେ ଓକିଲଙ୍କ ମୃତ୍ୟୁ

ଚଣ୍ଡୀଖୋଲ, ୨୨।୯(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ଚଣ୍ଡୀଖୋଲ କୋର୍ଟରେ ଆଇନଜୀବୀ ନଗେନ୍ଦ୍ର ପାତ୍ର (୪୭)ଙ୍କ ରବିବାର ବଜ୍ରପାତରେ ମୃତ୍ୟୁ ଘଟିଛି। ନଗେନ୍ଦ୍ର ନିଜ ଗ୍ରାମ ବଡ଼ଚଣା ଥାନା ଅନ୍ତର୍ଗତ ଦର୍ପଣ ପଞ୍ଚାୟତ ଅଧୀନ କୋଲସାଇପାଟଣାସ୍ଥିତ ଚାଷ ଜମିକୁ ମଧ୍ୟାହ୍ନ ୧୨ଟାରେ ଯାଇ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ସନ୍ଧ୍ୟାରେ ତାଙ୍କ ମୃତଦେହ ବିଲରୁ ମିଳିବା ପରେ ବଡଚଣା ଡାକ୍ତରଖାନାକୁ ନେବାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଖବର ପାଇବା ପରେ ଚଣ୍ଡୀଖୋଲ ବାର ଆସୋସିଏଶନର ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ କୁମାର ଦାଶ, ଦେବରାଜ ବେହେରା, ଶରତ ଷଡଙ୍ଗୀ, ସୁବ୍ରତ ସ୍ୱାଇଁ, ଶ୍ରୀକାନ୍ତ ବଳ, ପ୍ରେମାନନ୍ଦ ବେହେରା, ସୁରେଶ ସାହାଣୀ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନକରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ୪୦ ଲିଟର ବିଦେଶୀ ମଦ ଜବତ: ଅଭିଯୁକ୍ତ ଗିରଫ

ରସୁଲପୁର, ୨୨।୯(ରଞ୍ଜିତ ରାଉତ)

କୁଆଖିଆ ଥାନା ଅତଲାପୁର ଓ ସାମନ୍ତରାପୁର ପଞ୍ଚାୟତର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ବାଲିପାଟଣା ହାଟରେ ବେଆଇନ ମଦ କାରବାର ନେଇ ପୋଲିସ ନଜରକୁ ଆସିଥିଲା। ଉକ୍ତ ଦୋକାନ ଉପରେ ରବିବାର ରାତିରେ ପୋଲିସ ଚଢ଼ାଉ କରିଥିଲା। ଦୋକାନରେ ବିକ୍ରି ହେବା ପାଇଁ ମହଜୁଦ୍ ଥିବା ବିଭିନ୍ନ ବ୍ରାଣ୍ଡର ୪୦.୦୯୦ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ବେଆଇନ ମଦ କାରବାରରେ ସମ୍ପୃକ୍ତ ବ୍ୟବସାୟୀ ସାମନ୍ତରାପୁର ପଞ୍ଚାୟତ କୁଲୁଗାଁର ରାଜକିଶୋର ତରାଇ(୨୧)ଙ୍କୁ ପୋଲିସ ଗିରଫ କରିବା ସହ ସୋମବାର କୋର୍ଟ ଚାଲାଣ କରିଛି। ଏ ନେଇ ପୋଲିସ ନଂ. ୩୬୯/୨୫ରେ ମାମଲା ରୁଜୁ କରିଛି।

# ସୁକିନ୍ଦା ବ୍ଲକ୍‌ରେ ଚିନ୍ତା ବଢ଼ାଉଛି ରକ୍ତହୀନତା

## ସର୍ବାଧିକ ମହିଳା, ବାଳକ ଆକ୍ରାନ୍ତ

ସୁକିନ୍ଦା, ୨୨।୯(ସତ୍ୟଜିତ ଦାଶ):

ଯାଜପୁର ଜିଲା ସୁକିନ୍ଦା ବ୍ଲକ୍‌ରେ ଏବେ ଶତାଧିକ ରୋଗୀ ରକ୍ତହୀନତାରେ ଆକ୍ରାନ୍ତ ହୋଇଛନ୍ତି। ଏହି ତାଲିକାରେ ସର୍ବାଧିକ ମହିଳା ଏବଂ ବାଳକ ରହିଥିବା ଜଣାପଡ଼ିଛି। ବ୍ଲକ୍‌ର ବିଭିନ୍ନ ଗ୍ରାମରେ କିଛିବର୍ଷ ଧରି ବାରମ୍ବାର ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ସମୟ ଅନ୍ତରାଳରେ କରାଯାଉଛି। ଏହି ପରୀକ୍ଷା ଦ୍ୱାରା ହିଁ ଅତ୍ୟଧିକ ରକ୍ତହୀନତା ଆକ୍ରାନ୍ତଙ୍କ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଜୟଦେବ ନନ୍ଦଙ୍କ କହିଛନ୍ତି, ପୁଷ୍ଟିଯୁକ୍ତ ଖାଦ୍ୟାଭାବ, ସ୍ୱାସ୍ଥ୍ୟଗତ ସଚେତନତା ଏବଂ ଶିକ୍ଷାର ଅଭାବ ସହ ମାତୃତ୍ୱ କାଳରେ ଠିକ୍ ଉପଚାର ହୋଇ ନ ପାରିବା ଏହାର କାରଣ । ସୁରକ୍ଷିତ ମାତୃତ୍ୱ ଏବଂ ଶିଶୁ ଜନ୍ମ ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ନେଉଥିବାବେଳେ ରକ୍ତହୀନତା ପାଇଁ ଶିଶୁ ଏବଂ ମା'ଙ୍କ ପାଇଁ ବିପଦ ସୃଷ୍ଟି ହେଉଛି।

ଚଳିତବର୍ଷରେ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ତଥ୍ୟ ଅନୁଯାୟୀ, ସୁକିନ୍ଦା ବ୍ଲକ୍‌ରେ ଏପ୍ରିଲରେ ୧୪ ଜଣ, ମେ'ରେ ଜଣେ, ଜୁନ୍‌ରେ ୪, ଜୁଲାଇରେ ୭ ଏବଂ ଅଗଷ୍ଟରେ ୧୧ ଜଣ ଭୟଙ୍କର ରକ୍ତହୀନତାର ଶିକାର ହୋଇଥିବା ଚିହ୍ନଟ ହୋଇଛନ୍ତି। ଅଧିକ ପରୀକ୍ଷା ହେଲେ ଏହାର ସଂଖ୍ୟା ଆହୁରି ବଢ଼ିବ ବୋଲି ଆକଳନ କରାଯାଇଛି। ଏଥିରୁ ରକ୍ଷାପାଇବା ପାଇଁ ଆଶାମାନଙ୍କ ଜରିଆରେ ଲୌହଯୁକ୍ତ ଔଷଧ ପ୍ରଦାନ କରାଯାଉଥିବାବେଳେ ଶିକ୍ଷା ଏବଂ ସଚେତନତାର ଅଭାବ ପାଇଁ ମହିଳାମାନେ ତାହାକୁ ଠିକ୍ ଭାବେ ଉପଯୋଗ କରୁନାହାନ୍ତି। ଅନ୍ୟପକ୍ଷରେ ଲୁଚ୍କାୟିତ ଭାବେ ନିଜ ଘରେ ଅସୁରକ୍ଷିତ ପ୍ରସବ କରାଇବା କାରଣରୁ ମଧ୍ୟ ରକ୍ତହୀନତା ବୃଦ୍ଧି ପାଇବାରେ ଲାଗିଛି। ବହୁଚର୍ଚ୍ଚିତ ନଗଡ଼ା ଅଞ୍ଚଳରେ ୨୦୨୩ରେ ଆଖପାଖ ଗ୍ରାମଗୁଡ଼ିକୁ ନେଇ କରାଯାଇଥିବା ସର୍ଭେରେ ଛୋଟ ଛୋଟ ଶିଶୁଙ୍କଠାରେ ରକ୍ତହୀନତା ଥିବା ଦେଖାଯାଇଥିଲା। ଏଥିରେ ଶିଶୁପୁତ୍ର ସର୍ବାଧିକ ୬୬.୭ ପ୍ରତିଶତ ଏବଂ ଶିଶୁକନ୍ୟା ୫୫.୨ ପ୍ରତିଶତ ରକ୍ତହୀନତାରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ଏହି ବ୍ଲକ୍ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଏହାର ସାକ୍ଷରତା ହାର ୬୭.୯୮ ପ୍ରତିଶତ । ଏହି କାରଣରୁ ଅନେକ ଅନ୍ଧବିଶ୍ୱାସଗ୍ରସ୍ତ ହୋଇ ଘରୋଇ ଚିକିତ୍ସା ଉପରେ ନିର୍ଭରଶୀଳ। ଘରେ ଅସୁରକ୍ଷିତ ଭାବେ ପ୍ରସବ କରାଇବା ସହ ଗୁଣିଗାରେଡ଼ି ଉପରେ ବିଶ୍ୱାସକରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ତେବେ ସରକାରଙ୍କ ପକ୍ଷରୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ମାତୃଗୃହ ସହ ଏକ ପୁଷ୍ଟିସାଧନ କେନ୍ଦ୍ର ଖୋଲାଯାଇ ଗର୍ଭବତୀ ମହିଳାଙ୍କୁ ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରଦାନ କରାଯିବା ସହ ଚିକିତ୍ସା କରାଯାଉଛି। ମାତୃତ୍ୱ ଲାଭ ପରେ ନବଜନ୍ମିତ ଶିଶୁ ଏବଂ ମା' ଉଭୟଙ୍କୁ ପୁଷ୍ଟିକର ଖାଦ୍ୟ ସହ ଔଷଧ ପ୍ରଦାନ କରାଯାଉଛି। ନଗଡ଼ା ଭଳି ଅଞ୍ଚଳରେ କମ୍ ବୟସରେ ମାତୃତ୍ୱ ଲାଭ କରିବା ଏବଂ ଅଧିକରୁ ଅଧିକ ପ୍ରସବ କରିବା ମଧ୍ୟ ଏହାର ଅନ୍ୟତମ ମୁଖ୍ୟ କାରଣ ବୋଲି କୁହାଯାଉଛି। ଡା. ନିରଞ୍ଜନ ପତିଙ୍କ ମତରେ ବାରମ୍ବାର ସଚେତନତା ସହ ପରୀକ୍ଷା କରାଗଲେ ହିଁ ଏହାର ସମାଧାନ ହୋଇପାରିବ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ନନ୍ଦଙ୍କୁ ପଚାରିବାରେ ଏହାକୁ ଗୁରୁତର ସହ ନେଇ ବାରମ୍ବାର ଶିବିର ଏବଂ ଅନ୍ୟ କାର୍ଯ୍ୟକ୍ରମ ଜାରିଆରେ ପଦକ୍ଷେପ ଗ୍ରହଣ କରାଯାଇ ସରକାରଙ୍କ ଅମ୍ଳାନ ଯୋଜନାରେ ଚିହ୍ନଟ ପ୍ରକ୍ରିୟା ସହ ବିଭିନ୍ନ ଔଷଧ ବଣ୍ଟନ କରାଯାଉଥିବା ସୂଚନା ଦେଇଛନ୍ତି। ଏବେ ୧୭ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମରେ ଏହାକୁ ଅଧିକ ତ୍ୱରାନ୍ୱିତ କରାଯାଉଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡା. ଶୁଭାଶିଷ ଜେନା କହିଛନ୍ତି।

# ବ୍ଲକ୍ ଅଫିସ୍ ଆଗରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ଗଣଧାରଣା




ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କମ୍ୟୁନିଟି ସପୋର୍ଟ ଷ୍ଟାଫ ସଂଘ ପକ୍ଷରୁ ଗଣଧାରଣା।

ବିଞ୍ଝାରପୁର, ୨୨।୯( ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ୍‌ରେ ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ ସଂଘ ପକ୍ଷରୁ ସ୍ଥାୟୀ ଦରମା ଦାବିରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣଧାରଣା ଦିଆଯାଇଛି। ବ୍ଲକ୍ ଅନ୍ତର୍ଗତ ୨୯ ପଞ୍ଚାୟତରେ ମିଶନ ଶକ୍ତି ଅଧୀନରେ ଶତାଧିକ କାର୍ଯ୍ୟରତ ସପୋର୍ଟ ଷ୍ଟାଫ କାର୍ଯ୍ୟ ବନ୍ଦକରି ଗଣଧାରଣାରେ ସାମିଲ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କ ପାଇଁ ସରକାର ସ୍ଥାୟୀ ଦରମାର ବ୍ୟବସ୍ଥା ନ କରି କେବଳ ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି। ଏହାଦ୍ୱାରା ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମାନଙ୍କ ପାଇଁ ସ୍ଥାୟୀ ଦରମା ଓ ରାଜସ୍ୱ ଗ୍ରାମ ଅନୁଯାୟୀ ସିଏଲ୍ଏଫ୍ ଗଠନ ବେଳେ ବାଦ୍ ପଡ଼ିଥିବା ସିଆର୍‌ପିମାନଙ୍କର ସ୍ଥାୟିତ୍ୱ ଏବଂ ସମସ୍ତ ସିଏସ୍ଏସ୍‌ଙ୍କର ସ୍ଥାୟୀ ଦରମା ପ୍ରଦାନ ନେଇ ସଂଘ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ଦାବି ପୂରଣ ହୋଇପାରିନାହିଁ। ଏହାକୁ ନେଇ ସଂଘ ଅସନ୍ତୋଷ ପ୍ରକାଶ କରିବା ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ସଭାପତି ଉତ୍ପଳବର୍ଣ୍ଣା ସାମଲ ଓ ସମ୍ପାଦିକା ପ୍ରଭାତୀ ରାଉତ ପ୍ରମୁଖ ସୂଚନା ଦେଇଛନ୍ତି।

# ମା' ବିରଜାଙ୍କ ପାଦ ଦର୍ଶନକଲେ ଶ୍ରଦ୍ଧାଳୁ

## ନବରାତ୍ରର ପ୍ରଥମ ଦିନ

ଯାଜପୁର ଟାଉନ, ୨୨।୯
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ପିତୃପକ୍ଷ ସରିଛି, ଆରମ୍ଭ ହୋଇଛି ମାତୃପକ୍ଷ। ଆଉ ଏହି ମାତୃପକ୍ଷ ଅବସରରେ ଭାରତ ବର୍ଷର ସମସ୍ତ ଦେବୀପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରିଥାନ୍ତି। ସେଥିମଧ୍ୟରୁ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ପୀଠ ହେଉଛି ଅନ୍ୟତମ। ସୋମବାରଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ମା' ବିରଜାଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହ ଶ୍ରଦ୍ଧାଳୁମାନେ ମା'ଙ୍କ ପାଦ ଦର୍ଶନ କରିଛନ୍ତି। ନବରାତ୍ରର ପ୍ରଥମ ଦିନରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଆସି ପ୍ରତ୍ୟୁଷରୁ ମା'ଙ୍କର ଯୁଗଳ ପାଦକୁ ଦର୍ଶନ କରିବା ସହ ସ୍ପର୍ଶ ମଧ୍ୟ କରିଥିଲେ। ବର୍ଷରେ ଥରେ



ଧାଡ଼ିରେ ଶ୍ରଦ୍ଧାଳୁମାନେ ମା' ବିରଜାଙ୍କ ପାଦ ଦର୍ଶନ ଲାଗି ଯାଉଛନ୍ତି।

ମାତ୍ର ଏହି ନବରାତ୍ରରେ ଶ୍ରଦ୍ଧାଳୁଙ୍କୁ ମା' ବିରଜାଙ୍କ ପାଦ ଦର୍ଶନ କରିବାର ସୁଯୋଗ ମିଳିଥାଏ। ଶ୍ରଦ୍ଧାଳୁମାନେ ମଧ୍ୟ ମା'ଙ୍କ ପାଦ ଯୁଗଳକୁ ଦର୍ଶନକରି ଆଶିଷ ଭିକ୍ଷା କାମନା କରିଥିଲେ। ସେହିପରି ଅପରାହ୍ଣରେ ମା'ଙ୍କ ବିରଜାଙ୍କ ସିଂହଧ୍ୱଜ ରଥ ପ୍ରତିଷ୍ଠା କରାଯିବା ପରେ ମା' ବିରଜାଙ୍କ ଚଳନ୍ତି ପ୍ରତିମା ରଥାରୂଢ଼ ହେଲା ପରେ ରଥଟଣା କାର୍ଯ୍ୟକ୍ରମ ହେବ। ନବରାତ୍ରର ଏହି ୯ ଦିନରେ ମା'ଙ୍କ ଚଳନ୍ତି ପ୍ରତିମା ରଥରେ ବସି ମନ୍ଦିର ପରିକ୍ରମା କରିବା ସହ ଭକ୍ତମାନଙ୍କୁ ଦର୍ଶନ ଦେବେ। ଏହି ୯ ଦିନରେ ଜିଲା ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରିବା ସହ ରଥକୁ ଟାଣିବାକୁ ଆସିବେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଛି।

# ପାରିବାରିକ କଳହ: ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଧର୍ମଶାଳା, ୨୨।୯(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ପାଖର ପଞ୍ଚାୟତ ବିରିବାଟୀ ଗ୍ରାମର ଜଣେ ବ୍ୟକ୍ତି ପାରିବାରିକ କଳହ ଯୋଗୁ ଘରେ ଦୌଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ବିରିବାଟୀ ଗ୍ରାମର ଆରତ ମଳିକ (୪୫)ଙ୍କୁ ରବିବାର ରାତିରେ ଘରେ ଶୋଇ ପଡ଼ିଥିବା ବେଳେ ପାରିବାରିକ କଳହ ଯୋଗୁ ଘରେ ରଶି ଲଗାଇ ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (୩୫/୨୫)ରେ ରୁଜୁକରି ଘଟଣାର ତଦନ୍ତ କରାଯାଉଛି ବୋଲି ଆଇଆଇସି ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି।

# ପଲାଇରେ ରକ୍ତଦାନ ଶିବିର



ସେବାପକ୍ଷ ଅବସରରେ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ବାଲିଚନ୍ଦ୍ରପୁର, ୨୨।୯(ଗିରିଜା ପ୍ରସାଦ ସାହୁ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସେବାପକ୍ଷ ପାଳନ କରାଯାଉଛି। ବିଭିନ୍ନ ସ୍ଥାନରେ ଏକ୍ ପେଡ୍ ମା'କେ ନାମ୍, ରକ୍ତଦାନ ଶିବିର ଏବଂ ଅନ୍ୟ ସେବା କାର୍ଯ୍ୟକ୍ରମ ଚାଲିଛି। ଏହି ପରିପ୍ରେକ୍ଷୀରେ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ପଲାଇ ପଞ୍ଚାୟତସ୍ଥିତ ନଙ୍ଗୁଳି ମଠଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଚଣା ବ୍ଲକ ଅଧ୍ୟକ୍ଷା ମିନତି ସେନାପତି, ଯାଜପୁର ଜିଲା ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଜେନା, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସାମାଜିକ କର୍ମୀ ସୁମନ୍ତ କୁମାର ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ନିରଞ୍ଜନ ସେନାପତି, ପଲାଇ ସରପଞ୍ଚ ଆରତୀ ବେହେରା, ସାଉଡ଼ିଆ ସରପଞ୍ଚ ଜଗନ୍ନାଥ ଖଣ୍ଡାଇ, ସୁମନ୍ତ କୁମାର ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ୨୦ ନଂ. ଜୋନ୍‌ର ୯ ପଞ୍ଚାୟତକୁ ନେଇ ଗଠିତ ଓଳାଶୁଣୀ ମଣ୍ଡଳ ସଭାପତି ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଭରତପୁର ସରପଞ୍ଚ ବିଭୂତି ଭୂଷଣ ସାମଲ, ସାମାଜିକ କର୍ମୀ ମାନଗୋବିନ୍ଦ ରାଉତ, ୧୮ ନଂ. ଜୋନ୍ ସଭାପତି ବିମଳ ପ୍ରସାଦ ପ୍ରଧାନ, ୧୭ ନଂ. ଜୋନ ସଭାପତି ବିଶ୍ୱଜିତ୍ ସାମଲ, ୧୬ ନଂ. ମଣ୍ଡଳ ସଭାପତି ମାନସ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଡାକ୍ତର ଏବଂ ସହଯୋଗୀମାନେ ରକ୍ତଦାନ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ। ବିପିନ ବିହାରୀ ସାମଲ, ଅମର କୁମାର ସାମଲ, ରବୀନ୍ଦ୍ର ବାରିକ, ବାଇଧର ସେନାପତି, ପ୍ରଭାସ ଜେନା, ଉତ୍ତମ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ। ଏହି ଶିବିରରେ ୭୫ ଜଣ ରକ୍ତଦାତା ରକ୍ତଦାନ କରିଥିଲେ।

# ଜିପିଏଲ୍ଏଫ୍ କର୍ମୀଙ୍କ ଧର୍ମଶାଳା ବ୍ଲକ୍ ଅଫିସ୍ ଆଗରେ ଗଣଧାରଣା



ଜିପିଏଲ୍ଏଫ୍ କର୍ମୀଙ୍କ ଧର୍ମଶାଳା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା।

ଧର୍ମଶାଳା/କାଏମା, ୨୨।୯
(ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ୍‌ର ଜିପିଏଲ୍ଏଫ୍ କର୍ମୀ ସୋମବାର କମ୍ୟୁନିଟି ସପୋଟ୍ ଷ୍ଟାଫ୍‌ଙ୍କ କାର୍ଯ୍ୟଭିତ୍ତିକ ପ୍ରୋତ୍ସାହନ ରାଶି ପରିବର୍ତ୍ତେ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ ଦାବିରେ ବ୍ଲକ୍‌କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ମହିଳା କର୍ମୀ ଗଣଧାରଣା ଦେଇଥିଲେ। ଧର୍ମଶାଳା ବ୍ଲକ ଜିପିଏଲ୍ଏଫ୍ କର୍ମୀ ସଂଘର ସଭାନେତ୍ରୀ ଝୁନୁବାଳା ଦାସ କହିଛନ୍ତି, ଆଜକୁ ୬ମାସ ହେଲା ପୂର୍ବରୁ ଦିଆଯାଉଥିବା ପ୍ରୋତ୍ସାହନ ରାଶି ନ ମିଳିବାରୁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ତା'ର କୌଣସି ସମାଧାନ ହୋଇନାହିଁ। ରାଜସ୍ୱ ଗ୍ରାମ ଅନୁସାରେ ସିଏଲ୍ଏଫ୍ ଗଠନ ଫଳରେ ବାଦ୍ ପଡ଼ୁଥିବା ସିଆରପିଙ୍କ ସ୍ଥାୟିତ୍ୱ ଓ ସିଏସ୍ଏସ୍‌ଙ୍କ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ ରାଶି ସ୍ଥାୟୀ ପ୍ରଦାନ ନ ହେବା ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି ସୂଚନା ଦେଇଛନ୍ତି। ଏ ନେଇ ସଂଘ ଧର୍ମଶାଳା ବିଡିଓ, ଥାନା ଅଧିକାରୀ, ତହସିଲଦାର, ବିପିସି ମିଶନ ଶକ୍ତି, ବିପିଏମ୍, ଓଏଲ୍ଏମ୍‌ଙ୍କୁ ଅବଗତ କରାଯାଇଛି। ଗଣଧାରଣାରେ ସଂଘର ଉପସଭାପତି ମମତା ସେଠୀ, ସମ୍ପାଦିକା ମିତାରାଣୀ ନାଥ, କୋଷାଧ୍ୟକ୍ଷ ନମିତା ସାମଲ ଓ ସଙ୍ଗଠକ ସମ୍ପାଦିକା କନକଲତା ବେହେରା ପ୍ରମୁଖ ଶତାଧିକ କର୍ମୀ ଯୋଗଦେଇ ତୁରନ୍ତ ସେମାନଙ୍କ ଦାବି ସରକାର ଗ୍ରହଣ କରିବାକୁ ଦାବି କରିଛନ୍ତି।

# ମିଳିତ ଜନଶୁଣାଣି ଶିବିର: ୧୫୨ ଅଭିଯୋଗ

ବରୀ, ୨୨।୯(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଅମ୍ବର କୁମାର କର ଓ ଏସ୍‌ପି ଯଶପ୍ରତାପ ଶ୍ରୀମଲ୍ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୧୫୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୧୧୪ଟି, ଗୋଷ୍ଠୀଗତ ସମସ୍ୟା ୬ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏଥିରେ ଏସ୍‌ପି ଶ୍ରୀମଲ୍, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଉପ ଜିଲାପାଳ ତାପସ ରଞ୍ଜନ ଦେହୁରି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ମିଶ୍ର, ବିଡିଓ ଅସିତ କୁମାର ମହାନ୍ତି, ଏବିଡିଓ ମହେଶ୍ୱର ସେଠୀ, ତହସିଲଦାର ଦୀପ୍ତିମୟୀ ବେହେରା, ବ୍ଲକ୍ ଶିକ୍ଷା ମଣ୍ଡଳ ଅଧିକାରିଣୀ ପ୍ରତିଶ୍ରୁତି ସିଂ, ଯୋଗାଣ ନିରୀକ୍ଷକ ମହାଶ୍ୱେତା ଦାସ, ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ତ୍ରିପାଠୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ବିନୋଦ ଶିଅଳ, ସିଡିପିଓ ସଙ୍ଗୀତା ଏକ୍କା, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଭଗବାନ ବେହେରା, ସରୋଜ ପଣ୍ଡା, ରାକେଶ ମଲ୍ଲିକ, ଦୁର୍ଗା ସାହୁ, ବିଭୂତି ଭୂଷଣ ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ଯେନା, ବିପିଏମ୍ ଅନିରୁଦ୍ଧ ସାହୁ ଓ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଜିଲାପାଳ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନକରି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଶିବିରରେ ଚିହ୍ନଟ ହୋଇଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ଓ ଶ୍ରବଣ ଯନ୍ତ୍ର ପ୍ରଭୃତି ବଣ୍ଟନ କରାଯାଇଥିଲା।



ଶିବିରରେ ଭିନ୍ନକ୍ଷମମାନଙ୍କୁ ଟ୍ରାଇ ସାଇକେଲ ଜିଲାପାଳ ଓ ପ୍ରଶାସନିକ ଅଧିକାରୀମାନେ ପ୍ରଦାନ କରୁଛନ୍ତି।

# ସମସ୍ୟା ନେଇ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

## ଏନ୍‌ସି କଲେଜରେ ଛାତ୍ର ଅଶାନ୍ତ

ଯାଜପୁର ଟାଉନ, ୨୨।୯
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁରର ଐତିହ୍ୟ ତଥା କିମ୍ବଦନ୍ତୀ ବହନ କରୁଥିବା ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟରେ ସୋମବାର ଛାତ୍ରୀଛାତ୍ର କଲେଜ ଫାଟକରେ ତାଲା ପକାଇବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

କଲେଜରେ ବିଭିନ୍ନ ସମସ୍ୟା ଥିବାରୁ ଛାତ୍ରୀଛାତ୍ର କଲେଜର ଅଧ୍ୟକ୍ଷଙ୍କୁ ୪ ଥର ଅଭିଯୋଗ କରିଥିଲେ ମଧ୍ୟ ଅଧ୍ୟକ୍ଷ କୌଣସି କଥାକୁ କର୍ଣ୍ଣପାତ କରି ନ ଥିଲେ। କଲେଜର ରୂପରେଖ ବଦଳିଛି, କିନ୍ତୁ କଲେଜରେ ପାଣି ସମସ୍ୟା ରହିଛି। ପିଇବା ପାଇଁ ପାଣି ନ ଥିବା ବେଳେ ଶୌଚାଳୟର ସୁବିଧା ନାହିଁ। ଅଣଛାତ୍ର କଲେଜକୁ ବାରମ୍ବାର ପଶି ଆସୁଛନ୍ତି। ଫଳରେ ବିଭିନ୍ନ ସମୟରେ ଏହି ଅଣଛାତ୍ରଙ୍କ ସହ କଲେଜ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଛି। ଏହି ଅଣଛାତ୍ର କଲେଜର ଛାତ୍ରୀଙ୍କୁ ଆଶାଳୀନ ବ୍ୟବହାର ମଧ୍ୟ କରିବାକୁ ପଛାଇ ନ ଥାନ୍ତି। କଲେଜରେ ସୁରକ୍ଷା କର୍ମୀ ନ ଥିବାରୁ ଏହି ଅଣଛାତ୍ରଙ୍କ ପ୍ରବେଶ ଉପରେ ରୋକ୍ ଲାଗି ପାରୁନାହିଁ। ସେହିପରି କଲେଜର ଶ୍ରେଣୀଗୃହ ଭିତରକୁ ବୁଲାଗୋରୁ, କୁକୁର ପ୍ରବେଶ କରି ଅପରିଷ୍କାର କରିବା ସହ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରୁଛନ୍ତି। ଦୂରଦୂରାନ୍ତରୁ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଆସୁଥିବା ବେଳେ କଲେଜ ମଧ୍ୟରେ କ୍ୟାଣ୍ଟିନ ନ ଥିବାରୁ ଖାଇବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନ ଦ୍ୱିପ୍ରହରରେ କଲେଜ ମଧ୍ୟରେ ଚୋର ପ୍ରବେଶକରି ଆସବାବପତ୍ର ଚୋରି କରୁଛନ୍ତି। ସିସିଟିଭି ନ ଥିବାରୁ ଏହି ଚୋରଙ୍କୁ ଧରିବାରେ ପୋଲିସ ବିଫଳ ହେଉଛି। ଦୀର୍ଘଦିନ ହେବ କଲେଜର ଆକ୍ୱାଗାର୍ଡ ଖରାପ ହୋଇ ପଡ଼ିବା ଯୋଗୁ ଛାତ୍ରୀଛାତ୍ର ପାଣି ପିଇବା ପାଇଁ ହଇରାଣ ହେଉଛନ୍ତି। ଏପରି ବିଭିନ୍ନ ସମସ୍ୟା ଥିବାରୁ ଛାତ୍ରୀଛାତ୍ର ବାରମ୍ବାର କଲେଜର କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ ଏହାର କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବାଧ୍ୟ ହୋଇ ସୋମବାର ଛାତ୍ରୀଛାତ୍ର କଲେଜର ଫାଟକରେ ତାଲା ପକାଇବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭ ଯୋଗୁ ପରୀକ୍ଷା ମଧ୍ୟ ହୋଇପାରି ନ ଥିଲା। ଯାଜପୁର ପୋଲିସ କଲେଜରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ସେମାନେ ବିକ୍ଷୋଭରୁ ଓହରିଥିଲେ।



ମହାବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ମା' ସିଦ୍ଧିଦାତ୍ରୀଙ୍କ ଶୈଳପୁତ୍ରୀ ବେଶ



ନାଉଗାଁ,୨୨।୯ (ସୁଧା ବେହୁରା)

ଜଗତସିଂହପୁର ବ୍ଲକ ଅନ୍ତର୍ଗତ ସରାପୋଖରିସ୍ଥିତ ସିଦ୍ଧିଶ୍ରୀକ୍ଷେତ୍ର ପୀଠରେ ଶାରଦୀୟ ପାର୍ବଣର ଅଷ୍ଟମ ଦିବସ ପୂଜା ଅବସରରେ ମା' ସିଦ୍ଧିଦାତ୍ରୀଙ୍କୁ ଶୈଳପୁତ୍ରୀ ବେଶରେ ସୁସଜ୍ଜିତ କରାଯାଇଛି। ଏହି ବେଶକୁ ପୀଠର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମକୁ ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ଓ ଆଶ୍ରମବାସୀ ପରିଚାଳନା କରୁଛନ୍ତି । ମା'ଙ୍କ ଏହି ବେଶ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

# ବ୍ରାଉନ୍‌ସୁଗାର, କଫ ସିରପ୍, ଅଫିମ ଫୁଲ ଜବତ ବଢ଼ିଛି

ଜଗତସିଂହପୁର, ୨୨।୯ (ପ୍ରମୋଦ କୁମାର ନାୟକ)

ସମ୍ପ୍ରତି ବ୍ରାଉନ୍‌ସୁଗାରକୁ ନେଇ ଚିନ୍ତା ପ୍ରକଟ କରାଯାଉଛି। କାରଣ ଏହି ମାରାତ୍ମକ ନିଶା କେବଳ ସହର ନୁହେଁ, ବହୁ ମାତ୍ରାରେ ଗାଁ ଗହଳିକୁ ମଧ୍ୟ ଚୋରା ଚାଲାଣ ହେଉଛି। ବିଶେଷକରି ଯୁବଗୋଷ୍ଠୀ ଏହାକୁ ସେବନ କରି ବିପଦଗାମୀ ହେଉଛନ୍ତି। ଧୀରେ ଧୀରେ ଯୁବଗୋଷ୍ଠୀ ନିଶା କବଳରେ କବଳିତ ହେଉଥିବାରୁ ମାନବ ସମ୍ବଳ ଗୁରୁତର ଭାବେ ପ୍ରଭାବିତ ହେଉଛି। ଯୁବଗୋଷ୍ଠୀ ନିଜର ଭବିଷ୍ୟତ ନଷ୍ଟ କରିବା ସହ ସେମାନଙ୍କ ପରିବାର ଓ ଦେଶର ପ୍ରଭୂତ କ୍ଷତି କରୁଛନ୍ତି। ତେବେ ଏ ପରିସ୍ଥିତିରେ ବ୍ରାଉନ୍‌ସୁଗାର ସମେତ ବିଭିନ୍ନ ନିଶା କାରବାର ବନ୍ଦ ପାଇଁ ସାଧାରଣରେ ଦାବି ହୋଇ ଆସୁଥିଲେ ସୁଦ୍ଧା ଏହା ନିୟନ୍ତ୍ରଣକୁ ଆସୁନାହିଁ। ଏ ପରିସ୍ଥିତିରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ରାଜ୍ୟରେ ବିଗତ

**ବିଧାନସଭାରେ ଜଗତସିଂହପୁର ବିଧାୟକଙ୍କ ପ୍ରଶ୍ନର ଉତ୍ତର**
- ଗଞ୍ଜେଇ, ଅଫିମ, ପପିଭୁଷ୍ କମିଛି
- ୩ ବର୍ଷ ପରିବର୍ତ୍ତେ ୨ ବର୍ଷର ତଥ୍ୟ ଦେଲେ ମନ୍ତ୍ରୀ

୩ ବର୍ଷରେ କେତେ ପରିମାଣର ବ୍ରାଉନ୍‌ସୁଗାର, ଚରସ ଓ ଅନ୍ୟ ଡ୍ରଗ୍ସ ସାମଗ୍ରୀ ଜବତ ହୋଇଛି ସେ ସମ୍ପର୍କିତ ପ୍ରଶ୍ନ ବିଧାନସଭାରେ କରିଥିଲେ। ସେ ଏକଥା ମଧ୍ୟ ପଚାରିଥିଲେ ଜବତ ହୋଇଥିବା ଡ୍ରଗ୍ସ ସାମଗ୍ରୀକୁ ନଷ୍ଟ କରିବା ପାଇଁ କୌଣସି କମିଟି ଗଠନ ହେଇଥିଲେ ସେଥିରେ କେଉଁମାନଙ୍କୁ ନିଆଯାଇଛି ତା'ର ସୂଚନା ଦିଆଯାଉ। ଏହାର ଉତ୍ତରରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ୩ ବର୍ଷ ପରିବର୍ତ୍ତେ ୨ ବର୍ଷର ଅର୍ଥାତ୍ ୨୦୨୨-୨୩ ଓ ୨୦୨୩-୨୪ର ତଥ୍ୟ ଦେଇଛନ୍ତି। ସେ ଦର୍ଶାଇଛନ୍ତି ୨୦୨୨-୨୩ ମସିହାରେ ୪୨,୮୭ କିଲୋଗ୍ରାମ(କେ.ଜି) ଗଞ୍ଜେଇ ଜବତ ହୋଇଥିଲା। କିନ୍ତୁ ୨୦୨୩-୨୪ ବେଳକୁ ଏହି ପରିମାଣ ୩୩,୬୪୧ କେ.ଜି.କୁ ଖସି ଆସିଥିଲା। ସେହିପରି ୨୦୨୨-୨୩ରେ ୩୨,୮୭ କେ.ଜି. ବ୍ରାଉନ୍‌ସୁଗାର ଜବତ ହୋଇଥିବା ବେଳେ ୨୦୨୩-୨୪ରେ ଏହି ପରିମାଣ ୩୪,୪୭୨ କେ.ଜି.କୁ ବୃଦ୍ଧି ପାଇଛି। କାଶ ସିରପ ୨୦୨୨-୨୩ରେ ୧୦୪୨ ବିଏଲ୍ ଥିବାବେଳେ ୨୦୨୩-୨୪ରେ ଏହା ୧୬୦୩ ବିଏଲ୍‌କୁ ବୃଦ୍ଧି ପାଇଛି। ଅଫିମ ୨୦୨୨-୨୩ରେ ୬୩୮ ଗ୍ରାମ ଜବତ ହୋଇଥିଲା। କିନ୍ତୁ ୨୦୨୩-୨୪ରେ ଏହି ପରିମାଣ ୨୮୦ ଗ୍ରାମକୁ ଖସିଆସିଛି। ୨୦୨୨-୨୩ରେ ୭୦୦୨ଟି ଅଫିମ ଫୁଲ ଜବତ ହୋଇଥିଲା। ମାତ୍ର ୨୦୨୩-୨୪ରେ ଏହି ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇ ୯,୧୭,୩୦୧ରେ ପହଞ୍ଚିଛି। ପପି ଭୁଷ ବା ପପି ତୃଣ ୨୦୨୨-୨୩ରେ ୨୨୯ କେ.ଜି. ଜବତ ହୋଇଥିବାବେଳେ ୨୦୨୩-୨୪ରେ ଏହା ୪ କେ.ଜି.କୁ ଖସି ଆସିଛି। ଜବତ ଡ୍ରଗ୍ସ ସାମଗ୍ରୀକୁ ନଷ୍ଟ କରିବା ପାଇଁ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗର ବିଜ୍ଞପ୍ତି ଅନୁଯାୟୀ ପ୍ରତ୍ୟେକ ଜିଲାରେ କମିଟି ଗଠନ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି କମିଟିରେ ସମ୍ପୃକ୍ତ ଜିଲାର ପୋଲିସ ଅଧୀକ୍ଷକ, ଜିଲାପାଳଙ୍କ ଦ୍ୱାରା ମନୋନୀତ ଡେପୁଟି ଜିଲାପାଳ, ଅବକାରୀ ଅଧୀକ୍ଷକ ଓ ଡେପୁଟି ପୋଲିସ ଆୟୁକ୍ତ/ଅଧୀକ୍ଷକଙ୍କ ଦ୍ୱାରା ମନୋନୀତ ଡେପୁଟି ପୋଲିସ ଅଧୀକ୍ଷକ (ଅପରାଧ) କିମ୍ବା ଯେ କୌଣସି ଡେପୁଟି ପୋଲିସ ଅଧୀକ୍ଷକଙ୍କୁ ନିଆଯାଇଛି। ଉକ୍ତ ଡ୍ରଗ୍ସ ଡିସ୍‌ପୋଜାଲ କମିଟି ଗଠନ ହେବା ସହ ଏହା ଦ୍ୱାରା ଡ୍ରଗ୍ସ ସାମଗ୍ରୀକୁ ନଷ୍ଟ କରାଯାଉଥିବା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

# ୬ ମାସ ନପୂରୁଣୁ ଅବସ୍ଥା ଶୋଚନୀୟ

**ବିଶ୍ୱନାଥପୁର ପଣ୍ଡିଆ ସାହି କେନାଲ ବନ୍ଧ ରାସ୍ତା**
- ଭିଜିଲାନ୍ସ ତଦନ୍ତ ପାଇଁ ଦାବି
- ମିଳିମିଶି ୩୪ ଲକ୍ଷ ଟଙ୍କା ଚଳୁ କରିଦେଲେ



ଖାଲଖମାରେ ପରିପୂର୍ଣ୍ଣ ରାସ୍ତା।

ରଘୁନାଥପୁର,୨୨।୯(ରାଜେନ୍ଦ୍ର ନାରାୟଣ ସିଂହ)

ଗ୍ରାମାଞ୍ଚଳରେ ସାଧାରଣ ଜନତାଙ୍କ ଯାତାୟାତକୁ ସୁଗମ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଉଛି। ଏହା କେତେଦୂର ଲୋକଙ୍କ ସେବାରେ ଲାଗୁଛି ତାହାର ତର୍ଜମା କରାଯାଉନାହିଁ। ଏଭଳି ଏକ ବାସ୍ତବ ଚିତ୍ର ଦେଖିବାକୁ ମିଳିଛି ଜଳସମ୍ପଦ ବିଭାଗ ଅଧୀନସ୍ଥ ଜଗତସିଂହପୁର ଜିଲା ବାଲିଆ ସେକ୍‌ସନ ଅଧିନରେ ଥିବା ୬ ନଂ (ଇ) କେନାଲ ବନ୍ଧ ଦେଇ କିମି ରାସ୍ତା କ୍ଷେତ୍ରରେ। ଗତ ୬ ମାସ ତଳେ ଉକ୍ତ କେନାଲ ବନ୍ଧ ରାସ୍ତାର ନବୀକରଣ କାର୍ଯ୍ୟ କରାଯାଇଥିଲେ ସୁଦ୍ଧା ବର୍ତ୍ତମାନ ରାସ୍ତାର ଅବସ୍ଥା ବେହାଲ ହୋଇପଡ଼ିଛି। ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାର ଅଧିକାଂଶ ସ୍ଥାନରେ ଖାଲଖମା ସୃଷ୍ଟିହୋଇ ଲୋକଙ୍କ ପାଇଁ ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ରାସ୍ତା କାର୍ଯ୍ୟ ଚାଲିଥିବା ସମୟରେ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଖବରକାଗଜରେ ପ୍ରକାଶ ପାଇଥିଲା। ତତ୍କାଳୀନ ଏସଡିଓ ଓ ଯନ୍ତ୍ରୀଙ୍କୁ ମଧ୍ୟ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ତେବେ ସେମାନଙ୍କ ଖାମଖିଆଲ ପଣ ତଥା ଦୂରଦୃଷ୍ଟିର ଅଭାବ ଯୋଗୁ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଲା ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଦାୟିତ୍ୱରେ ଥିବା ଅଧିକାରୀ ଓ ଠିକାଦାର ମିଳିମିଶି ୩୪ ଲକ୍ଷ ଟଙ୍କା ଚଳୁ କରିଦେଲେ ବୋଲି ଗ୍ରାମବାସୀ ପ୍ରତିକ୍ରିୟା ରଖିଛନ୍ତି। ଏହି ରାସ୍ତାଟି ରଘୁନାଥପୁର ବ୍ଲକର ସଂଯୋଗକାରୀ ରାସ୍ତା ଅଟେ। ଏହା ଉପରେ ଜଇପୋଲ, ବରାଗୋଳ, ତରିଲୁଦ, ସାଦେଇପୁର ଆଦି ଆଖପାଖ ୮ ପଞ୍ଚାୟତର ଲୋକେ ନିର୍ଭରଶୀଳ। ଦୈନନ୍ଦିନ ଏହି ରାସ୍ତା ଦେଇ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ରୋଗୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ଜିଲା ତଥା ବ୍ଲକ କାର୍ଯ୍ୟାଳୟକୁ ଯାତାୟାତ କରିଥାନ୍ତି। ଠିକାଦାର ନବନିର୍ମିତ ରାସ୍ତାରେ ଅଳ୍ପ ମୋରମ ମେଞ୍ଚାଇ ପକେଇ କାର୍ଯ୍ୟ କରିଥିବାରୁ ବର୍ଷାଦିନେ ଏଗୁଡ଼ିକ ଉଠି ବିରାଟକାୟ ଖାଲ ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହେଉଛି। ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଏହାର ଭିଜିଲାନ୍ସ୍ ଦ୍ୱାରା ତଦନ୍ତ କରିବା ପାଇଁ ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ଜେନା ଜିଲାପାଳ, ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ, ସଚିବ ଓ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନଚେତ ଆଗାମୀ ଦିନରେ ଜନ ଅସନ୍ତୋଷ ଉଗ୍ରରୂପ ନେଇ ଆନ୍ଦୋଳନର ରୂପ ନେବ ବୋଲି ଜେନା ସୂଚାଇ ଦେଇଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଏସଡିଓ ସିଦ୍ଧାର୍ଥ ପ୍ରିୟରଞ୍ଜନ ଜେନାଙ୍କୁ ପଚାରିବାରୁ, ସେ ରାସ୍ତା କାର୍ଯ୍ୟ ସମୟରେ ନ ଥିଲେ। ବର୍ତ୍ତମାନ କ'ଣ ହୋଇଛି ତାହା ଦେଖିବେ ବୋଲି ପ୍ରକାଶ କରିଛନ୍ତି।

## ବେଆଇନ ବିସ୍ଫୋରକ ସାମଗ୍ରୀ ଜବତ : ଜଣେ ଗିରଫ

ଏରସମା, ୨୨।୯ (ଦୀପ୍ତି ଖଣ୍ଡୁଆଳ)

ବୌଦ୍ଧ ଜିଲାର ଦୁର୍ଘଟଣା ପରେ ବେଆଇନ ବିସ୍ଫୋରକ କାରବାର ବନ୍ଦ କରିବା ଉଦ୍ଦେଶ୍ୟରେ ଏସପିଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଏରସମା ଥାନା ପକ୍ଷରୁ ଏହି ଥାନା ଅନ୍ତର୍ଗତ ଜପା ପଞ୍ଚାୟତସ୍ଥିତ ବଡ଼ିବର ଗ୍ରାମ ଉପରେ ଚଢ଼ାଉ କରାଯାଇଛି। ଏହି ଅବସରରେ ସେଠାରୁ ବିପୁଳ ପରିମାଣର ବାରୁଦ, ରଞ୍ଜକ, ସୁତୁଲି ଓ କୋଇଲା ଗୁଣ୍ଡ ଇତ୍ୟାଦି ଜବତ କରାଯାଇଛି। ଏହି ବେଆଇନ କାରବାର ଅଭିଯୋଗରେ ଅଭିଯୁକ୍ତ ରାମଶଙ୍କର ଦାସ (୫୩)କୁ ମାମଲା (ନଂ-୩୨୮/୨୫)ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରେମଜିତ ଦାସ କହିଛନ୍ତି।

# ଶୁଣାଣି ପରେ କାର୍ଯ୍ୟକାରୀ ହେଉନି ଅଭିଯୋଗ




ଜନଶୁଣାଣି ଶିବିରରେ ଜିଲାପାଳ ଜେ.ସୋନାଲଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ନାଉଗାଁ,୨୨।୯(ସୁଧା ବେହୁରା)

**ମିଳିତ ଯୁଗ୍ମ ଜନ ଶୁଣାଣି**

ଜଗତସିଂହପୁର ଜିଲା ନାଉଗାଁ ବ୍ଲକ କୋଠି ଫେଡେରେସନ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଓ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ଜେ.ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ । ଶିବିରରେ ସମୁଦାୟ ୮୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ଗ୍ରାମ୍ୟ ଓ ଗୋଷ୍ଠୀଗତ ୧୦ ଓ ବ୍ୟକ୍ତିଗତ ସମସ୍ୟା ୭୯ଟି ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ୨୯, ଜମିଜମା ସମସ୍ୟା ୧୭, ରାଶନକାର୍ଡ ସମ୍ପର୍କିତ ୧, ଭତ୍ତା ସମ୍ବନ୍ଧୀୟ ୨, ପୋଲିସ ସହାୟତା ୧ ଏବଂ ଅନ୍ୟାନ୍ୟ ୨୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ସେଥିରୁ ୩ଟି ଅଭିଯୋଗ ତତ୍କାଳ ଫଇସଲା କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। ଏହି ଅବସରରେ ବଛାଳୋ ପଞ୍ଚାୟତ ସମିତି ସଭ୍ୟ ଚନ୍ଦନ ଲେଙ୍କା ଅଭିଯୋଗ କରିଥିଲେ ଯେ, ଶିବିରରେ ଅଭିଯୋଗ କରାଯାଉଥିଲେ ମଧ୍ୟ ତାହାର କାର୍ଯ୍ୟକାରୀ ହେଉନାହିଁ। ଫଳରେ ଜନସାଧାରଣ ନିରାଶ ହେଉଛନ୍ତି। ଅଲଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ନବକିଶୋର ମହାନ୍ତି ଅଭିଯୋଗ କରିଥିଲେ ଯେ, ତାଷକଳରୁ ଉଦ୍ଭୂତ ଜଳ ନିଷ୍କାସନ ହୋଇପାରୁନାହିଁ। ପଞ୍ଚାୟତ ଦେଇ ପ୍ରବାହିତ ହାତୀ ଯୋଗର ତଳମୁଣ୍ଡରେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜବରଦଖଲ କରିଥିବା ଯୋଗୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ କରାଯାଇଥିଲା। ସାମାଜିକ ନ୍ୟାୟ ମଞ୍ଚ ଓ ଜନସ୍ୱାର୍ଥ ସୁରକ୍ଷା କମିଟି ପକ୍ଷରୁ ବିଜୟ କୁମାର ଦାସ, ସୁରଥ ସ୍ୱାଇଁ, ସର୍ବେଶ୍ୱର ମହାରଣା, ଗୌରାଙ୍ଗ ଦାସ, ବାବୁରାମ ସ୍ୱାଇଁ, ବଂଶୀଧର ଦାସ ପ୍ରମୁଖ ୮ ଦଫା ଦାବି ସମ୍ବଳିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ବୁଲା ଷଣ୍ଢ ଓ ମାଙ୍କଡଙ୍କ ଉପଦ୍ରବରୁ ଚାଷକୁ ରକ୍ଷା କରିବା, ତିରୁଣା ପଞ୍ଚାୟତ ଅନ୍ତର୍ଗତ ନରଣପୁର ଗଗନ ରାୟଙ୍କ ଘରଠାରୁ ଗୋପାଳ ସାହିକୁ ରାସ୍ତା ନିର୍ମାଣ,ସରକାରୀ ଶୀତଳ ଭଣ୍ଡାର ନିର୍ମାଣ, ଭୂମିହୀନ ପରିବାରକୁ ଜମି ପଟ୍ଟା ପ୍ରଦାନ,ଆବଶ୍ୟକ ପରିମାଣରେ ୟୁରିଆସାର ପ୍ରଦାନ ଆଦି ଦାବି ଅନ୍ତର୍ଭୁକ୍ତ। ବାଂଶ ପଞ୍ଚାୟତର ବ୍ରହ୍ମାନନ୍ଦ ପର୍ବତଙ୍କୁ ୮୦ ବର୍ଷ ହୋଇଥିବା ବେଳେ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁ ନ ଥିବାରୁ ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିଲେ। ବ୍ରହ୍ମାନନ୍ଦ ଟ୍ରାଇସାଇକେଲରେ ଆସିଥିବାରୁ ଜିଲାପାଳ ତାଙ୍କ ଚେୟାରରୁ ଉଠିଆସି ବାହାରେ ତାଙ୍କର ସମସ୍ୟା ବୁଝିବା ସହ ଏହାର ସମାଧାନ ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ,ଏସ୍‌ଡିପିଓ ଅଜିତ୍ୟ ମାଣେ, ବିଡିଓ ନିରଞ୍ଜନ ପରିଡ଼ା, ତହସିଲଦାର ଅକ୍ଷୟ କୁମାର ବହୁଙ୍କ ସହ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

# ମାଲବାହୀ ଟ୍ରେନ୍‌ରୁ ମୃତଦେହ ଜବତ

ପାରାଦୀପ,୨୨।୯(ଶରତ ରାଉତ)

**୬ ମାସରେ ଚତୁର୍ଥ ଘଟଣା**



କୋଇଲା ଭିତରୁ ଜବତ ମୃତଦେହ।

ପାରାଦୀପ ବନ୍ଦର ନିଷ୍କାସିଙ୍ଗ୍ ଜେଏସ୍‌ଡବ୍ଲୁ ଟ୍ରାକ ହୁପର ମଧ୍ୟରେ ଲାଗିଥିବା ମାଲବାହୀ ଟ୍ରେନ ବଗିରୁ ରବିବାର ସନ୍ଧ୍ୟାରେ ମୃତଦେହ ମିଳିଥିବାରୁ ଏହାଙ୍କ ପରିଚୟ ଅସ୍ପଷ୍ଟ ରହିଛି। କୋଇଲା ଖଲାସ ସମୟରେ ଗଳିତ ମୃତଦେହ ଦେଖି ସିଆଇଏସଏଫ୍ ପକ୍ଷରୁ ପୋଲିସକୁ ସୂଚନା ଦିଆଯାଇଥିଲା। ଏହାପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସଂରକ୍ଷିତ ରଖିଛି। ଉକ୍ତ ପଣ୍ୟ ଏନଟିଭିଏଲରୁ ପାରାଦୀପ ଆସିଥିଲା। ଗତ ୫ ଦିନ ତଳେ ଏହିଭଳି ଏକ ମାଲବାହୀ ଟ୍ରେନ୍‌ରୁ ମୃତଦେହ ଜବତ କରାଯାଇଥିଲା। ଗତ ୬ ମାସ ମଧ୍ୟରେ ଏହା ଚତୁର୍ଥ ଘଟଣା। କୌଣସି ମୃତକଙ୍କ ପରିଚୟ ପୋଲିସ ଏଯାଏଁ ପାଇନାହିଁ।

# ରକ୍ତଦାନ ଶିବିରରୁ ୭୦ ୟୁନିଟ୍ ସଂଗୃହୀତ

ତିର୍ତ୍ତୋଲ, ୨୨।୯ ( ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ଆନନ୍ଦ ମଣ୍ଡପ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳର ଭାଜପା ନେତା ରାଜ କିଶୋର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜନ କରାଯାଇଥିଲା। ଜଗତସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, ଜିଲା ସଭାପତି ପ୍ରତାପ ମିଶ୍ର, ପୂର୍ବତନ ସଭାପତି ସତ୍ୟବ୍ରତ ମହାପାତ୍ର ଯୋଗଦେଇ ଶିବିର ଉଦ୍‌ଘାଟନ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ଯୁବତୀ, ଯୁବକ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ଟିମ୍ ପକ୍ଷରୁ ୭୦ଟୁ ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ଯୁବ ମୋର୍ଚ୍ଚା ସଭାପତି ସୁଧୀର କୁମାର ମଲିକ, ବିଶ୍ୱଜିତ୍ ଦାଶ, ପ୍ରକାଶ ଚନ୍ଦ୍ର ଜେନା, ତ୍ରିନାଥ ବାରିକ, ଏମ୍‌ପିଙ୍କ ତିର୍ତ୍ତୋଲ ବ୍ଲକ ପ୍ରତିନିଧି ସୁଜନ ବିଶ୍ୱାଳ, ରୂପକ ଖୁଣ୍ଟିଆ, ଜ୍ୟୋତି ରଞ୍ଜନ ସାହୁ, ଝରଣୀ ରାଉତ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଏଏମ୍‌ଏନ୍‌ଏସ୍ ପକ୍ଷରୁ ତୃପ୍ତି ପ୍ରକଳ୍ପ ଆରମ୍ଭ




ଛାତ୍ରୀମାନେ ତୃପ୍ତି ପ୍ରକଳ୍ପରୁ ପାଣି ନେଉଛନ୍ତି।

ପାରାଦୀପ,୨୨।୯(ଶରତ ରାଉତ)

ପାରାଦୀପର ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ (ଏଏମ୍‌ଏନ୍‌ଏସ୍) କମ୍ପାନୀ ପକ୍ଷରୁ ସ୍ଥାନୀୟ ୬ଟି ଗ୍ରାମାଞ୍ଚଳରେ ତୃପ୍ତି ପ୍ରକଳ୍ପ ଆରମ୍ଭ ହୋଇଛି। ଉକ୍ତ ଗ୍ରାମରେ ଥିବା ସରକାରୀ ସ୍କୁଲରେ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା କରାଯାଇଛି। ସେଗୁଡ଼ିକ ହେଲା ନୂଆଗଡ, ବଡ଼ପାଦା, ମୁଷାଡିହା, ପିପଲ, ବାଲିଡିହା, ପାରାଦୀପଗଡ। ଏହାକୁ ୱାଟର ପ୍ୟୁରିଫାଏର ସିଷ୍ଟମ ଲୁହାଯାଇଛି। କମ୍ପାନୀ ସିଏସ୍‌ଆର ଅଧିନରେ ଏହା କରାଯାଇଛି ବୋଲି ମାନବସମ୍ବଳ ଅଧିକାରୀ ଡା. ବିକାଶ ଯାଦବେନ୍ଦୁ ସୂଚନା ଦେଇଛନ୍ତି।

# ସ୍ଥାୟୀ ଦରମା ଦାବିରେ ମିଶନଶକ୍ତି ସହାୟିକାଙ୍କ ଧାରଣା







ବାଲିକୁଦା ଓ ଏରସମାରେ ମିଶନଶକ୍ତିର ସହାୟିକାମାନେ ଧାରଣା ଦେଇଛନ୍ତି।

କୁଜଙ୍ଗ,୨୨।୯ (ମନୋଜ ପ୍ରଧାନ)

ମାସିକ ପ୍ରୋତ୍ସାହନ ରାଶି ପରିବର୍ତ୍ତେ ପାରିଶ୍ରମିକ ପ୍ରଦାନ ଦାବିରେ ଜଗତସିଂହପୁର ଜିଲାର ବିଭିନ୍ନ ବ୍ଲକରେ ମିଶନଶକ୍ତି ସହାୟିକା ସଂଘ ପକ୍ଷରୁ ଧାରଣା ଦିଆଯାଇଛି। କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ମିଶନ ଶକ୍ତି ବିଭାଗ ଦ୍ୱାରା ନିଯୁକ୍ତି ପାଇଥିବା ଗୋଷ୍ଠୀ ସହାୟିକାମାନେ ଧାରଣା ଦେଇଥିଲେ। ଏଥିସହ କିଛି ଘଣ୍ଟା ପାଇଁ ସେମାନେ ରାସ୍ତା ମଧ୍ୟ ଅବରୋଧ କରିଥିଲେ। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କୁଜଙ୍ଗ ଥାନା ଅଧିକାରୀ ବଂଶୀଧର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଅବରୋଧ ହଟିଥିଲା। ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା ପାଇଁ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏହି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିଭିନ୍ନ କାର୍ଯ୍ୟରେ ସହାୟତା କରିବା ପାଇଁ ମିଶନ ଶକ୍ତି ପକ୍ଷରୁ ଜଣେ ଲେଖାଏ ପଞ୍ଚାୟତସ୍ତରୀୟ ଏମ୍‌ବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର ଭାବେ ନିର୍ଦ୍ଦିଷ୍ଟ ପାରିଶ୍ରମିକରେ ନିଯୁକ୍ତି ପାଉଥିଲେ । ମାତ୍ର ବର୍ତ୍ତମାନ ସରକାର ମାସିକ ପାରିଶ୍ରମିକ ପରିବର୍ତ୍ତେ ଆବଶ୍ୟକୀୟ କାର୍ଯ୍ୟ ଅନୁଯାୟୀ ପାରିଶ୍ରମିକ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ବିରୋଧ କରି ସେମାନେ ୬ ମାସ ହେବ କୌଣସି ପାରିଶ୍ରମିକ ଗ୍ରହଣ କରିନାହାନ୍ତି। ପୂର୍ବ ଭଳି ନିର୍ଦ୍ଧାରିତ ମାସିକିଆ ପାରିଶ୍ରମିକ ଦେବାକୁ ସେମାନେ ଦାବି କରୁଛନ୍ତି। ଅନୁପମା ଗୋଛାୟତ, କଳ୍ପନା ସ୍ୱାଇଁ, କାଦମ୍ବିନୀ ପ୍ରଧାନ, ପ୍ରତିମା ଲେଙ୍କା, ହାରା ରାଣୀ , ଜୋସ୍ନା ରାଣୀ ଦାସ ପ୍ରମୁଖ ଏହି ଧାରଣାର ନେତୃତ୍ୱ ନେଇଥିଲେ। ଶେଷରେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

**ତିର୍ତ୍ତୋଲ, (ଗୌରାଙ୍ଗ ଚରଣ ସ୍ୱାଇଁ)**

ମାସିକ ପ୍ରୋତ୍ସାହନ ରାଶି ପରିବର୍ତ୍ତେ ପାରିଶ୍ରମିକ ପ୍ରଦାନ ଦାବିରେ ତିର୍ତ୍ତୋଲ ବ୍ଲକର ୨୯ ପଞ୍ଚାୟତରେ ମିଶନ ଶକ୍ତି ଗୋଷ୍ଠି ସହାୟିକା ସୋମବାରଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଉଛନ୍ତି। ଗୋଷ୍ଠୀ ସହାୟିକା ତଥା ଏମ୍‌ବିକେ ମମତା ମଞ୍ଜରୀ ପଟ୍ଟନାୟକ, ଜୟନ୍ତୀ ମହାନ୍ତି, ସିଆରପି ରଶ୍ମି ରଞ୍ଜିତା ମହାନ୍ତି, ଅସୀମା ପ୍ରିୟଦର୍ଶିନୀ ସ୍ୱାଇଁ, ମିତା ରାଣୀ ଜେଠୀ, ସମେତ ବ୍ଲକ ଅଧୀନ ୨୯ ପଞ୍ଚାୟତର ଗୋଷ୍ଠି ସହାୟିକା ଏଥିରେ ସାମିଲ ହୋଇଥିଲେ। ରାଜ୍ୟ ସରକାର ତୁରନ୍ତ ଦାବିଗୁଡ଼ିକୁ ପୂରଣ କରିବାକୁ ସେମାନେ ଦାବି କରିଥିଲେ। ଏହି ଅବସରରେ ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା।

**ଏରସମା, (ଦୀପ୍ତି ଖଣ୍ଡୁଆଳ)**

ଏରସମା ବ୍ଲକ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ସ୍ଥାୟୀ ଦରମା ଦାବିରେ ସୋମବାର ବ୍ଲକସ୍ତରୀୟ ସହାୟିକା ସଂଘ ପକ୍ଷରୁ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଏଥିସହ ବିଡ଼ିଓ ଦାଶରଥୀ ଜେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଧାରଣାରେ ସଂଘର ଏରସମା ବ୍ଲକ ସଭାପତି ମୁକ୍ତା ମଞ୍ଜରୀ ମିଶ୍ର, ସମ୍ପାଦକ ନୟନବାଳା ବେହେରା, ପ୍ରାଣୀ ମିତ୍ର କଳ୍ପନା ମହାପାତ୍ର, ଜୁମକିମାଖି, କୃଷିମିତ୍ର, ଭାରତୀ ମହାପାତ୍ର, ସଂଯୁକ୍ତା ମଲ୍ଲିକ, ସୌଦାମିନୀ ଦାସ ପ୍ରମୁଖ ସାମିଲ ହୋଇଥିଲେ।

**ବାଲିକୁଦା, (ତାପସ ସ୍ୱାଇଁ)**

ବାଲିକୁଦା ବ୍ଲକ ମିଶନ ସଂଘ ପକ୍ଷରୁ ସଭାନେତ୍ରୀ ଭାରତୀ ଦାସ ଓ ସମ୍ପାଦିକା ମନ୍ଦାକିନୀ ପରିଡ଼ାଙ୍କ ନେତୃତ୍ୱରେ ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯାଇଛି। ଏଥିସହ ବିଡିଓ ସାଗର କୁମାର ନନ୍ଦଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନ ରେ ବାଲିକୁଦା ବ୍ଲକର ସମସ୍ତ ୩୦ ପଞ୍ଚାୟତର ଏମ୍‌ବିକେ, ସିଆରପି, କୃଷିମିତ୍ର, ପ୍ରାଣୀମିତ୍ର, ଏଲଏସ୍‌ପି ସଦସ୍ୟା ସାମିଲ ହୋଇଥିଲେ।

# ବିକଶିତ ଭାରତ-୨୦୪୭ ଲକ୍ଷ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା

**ପୃଥକ୍ ବର୍ଗରେ ରୁଦ୍ର, ସୌରଭ ଓ ଧ୍ରୁବଚରଣ ପ୍ରଥମ**

ଜଗତସିଂହପୁର, ୨୨।୯ (ପ୍ରମୋଦ କୁମାର ନାୟକ)

ଜଗତସିଂହପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସୋମବାର ବିକଶିତ ଭାରତ-୨୦୪୭କୁ ଲକ୍ଷ୍ୟ ରଖି ବିଭିନ୍ନ ବର୍ଗ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର ପ୍ରତିଯୋଗିତା ହୋଇଥିବା ବେଳେ ମୋଟ ୭୪ ଜଣ ଅଂଶଗ୍ରହଣ କରିଥିଲେ। ଉଚ୍ଚ ମାଧ୍ୟମିକ ବର୍ଗରେ ରୁଦ୍ରପ୍ରସାଦ ପାତ୍ର ପ୍ରଥମ, ଶୁଭଶ୍ରୀ ମହାନ୍ତି ଦ୍ୱିତୀୟ ଓ ସମରେଶ ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମହାବିଦ୍ୟାଳୟ ବର୍ଗରେ ସୌରଭ ନାୟକ ପ୍ରଥମ, ଆକୃତି ପ୍ରିୟଦର୍ଶିନୀ କାଣ୍ଡି ଦ୍ୱିତୀୟ ଓ ଆନନ୍ଦ ମିର୍ଦ୍ଧା ତୃତୀୟ ସ୍ଥାନରେ ରହିଛନ୍ତି। ବୃତ୍ତିଗତ ଚିତ୍ରକାରରେ ଧ୍ରୁବଚରଣ ସାହୁ ପ୍ରଥମ, ମନୋଜ କୁମାର ସାହୁ ଦ୍ୱିତୀୟ ଓ କେଶବଚନ୍ଦ୍ର ଜେନା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାରେ ମହାବିଦ୍ୟାଳୟ ପ୍ରାଧ୍ୟାପିକା ନନ୍ଦିତା ଦାସ, ଅଧ୍ୟାପିକା ଅମୃତା ମହାନ୍ତି, ଶୁଭଶ୍ରୀ ମହାନ୍ତି, ପୁନିତା ସ୍ୱାଇଁ, ସ୍ୱାତୀ ପୁହାଣ, ଶୁଭଶ୍ରୀ ମହାନ୍ତି, ବିଦ୍ୟୁତପ୍ରଭା ଦାଶ, ପୁନିତା ସ୍ୱାଇଁ, ଅଧ୍ୟାପକ ଅମିତାଭ ସ୍ୱାଇଁ, ଅମିତାଭ ସ୍ୱାଇଁ, ଜିତୁ ମଲ୍ଲିକ ଓ ଜିଲା ଚିକିତ୍ସାଳୟର ଅବସରପ୍ରାପ୍ତ କର୍ମଚାରୀ ତଥା ଚିତ୍ରଶିଳ୍ପୀ ସୁରେଶ କୁମାର ଦୋଳିଗୁର ବିଚାରକ ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଜାତା ଓଡା, ଜିଲା ସଂସ୍କୃତି ଅଧିକାରୀ ବିଜୟା ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଭା ତନୟା ମହାନ୍ତିଙ୍କ ସମେତ ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

# ୭୯ ଅଭିଯୋଗ ପଞ୍ଜୀକୃତ, ୨୬ ତତ୍କାଳ ସମାଧାନ

ନୂଆଗାଁ, ୨୨।୯(ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟକ୍ତିଗତ ୭୦, ସାମୁହିକ ୮ ଅଭିଯୋଗ ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ଗୋଟିଏ ଅଭିଯୋଗ ହୋଇଥିଲା। ପଞ୍ଜୀକୃତ ହୋଇଥିବା ୭୯ ଅଭିଯୋଗରୁ ୨୬ ତତ୍କାଳ ସମାଧାନ କରାଯାଇଥିଲା । ଶିବିରରେ ଆବାସ ଯୋଜନା ଓ ରାସନ କାର୍ଡ ସମ୍ପର୍କିତ ଅଧିକ ଅଭିଯୋଗ ରହିଥିଲା। ବଡଗୋଠ ପଞ୍ଚାୟତ ଖୁଣ୍ଟୁବନ୍ଧ ଉନ୍ନିତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ନେଇ ଅଭିଯୋଗ ହୋଇଥିଲା। ଖୁଣ୍ଟୁବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପରିଣତ କରାଯାଇଥିଲା। ତେବେ ଶିକ୍ଷକ ସମସ୍ୟା ନେଇ ଅଭିଯୋଗ ହେବାରେ ଶିକ୍ଷକ କୁମାର ଶୁଭାଷିଶ ପାତ୍ରଙ୍କୁ ଉକ୍ତସ୍କୁଲକୁ ପଠାଇ ଥିଲେ ମଧ ସେ ଅଦ୍ୟାବଧି ଯୋଗ ଦେଉନାହାନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ଅସୁବିଧା ହେଉଛି। ତେବେ ଅଭିଯୋଗ ପରେ ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ଜିଲାପାଳ ନୂଆଗାଁ ଏବିଇଓ ଜ୍ୟୋସ୍ନାରାଣୀ ସେଠୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାହାଡାଝୋଲା ପଣସଖାଲ ଡ୍ୟାମକୁ ଅପବ୍ୟବହାର କରାଯାଉଥିଲେ ମଧ୍ୟ ପ୍ରଶାସନ ଅପବ୍ୟବହାରୀଙ୍କୁ ସୁରକ୍ଷା ଦେଉଥିବା ନେଇ ଆଞ୍ଚଳିକ ପଣସଖାଲ ଡ୍ୟାମ୍‌ଜଳ ବ୍ୟବହାରକାରୀ କମିଟି ଜିଲାପାଳଙ୍କୁ ଅଭିଯୋଗ କରିଥିଲା ।

ମାଇଛେଳି ପଞ୍ଚାୟତ କାଣିଗିରି ଗ୍ରାମର ୫ ଭୂମିହୀନ ପରିବାରଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଇଛି। ତେବେ ସେମାନେ ଉକ୍ତ ସ୍ଥାନରେ ଘର କରି ରହୁଥିଲେ ମଧ୍ୟ ସେମାନଙ୍କ ପାଇଁ ରାସ୍ତା, ପାନୀୟ ଜଳ ଓ ବିଦ୍ୟୁତ୍ ଆଦି ମୌଳିକ ସୁବିଧା ଯୋଗାଇ ଦିଆଯାଇ ନ ଥିବା ହିତାଧିକାରୀ ଅଭିଯୋଗ କରିଥିଲେ। ବାଡିଗ୍ରାମର ଭାସ୍କର ମଳିକ ଦୁର୍ଘଟଣାଗ୍ରସ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। କିନ୍ତୁ ସ୍ୱାସ୍ଥ୍ୟକାର୍ଡରୁ ଅର୍ଥ ସରିଯିବା ପରେ ଡାକ୍ତରଖାନା ଫେରାଇ ଦେବାରେ ଭାସ୍କର ଚିକିତ୍ସା ଅଭାବରୁ ଘରେ ପଡି ଛଟପଟ ହେଉଛନ୍ତି। ତେଣୁ ଚିକିତ୍ସା ନିମନ୍ତେ ସରକାରୀ ସହାୟତା ପାଇଁ ପରିବାର ଲୋକେ ଜିଲାପାଳଙ୍କୁ ଗୁହାରି କରିଥିଲେ। ଖଣ୍ଡୁଗାଁ ପଞ୍ଚାୟତ ଗୋଳଗୋଳା ମୌଜାର ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରାଯାଇଥିଲା। ସେହିପରି ବାହାଡାଝୋଲା ପ୍ରାଥମିକ କୃଷି ସମବାୟ ସମିତି ଲିଃର ବିଭିନ୍ନ ସମସ୍ୟା ବାବଦରେ ସମିତି ପରିଚାଳନା କମିଟିର ସଦସ୍ୟମାନେ ଅଭିଯୋଗ କରିଥିଲେ।

ଜନ ଶୁଣାଣିରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସ୍‌ପି ଏସ୍ ସୁଶ୍ରୀ,ଉପଜିଲାପାଳ କର୍ଣ୍ଣଦେବ ସମାଦାର, ସିଡିଇଓ ଲବ୍ଧଜିତ୍ ରାଉତ, ସିଡିଏମ୍‌ଓ ଡା. ସୁଶାନ୍ତ କୁମାର ଦାଶ, ନୂଆଗାଁ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ଅମୃତ କୁମାର ରାଉଳ, ତହସିଲଦାର ହେମନ୍ତ କୁମାର ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



ଜିଲାପାଳ ଅଭିଯୋଗ ଶୁଣୁଛନ୍ତି ।

## ଡିମିସର ପଞ୍ଚାୟତରେ ସ୍ୱଚ୍ଛ ଭାରତ ଅଭିଯାନ, ଚାରାରୋପଣ



ଚାରାରୋପଣ କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତା ।

ଶରଣକୁଳ,୨୨।୯(ଦୀପକ କର)

ଶରଣକୂଳ ନିକଟ ଡିମିସର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୭୫ତମ ଜନ୍ମବାର୍ଷିକୀ ଉତ୍ସବ ପାଳନ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ଓ ଚାରାରୋପଣ କାର୍ଯ୍ୟକ୍ରମ ' ମା' ପାଇଁ ଗଛଟିଏ'ରେ ବିଭିନ୍ନ ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ମନ୍ଦିର, ଗ୍ରାମ ଶ୍ମଶାନ, ଅଙ୍ଗନୱାଡି କେନ୍ଦ୍ର, ପାର୍ଶ୍ୱ ଖୋଲା ପଡ଼ିଆ, ରାସ୍ତା ପାର୍ଶ୍ୱ ବିଦ୍ୟାଳୟ ଏବଂ ଗ୍ରାମ ପରିସରରେ ଆମ୍ବ, ପଣସ, ବେଲ, ନିମ୍ବ, କରଞ୍ଜ, ଚାକୁଣ୍ଡା, ଦେବଦାରୁ, ଅଶୋକ ଓ ଶାଗୁଆନ ଆଦି ୧୦୦ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଚାରାରୋପଣ ସହ ସମୂହ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଗୋଡ଼ିପଡ଼ା ଭାଜପା ମଣ୍ଡଳ ଅଧୀନ ଡିମିସର ପଞ୍ଚାୟତ ଯୁବନେତା ହୃଷୀକେଶ ବିଶୋଇଙ୍କ ସହ ପୂର୍ବତନ ସମିତି ସଭ୍ୟ ଶରତ ଚନ୍ଦ୍ର ସେନାପତି, ଶକ୍ତି କେନ୍ଦ୍ର ପ୍ରମୁଖ ମଧୁସୂଦନ ଦଳବେହେରା, ସହ ପ୍ରମୁଖ ବିଜୟ ଦଳବେହେରା, ଭାଜପା ଡିମିସର ସଂଗଠନ ସଭାପତି ବୈଦ୍ୟନାଥ ନାୟକ ଓ ଉପ ସଭାପତି ପଦ୍ମନାଭ ଦୋରାଙ୍କ ସମେତ ବହୁ ଭାଜପା କାର୍ଯ୍ୟକର୍ତ୍ତା ସାମିଲହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ମା' କୁକୁଟାଶୁଣୀଙ୍କ ଉଭାପର୍ବ ଅନୁଷ୍ଠିତ



ଖଣ୍ଡପଡା,୨୨।୯(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧିନ କିଆଝର ଗ୍ରାମର ମା' କୁକୁଟାଶୁଣୀଙ୍କ ଉଭାଯାତ୍ରା ପର୍ବ ସୋମବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ମା'ଙ୍କର ସମସ୍ତ ନୀତିକାନ୍ତି ଶେଷ ପରେ ମନ୍ଦିରରେ ପୂଜାର୍ଚ୍ଚନା ପର୍ବ ଆରମ୍ଭ ହୋଇଥିଲା । ମା'ଙ୍କ ମନୋଲୋଭା ବେଶ ଦର୍ଶନ ସହ ଭୋଗଲାଗି ନିମନ୍ତେ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କୁ ନେଇ ଏକ ଭଜନ ସନ୍ଧ୍ୟା କରାଯାଇଥିଲା। କଣ୍ଠଶିଳ୍ପୀ ଅଞ୍ଜଳୀ ମିଶ୍ର, ଚିନ୍ମୟୀ, ପ୍ରଭୁଦେବ,ସତ୍ୟ ଓ ମନୋଜ ପ୍ରଧାନ ଓ ସାଥିମାନଙ୍କ ଭଜନ ପରିବେଷଣ ଦର୍ଶକମାନଙ୍କ ମନ ଜିଣି ପାରିଥିଲା । ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ । ମା'ଙ୍କର ଉଭା ପର୍ବରେ ୩ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହୋଇଥିଲା ।

# ଘେରିଲେ ରଣପୁର ବ୍ଲକ କାର୍ଯ୍ୟାଳୟ


ଧାରଣାରେ ବସିଥିବା ମହିଳା ।

## ମିଶନ ଶକ୍ତି ଗୋଷ୍ଠୀ ସହାୟକ ସଂଘର ବିକ୍ଷୋଭ

ରଣପୁର,୨୨।୯(ସୁକାନ୍ତ କିଶୋର ଡାକୁଆ)

ମିଶନ ଶକ୍ତି ଗୋଷ୍ଠୀ ସହାୟକ ସଂଘ ପକ୍ଷରୁ ନୟାଗଡ ଜିଲା ରରପୁର ବ୍ଲକ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିରେ ରଣପୁର ବ୍ଲକର ୩୭ ପଞ୍ଚାୟତର ମିଶନ ଶକ୍ତି ଗୋଷ୍ଠୀ ସହାୟକ ଯୋଗଦେଇ ୬ ଦଫା ଦାବୀ ପୂରଣ ନେଇ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ । ପୂର୍ବ ପରି ସ୍ଥାୟୀ ଦରମା, ନିଯୁକ୍ତି, ଆକାଉଣ୍ଟରେ ଦରମା ପଠାଇବା, ୬ମାସର ବକେୟା ରାଶି ପାଇବା, କାର୍ଯ୍ୟ ଅନୁସାରେ ବର୍ଦ୍ଧିତ ପାରିଶ୍ରମିକ ପ୍ରଦାନ ପରି ଦାବି ରହିଛି । ଅନ୍ୟପକ୍ଷେ ପରଫମମାନ୍ସ ବୋନସ ପ୍ରୋତ୍ସାହନ ବନ୍ଦ କରିବା ମଧ୍ୟ ଅନୁରୂପ ଦାବି ରହିଛି । ଏନେଇ ଏକ ସ୍ମାରକପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ରଣପୁର ବିଡିଓଙ୍କୁ ପ୍ରଦାନ କରିଛନ୍ତି ।

## ବସ୍ ଦୁର୍ଘଟଣାରେ ମୃତକଙ୍କ ପରିବାରଙ୍କୁ ୪ଲକ୍ଷର ସହାୟତା ଘୋଷଣା

ଖଣ୍ଡପଡ଼ା, ୨୨।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଗୋଲା ବୋଦସା ଗ୍ରାମର ମହେଶ୍ୱର ଖୁଣ୍ଟିଆଙ୍କର ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାରେ ଗତ ୧୯ ତାରିଖରେ ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେଇ ତାଙ୍କ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରବର୍ଗଙ୍କୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ ନିମନ୍ତେ ଘୋଷଣା କରିଥିବା ଜଣାଯାଇଛି। ଘୋଷଣା ପରେ ମୃତକଙ୍କ ପରିବାରବର୍ଗ ଓ ସ୍ଥାନୀୟ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ଓ ଖଣ୍ଡପଡ଼ା ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଜିଲା ଓକିଲ ସଂଘର ଶ୍ରଦ୍ଧାଞ୍ଜଳି ସଭା

## ବରିଷ୍ଠ ଆଇନଜୀବୀ ବୃନ୍ଦାବନ ପଣ୍ଡାଙ୍କ ବିୟୋଗ

ନୟାଗଡ, ୨୨।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ବରିଷ୍ଠ ଆଇନଜୀବୀ ତଥା ଜିଲା ଓକିଲ ସଙ୍ଘର ପୂର୍ବତନ ସଭାପତି ବୃନ୍ଦାବନ ପଣ୍ଡାଙ୍କର ରବିବାର ମୃତ୍ୟୁରେ ସୋମବାର ଜିଲା ଓକିଲ ସଙ୍ଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ରଣଜିତ ଦାଶଙ୍କ ଅଧକ୍ଷତାରେ ଜିଲା କୋର୍ଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ପଣ୍ଡାଙ୍କ ବିୟୋଗ ନୟାଗଡ଼ ଜିଲା ଆଇନ ଜଗତ ପାଇଁ ଅପୂରଣୀୟ କ୍ଷତି ହୋଇଥିବା କୁହାଯାଇଛି। ବାର ବେଞ୍ଚ ମିଳିତ ଶୋକ ସଭାରେ ସ୍ୱର୍ଗତ ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଜିଲା ପରିବାର ଅଦାଲତ ବିଚାରପତି ଇନ୍ଦୁ ଶର୍ମା, ସ୍ୱତନ୍ତ୍ର ପୋସ୍‌କୋ ଜଜ୍ ମାନସ ରଞ୍ଜନ ପଣ୍ଡା, ଅତିରିକ୍ତ ଜିଲା ଜଜ ରୀଜା ରାୟଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀମାନେ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ସଙ୍ଘ ସମ୍ପାଦକ ସ୍ୱଦେଶ ମିଶ୍ର, ବରିଷ୍ଠ ଆଇନଜୀବୀ ବ୍ରଜ କିଶୋର ପ୍ରଧାନ, ଅଜୟ ଚନ୍ଦ୍ର ମହାନ୍ତି, ମନୋରଞ୍ଜନ ମହାପାତ୍ର, ପ୍ରତାପ ନନ୍ଦ, ଅମୀୟ ପଟ୍ଟନାୟକ, ପ୍ରସନ୍ନ କୁମାର ରଥ, ଚତୁର୍ଭୁଜ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କିଶୋର ଚନ୍ଦ୍ର ମହାପାତ୍ର, ମଦନ ମୋହନ ପଣ୍ଡା, ନାରାୟଣ ମହାପାତ୍ର, ଦୀନବନ୍ଧୁ ମହାନ୍ତି, ଅଜୟ ରାଉତ, ମମତା ମିଶ୍ର, ପ୍ରଶାନ୍ତ ମିଶ୍ର ଏବଂ ସଙ୍ଘ ଉପ ସଭାପତି ସନ୍ତୋଷ ରାଉତରାୟ ପ୍ରମୁଖ ସ୍ୱର୍ଗତ ବୃନ୍ଦାବନ ପଣ୍ଡାଙ୍କ ଗୁଣାବଳୀ, ଫୌଜଦାରି ମୋକଦ୍ଦମା ପରିଚାଳନା ରେ ତାଙ୍କର କାର୍ଯ୍ୟଦକ୍ଷତା ଉପରେ ସ୍ମୃତିଚାରଣ କରିଥିଲେ । ଜିଲାରେ ହୋଇଥିବା ମାଓବାଦୀ ଆକ୍ରମଣ ସ୍ୱର୍ଗତ ପଣ୍ଡାଙ୍କୁ ସ୍ୱତନ୍ତ୍ର ସରକାରୀ ଓକିଲ ଭାବେ କ୍ରାଇମବ୍ରାଞ୍ଚ ପକ୍ଷରୁ ମୋକଦ୍ଦମା ପରିଚାଳନା ପାଇଁ ରାଜ୍ୟ ସରକାର ନିଯୁକ୍ତି ଦେଇଥିଲେ । ସ୍ୱର୍ଗତ ପଣ୍ଡାଙ୍କ ପାର୍ଥିବ ଶରୀର ରବିବାର ଅପରାହ୍ନରେ ଜିଲା ଅଦାଲତରେ ପହଞ୍ଚିବା ପରେ ବିଚାର ବିଭାଗୀୟ ଅଧିକାରୀ ଏବଂ ଆଇନଜୀବୀ ଗଣ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କୁ ସମ୍ମାନ ଉଦ୍ଦେଶ୍ୟ ରେ ସୋମବାର ଓକିଲମାନେ କୋର୍ଟକାର୍ଯ୍ୟରେ ସାମିଲ ହୋଇ ନ ଥିଲେ।



ଆଇନଜୀବୀ ବୃନ୍ଦାବନ ପଣ୍ଡାଙ୍କ ସ୍ମୃତି ଚାରଣ ସଭା ।

# ଗୌରୀ ବୃନ୍ଦାବନ ସ୍ମୃତି ପୁରସ୍କାର

ଖଣ୍ଡପଡା,୨୨।୯
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କୁମ୍ଭାରପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପ୍ରତି ବର୍ଷ ପରି ସୋମବାର ଗୌରୀ ବୃନ୍ଦାବନ ସ୍ମୃତି ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଭାନେତ୍ରୀ ସ୍ୱର୍ଣ୍ଣଲତା ଦାଶ ଅଧକ୍ଷତା କରିଥିବା ବେଳେ ପରିଚାଳନା କମିଟି ଅଧକ୍ଷା ଆରତୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୌରୀ ବୃନ୍ଦାବନଙ୍କ ସମ୍ପର୍କରେ ଆଲୋକପାତ କରିବା ସହ ସେମାନଙ୍କ ସ୍ମୃତିଚାରଣ କରିଥିଲେ । ଭଲ ଛାତ୍ରୀଛାତ୍ର ଅପେକ୍ଷା ସମାଜରେ ଜଣେ ଉତ୍ତମ ତଥା ଭଲ ମଣିଷଟିଏ ହୋଇପାରିଲେ ସମାଜର ଉନ୍ନତି ଘଟିବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଅତିଥି ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଗୌରୀ ବୃନ୍ଦାବନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ସ୍ୱର୍ଗତ ବୃନ୍ଦାବନ ଦାଶ ଏକାଧାରରେ ଜଣେ ପରୋପକାରୀ, ଧର୍ମ ପରାୟଣ, ଜ୍ୟୋତିର୍ବିଦ୍ , ମେଳାପୀ, ସର୍ବଗୁଣ ସମ୍ପନ୍ନ ବ୍ୟକ୍ତି ଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା । ଏହାଛଡା ୫ମ ଶ୍ରେଣୀ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ଛାତ୍ରୀ ଶୁଭଶ୍ରୀ ପ୍ରଧାନଙ୍କୁ ଟ୍ରଷ୍ଟ ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା ସଂଯୋଜନା କରିଥିଲେ ।


ପୁରସ୍କାର ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକମାନେ।

# ୪ ଶହ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ

## ସୁସ୍ଥ ନାରୀ, ସଶକ୍ତ ପରିବାର

ଓଡ଼ଗାଁ,୨୨।୯(ଆଦର୍ଶ କୁମାର ପଟ୍ଟନାୟକ)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସୁସ୍ଥ ନାରୀ, ସଶକ୍ତ ପରିବାର କାର୍ଯ୍ୟକ୍ରମ ଅନ୍ତର୍ଗତ ସୋମବାର ନୟାଗଡ଼ ଜିଲା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନିଳାଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଗା ସ୍ୱାସ୍ଥ୍ୟମେଳାରେ ୭ ଜଣ ବିଶେଷଜ୍ଞଙ୍କ ଦ୍ୱାରା ୪ ଶହରୁ ଉର୍ଦ୍ଧ୍ୱ ବାଳିକା ଓ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ସହ ଆବଶ୍ୟକ ସ୍ଥଳେ ଡାକ୍ତରଖାନାରୁ ମାଗଣା ଔଷଧ ପ୍ରଦାନ କରିଥିଲେ । ଶିବିରରେ ସମ୍ ଅଲ୍‌ଟିମେଟ୍‌ର ଶଲ୍ୟ ବିଶେଷଜ୍ଞ ଡାକ୍ତର ସୋନାଲି ମହାନ୍ତି, ଗ୍ୟାଷ୍ଟ୍ରୋ ସାଇନ୍ସ ଓ ହେପାଟୋଲୋଜି ବିଭାଗ ବରିଷ୍ଠ ଡାକ୍ତର ଦେବକାନ୍ତ ମିଶ୍ର, ଶଙ୍କରା ବାଗ୍‌ଚୀ କ୍ୟାନ୍‌ସର ହସ୍ପିଟାଲ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସୂର୍ଯ୍ୟକାନ୍ତ ଜୟସିଂହ, ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଦୀପକ ବଳ, ଡାକ୍ତର ପ୍ରଣତୀ ମଞ୍ଜରୀ ଶର୍ମା, ଦନ୍ତ ବିଶେଷଜ୍ଞ ସମ୍ଭିତ ପ୍ରସାଦ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷାକରି ରୋଗୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଓଡ଼ଗାଁ ବ୍ଲକ୍ ଅଧକ୍ଷ ଲୋକନାଥ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଲହଡ଼ିମାଳି ପ୍ରଧାନଙ୍କ ଦ୍ୱାରା ଆୟୋଜିତ ମା' ଓ ଛୁଆମାନଙ୍କ ପାଇଁ ପୁଷ୍ଟିକର ଜାତୀୟ ଖାଦ୍ୟ ମେଳା ପରିଦର୍ଶନ କରିଥିଲେ। ଏଥିସହ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସମସ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ରର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ଓ ଅନ୍ୟମାନେ ।

# ଗୋଷ୍ଠୀ ସହାୟିକାଙ୍କ ଗଣଧାରଣା

ନୂଆଗାଁ, ୨୨।୯ (ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗୋଷ୍ଠୀ ସହାୟିକା କର୍ମୀମାନେ ଗଣ ଧାରଣାରେ ବସିଥିଲେ। ବ୍ଲକ ଅଧୀନରେ କାର୍ଯ୍ୟ କରୁଥିବା ଗୋଷ୍ଠୀ ସହାୟିକା କର୍ମୀମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନକୁ ପରିବର୍ତ୍ତନ କରି ଏକ ନିର୍ଦ୍ଦିଷ୍ଟ ପାରିଶ୍ରମିକ ପ୍ରଦାନ ଦାବୀରେ ବ୍ଲକ ସମ୍ମୁଖରେ ପୂର୍ବାହ୍ନ ୧୦ଟାରୁ ଶତାଧିକ କର୍ମୀ ବସି ରହିଥିଲେ । ନିଜ ଦାବୀକୁ ସ୍ଲୋଗାନ ମାଧ୍ୟମରେ ଜଣାଇ ବସି ରହି ସାଧାରଣ ଲୋକଙ୍କୁ କାର୍ଯ୍ୟାଳୟ ଭିତରକୁ ଛାଡି ନ ଥିଲେ। ଫଳରେ ଅନେକ ଲୋକ ହଇରାଣ ହେଉଥିବା ଅଭିଯୋଗ ହେଉଛି ।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ଧାରଣାରେ ବସିଛନ୍ତି ।

# ସରୀସୃପଙ୍କ ଆଶ୍ରୟସ୍ଥଳ ପାଲଟିଛି ବିଦ୍ୟାଳୟ ପରିସର

ଖଣ୍ଡପଡ଼ା, ୨୨।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ମଧ୍ୟଭାଗରେ ଥିବା ଟାଉନ ମଡେଲ ପ୍ରାଥମିକ ବିଦ୍ୟାଳୟଟି ୧୯୧୨ରେ ପ୍ରତିଷ୍ଠା ହୋଇଥିଲା। ଏହା ମଧ୍ୟରେ ୧୧୩ ବର୍ଷ ବିତିଯାଇଥିବା ଏହି ପୁରାତନ ଶିକ୍ଷାନୁଷ୍ଠାନଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ଶିକ୍ଷାଦାନକରି ଆସୁଥିବା ଏହି ଶିକ୍ଷାନୁଷ୍ଠାନରେ ଏବେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀଗୃହ ଅଭାବରୁ ବିଭିନ୍ନ ସମୟରେ ପିଲାମାନେ ପାଠ ପଢ଼ିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭଙ୍ଗା, ଦଦରା ଆଜ୍‌ବେଷ୍ଟସ୍ ଛପର ଘରେ ପିଲାମାନେ ବସି ପଢୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଶ୍ରେଣୀଗୃହର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ବର୍ଷାଦିନେ ଆଜ୍‌ବେଷ୍ଟସ୍‌ରୁ ପାଣି ଗଳୁଥିବା ବେଳେ ଗୋଟିଏ ଶ୍ରେଣୀଗୃହକୁ ବିପଦସଙ୍କୁଳ ଦର୍ଶାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ତାଲା ପକାଇ ଦେଇଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ବିଭିନ୍ନ ସମସ୍ୟା ସମ୍ପର୍କରେ ବ୍ଲକ୍ ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିବାରେ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଦ୍ୟାଳୟ ପରିସରରେ ୨ଟି ନୂତନ ଶ୍ରେଣୀଗୃହ ତିଆରି ଲାଗି ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲା । ମାତ୍ର ୨ ବର୍ଷ ପରେ ବି ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଆଗେଇପାରୁ ନ ଥିବା ବେଳେ ଏଥିନିମନ୍ତେ ପ୍ରସ୍ତାବିତ ସ୍ଥାନ ଅନାବନା ଗଛଲତାରେ ଭର୍ତ୍ତି ହୋଇ ବିଷଧର ସରୀସୃପଙ୍କ ଆଶ୍ରୟସ୍ଥଳ ପାଲଟିଥିବା ଜଣାପଡ଼ିଛି। ଏଥିପ୍ରତି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ, ବ୍ଲକ୍ ପ୍ରଶାସନ, ଖଣ୍ଡପଡ଼ା ବ୍ଲକ୍ ଶିକ୍ଷାଧିକାରୀ ଦୃଷ୍ଟିଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।


ସ୍କୁଲରେ ଗଦା ହୋଇଥିବା ଅଳିଆ ।

# ସ୍ଥାନୀୟ ନିଯୁକ୍ତି ପ୍ରକ୍ରିୟାରେ ଠିକାସଂସ୍ଥା ବାଧକ

ଯାଜପୁର,୨୨।୯(ହର୍ଷବର୍ଦ୍ଧନ ବେହେରା)

- ସ୍କିଲ୍ ଆସେସ୍‌ମେଣ୍ଟ, ମେଡିକାଲ ଯାଞ୍ଚରେ ଓଡ଼ିଆଙ୍କୁ ହଇରାଣ
- ଓଡ଼ିଆ ଶ୍ରମିକ ହୋଇଥିଲେ ଅର୍ଥ, ସୁପାରିସ ଦରକାର




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ମେ ମାସରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ବିଭିନ୍ନ ଶିଳ୍ପ ପ୍ରକଳ୍ପର ସମ୍ପ୍ରସାରଣ ଓ ଉଦ୍‌ଘାଟନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହିସବୁ ପ୍ରକଳ୍ପରେ ୩୬ ହଜାର ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ ସୂଚନା ଦେଇଥିଲେ। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଟାଟା ଷ୍ଟିଲ୍‌ର ସମ୍ପ୍ରସାରଣ ଏବଂ ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ଟି ନୂତନ ପ୍ରକଳ୍ପର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ଦେବାକୁ ଉପସ୍ଥିତ ଶିଳ୍ପପତିମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ମହତ୍ ଉଦ୍ଦେଶ୍ୟକୁ ଚାରିଆଡ଼େ ପ୍ରଶଂସା କରାଯାଇଥିଲା। ଇତିମଧ୍ୟରେ କେତେକ ଶିଳ୍ପାନୁଷ୍ଠାନରେ ଏହି ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ହେଲେ ପୂର୍ବରୁ କଳିଙ୍ଗନଗର ଶିଳ୍ପ କାରଖାନାରେ ନିୟୋଜିତ କେତେକ ଅଣଓଡ଼ିଆ ଠିକାସଂସ୍ଥା ସ୍ଥାନୀୟ ନିଯୁକ୍ତି ପାଇଁ ପ୍ରାଥମିକ ପ୍ରକ୍ରିୟା ତଥା ସ୍କିଲ ଆସେସ୍‌ମେଣ୍ଟ, ମେଡିକାଲ ଯାଞ୍ଚ ଇତ୍ୟାଦି କ୍ଷେତ୍ରରେ ବାଧା ସୃଷ୍ଟି କରୁଛନ୍ତି। ଓଡ଼ିଆ ଶିକ୍ଷିତ ଯୁବତୀଯୁବକ ବିଭିନ୍ନ ଠିକାସଂସ୍ଥା ଜରିଆରେ ନିଯୁକ୍ତି ପାଇବାକୁ ପ୍ରଥମେ ସ୍କିଲ ଆସେସ୍‌ମେଣ୍ଟ, ମେଡିକାଲ ଯାଞ୍ଚ ଇତ୍ୟାଦି କରିବାକୁ ପଡ଼ିଥାଏ। ଏଥିପାଇଁ କଳିଙ୍ଗନଗରସ୍ଥିତ ବଡ଼ ଶିଳ୍ପାନୁଷ୍ଠାନରେ ଅଣଓଡ଼ିଆ ଠିକାସଂସ୍ଥାକୁ ନିୟୋଜିତ କରାଯାଇଛି। ଉକ୍ତ ଠିକାସଂସ୍ଥା ପକ୍ଷରୁ ଜାଣିଶୁଣି ବୈଷୟିକ ଡିଗ୍ରୀଧାରୀ ସମେତ ଅଭିଜ୍ଞତା ଥିବା ଓଡ଼ିଆ ଯୁବତୀଯୁବକଙ୍କୁ ବିଭିନ୍ନ ଆଳରେ ଫେଲ୍ କରି ଦିଆଯାଉଛି। ଏପରିକି ଶ୍ରମିକମାନଙ୍କୁ ମଧ୍ୟ ମେଡିକାଲ ଯାଞ୍ଚ ପାଇଁ ତାରିଖ ଓ ସମୟ ଧାର୍ଯ୍ୟ କରିବା ପରେ ବି ଆଜି ହେବ ନାହିଁ, ଅନ୍ୟଦିନ ଆସିବ ବୋଲି କହି ଏକାଧିକ ଥର ଫେରାଇ ଦିଆଯାଉଛି। ଫଳରେ ଶିକ୍ଷିତ ଯୁବତୀଯୁବକଙ୍କ ସମେତ ଶ୍ରମିକମାନେ ନିରାଶ ହୋଇ ଆଉ ଉକ୍ତ ପରୀକ୍ଷା ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। କିନ୍ତୁ ଅଣଓଡ଼ିଆ ହୋଇଥିଲେ ସହଜରେ ସ୍କିଲ୍ ଆସେସ୍‌ମେଣ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଗେଟ୍ ପାସ୍ ନେଇ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି।

ଜାତୀୟ ଓ ରାଜ୍ୟସ୍ତରରେ ଉତ୍କଟ ବେକାରି ସମସ୍ୟା ପରିପ୍ରେକ୍ଷୀରେ ଶିଳ୍ପାୟନକୁ ଗ୍ରହଣ କରି ରାଜ୍ୟ ସରକାର କଳିଙ୍ଗନଗରରେ ପ୍ରତିଷ୍ଠିତ କମ୍ପାନୀଗୁଡ଼ିକୁ ସବୁପ୍ରକାର ସହଯୋଗ ଦେଇ ଆସୁଛନ୍ତି। ବର୍ତ୍ତମାନ କଳିଙ୍ଗନଗର ଶିଳ୍ପାଞ୍ଚଳରେ ମାତ୍ର ୬ଟି ବୃହତ୍ କମ୍ପାନୀ କାର୍ଯ୍ୟକ୍ଷମ ରହିଛି। ଜିଲାର ଜଙ୍ଗଲ, ଖଣି, ପାଣି ନେଇ ଶିଳ୍ପ କମ୍ପାନୀଗୁଡ଼ିକ ଅମାପ ସମ୍ବଳର ଅଧିକାରୀ ହୋଇଥିଲେ ହେଁ ସେମାନେ ବିଭିନ୍ନ ଆଳରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରି ଚାଲିଛନ୍ତି। ତେବେ ସ୍ଥାୟୀ ନିଯୁକ୍ତି କ୍ଷେତ୍ରରେ ଶ୍ରମିକ ଶ୍ରେଣୀର ୮୦% ରାଜ୍ୟର ରହିଥିବାବେଳେ ସୁପରଭାଇଜର ଓ ମ୍ୟାନେଜରିଆଲ କର୍ମଚାରୀମାନେ ମାତ୍ର ୨୦% ରହିଛନ୍ତି। ଅର୍ଥାତ୍ ରାଜ୍ୟରେ ବୈଷୟିକ ଡିଗ୍ରୀଧାରୀ ଏବଂ ପରିଚାଳନାଗତ ଅଧିକାରୀ ପାଇଁ ଶିକ୍ଷିତ ଯୁବତୀଯୁବକଙ୍କ ଅଭାବ ରହିଛି ବୋଲି କମ୍ପାନୀ କର୍ତ୍ତୃପକ୍ଷମାନେ ଏଠାରେ ପ୍ରମାଣିତ କରୁଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଅଣଓଡ଼ିଆ ଠିକାସଂସ୍ଥାରୁ ଉପଯୁକ୍ତ ଭାବେ ନିୟମିତ ଦରମା ନ ମିଳିବା, ଜାଣିଶୁଣି ହଇରାଣ କରାଯାଉଥିବା ଆଦି କାରଣରୁ ଶତାଧିକ ଶ୍ରମିକ ଓ କର୍ମଚାରୀ ଚାକିରି ଛାଡୁଥିବା ସୂଚନା ମିଳିଛି। ଏକ ବଡ଼ କମ୍ପାନୀରେ ସ୍କିଲ୍ ଆସେସ୍‌ମେଣ୍ଟ ଓ ମେଡିକାଲ ଯାଞ୍ଚ ଦାୟିତ୍ୱରେ ରହିଥିବା ଏକ ସଂସ୍ଥାର ମନମାନି ଅଣାୟତ୍ତ ହୋଇଛି। ଓଡ଼ିଆ ଶିକ୍ଷିତ ଯୁବତୀଯୁବକ ଓ ଶ୍ରମିକଙ୍କୁ ଏଠାରେ ପାସ୍ କରିବାକୁ ହେଲେ ଅର୍ଥ କିମ୍ବା ବଡ଼ଧରଣର ସୁପାରିସର ଆବଶ୍ୟକତା ପଡୁଛି। ନଚେତ୍ ବିଭିନ୍ନ ଆଳରେ ଫେଲ୍ କରି ସେମାନଙ୍କୁ ନିରାଶ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏଥିପାଇଁ ସମ୍ପୃକ୍ତ ଶିଳ୍ପ କମ୍ପାନୀ ଅଯଥାରେ ବଦନାମ ହେଉଥିବା ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ପଚାରିବାରେ ସେ କହିଛନ୍ତି, ଏମିତି କିଛି ଅଭିଯୋଗ ଏଯାଏ ପାଇନାହିଁ। ତଥାପି ଏହାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମେଡିକାଲ କଲେଜ ପାଇଁ କ୍ରିୟାନୁଷ୍ଠାନ କମିଟିର ଗଣଧାରଣା


ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଗଣଧାରଣା।

କେନ୍ଦ୍ରାପଡ଼ା, ୨୨।୯ (ଜଗନ୍ନାଥ ଧଳ):

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଜିଲାବାସୀଙ୍କ ପାଇଁ ଏକ ଦାବି ହୋଇ ରହିନାହିଁ। ଏହା ସ୍ୱାଭିମାନ ଓ ସମ୍ମାନର ପ୍ରଶ୍ନ ହେଇଯାଇଛି ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ଗଣଧାରଣା ସଭାରେ କର୍ମକର୍ତ୍ତାମାନେ ସୋମବାର ମତ ରଖିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଗଣଧାରଣା ଦିଆଯାଇଥିଲା। ଶିକ୍ଷାବିତ୍ ଅଜୟ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କମିଟି କର୍ମକର୍ତ୍ତା ରବି ସାମଲ, ପ୍ରଫୁଲ୍ଲ ଦାସ, ଗୟାଧର ଧଳ, ବିକାଶ ବେଉରା, ସୂର୍ଯ୍ୟକାନ୍ତ ପରିଡ଼ା, ସସ୍ମିତା ପଣ୍ଡା, ଭାଗୀରଥି ଜେନା, ବିଧୁଭୂଷଣ ମହାପାତ୍ର, ଆଦିକନ୍ଦ ରାଉଳ,କେଦାରନାଥ ସାମନ୍ତରାୟ, ରଶ୍ମିରଞ୍ଜନ ଚୌଧୁରୀ, ଗୋଲକ ଚନ୍ଦ୍ର ମହାଭୋଇ ଓ ଜଗତଜୀବନ ଦାସ ପ୍ରମୁଖ ମତ ରଖିଥିଲେ। ସେମାନେ କହିଥିଲେ, ରାଜ୍ୟରେ ତିନୋଟି ମେଡିକାଲ କଲେଜ ଥିବା ସମୟରେ କେନ୍ଦ୍ରାପଡ଼ା ଜିଲାବାସୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ। ପୂର୍ବ ସରକାରଠାରୁ ଚଳିତ ସରକାର ପର୍ଯ୍ୟନ୍ତ ୧୭ ମେଡିକାଲ କଲେଜ ଘୋଷଣା ହେଲାଣି, ମାତ୍ର କେନ୍ଦ୍ରାପଡ଼ା ସେଥିରୁ ବାଦ୍ ପଡିଛି।

କେନ୍ଦ୍ରାପଡ଼ା ଏକ ଆର୍ଥିକ ଅନଗ୍ରସର ଜିଲା। ଆବଶ୍ୟକ ଭିତ୍ତିଭୂମି ଅଭାବରୁ ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ହୋଇପାରୁ ନାହିଁ। ଜିଲା ମଧ୍ୟ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ଓ ରେଳପଥ ପାଇଁ ଜିଲାବାସୀ ହଜାର ହଜାର ଏକର ଚାଷଜମି ଓ ଭିଟାମାଟି ହରାଇଥିବା ବେଳେ ସେଥିଯୋଗୁ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିସହ ପାରାଦୀପର ଶିଳ୍ପ କାରଖାନାଗୁଡିକରୁ ନିଷ୍କାସିତ ବର୍ଜ୍ୟବସ୍ତୁ ତଥା ବିଷାକ୍ତ ଗ୍ୟାସ୍ ଜିଲାବାସୀଙ୍କ ଅନେକ ଦୁରାରୋଗ୍ୟ ବ୍ୟାଧିର କାରଣ ହୋଇଛି। ଚଳିତ ସରକାରର ମନ୍ତ୍ରୀ ଓ ବିଧାୟକମାନେ ଅନୌପଚାରିକ ଭାବେ ମେଡିକାଲ କଲେଜ ହେବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। କେନ୍ଦ୍ର ସରକାର ପ୍ରତ୍ୟେକ ଜିଲାରେ ମେଡିକାଲ କଲେଜ ଖୋଲିବା ପାଇଁ ଘୋଷଣା କରିଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ଏହି କଲେଜ ପାଇଁ ପ୍ରସ୍ତାବ କେନ୍ଦ୍ରକୁ ଯାଇ ନ ଥିବା ଆଳରେ ଜିଲାକୁ ଅଣଦେଖା କରାଯାଇଛି। ଚଳିତ ମୌସୁମୀ ଅଧିବେଶନ କାଳରେ ବିଧାନସଭାରେ ମେଡିକାଲ କଲେଜ ଘୋଷଣା ଓ ସେଥିଲାଗି ଆନୁଷଙ୍ଗିକ ଆର୍ଥିକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ଏଠାରେ ଆହ୍ୱାନ ଦିଆଯାଇଛି। ମେଡିକାଲ କଲେଜ ସ୍ଥାପନ ଲାଗି ଘୋଷଣା ନ ହେବା ପର୍ଯ୍ୟନ୍ତ ଏହି ଗଣଧାରଣା ଜାରି ରହିବ ବୋଲି କମିଟି କର୍ମକର୍ତ୍ତାମାନେ ମତ ରଖିଛନ୍ତି। ଏହି ଗଣଧାରଣାରେ ଜିଲାର ବହୁ ବୁଦ୍ଧିଜୀବୀ, ରାଜନେତା ଓ ସାଧାରଣ ଲୋକ ସାମିଲ ହୋଇଛନ୍ତି।

## ୩୦ ଡ୍ରପ୍‌ଆଉଟ ଛାତ୍ରୀଛାତ୍ର ଫେରିଲେ ସ୍କୁଲ

କାଳିଆପାଣି ୨୨।୯ (ଅସିତ ମହାନ୍ତ)

ଯାଜପୁର ଜିଲାର ସୁକିନ୍ଦା ବ୍ଲକ ଅନ୍ତର୍ଗତ ସୌରିକ ଉଚ୍ଚ ବିଦ୍ୟାଳୟ (ଟିଙ୍ଗୁଡ଼ିପାଳ)ରେ ପଢୁଥିବା ବହୁ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡୁଥିବାବେଳେ ଚଳିତବର୍ଷ ଶିକ୍ଷା ବିଭାଗର ପ୍ରୟାସରେ ସ୍କୁଲକୁ ପୁଣି ଫେରୁଥିବା ଜଣାପଡ଼ିଛି। ଆଦିବାସୀ ଅଧ୍ୟୁଷିତ ନଗଡ଼ା, ଗୁହିଆଶାଳ ଓ ଦେଓଗାଁ ଅଞ୍ଚଳରୁ ୩୦ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଫେରିଥିବା ସୂଚନା ମିଳିଛି। ଜନଜାତି ରହୁଥିବା ନଗଡାରୁ ନିକଟସ୍ଥ ବିଦ୍ୟାଳୟର ଦୂରତା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠ ପ୍ରତି ବିମୁଖ ହୋଇଥିଲେ। ସୋମବାର ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ଦାସଙ୍କ ନେତୃତ୍ୱରେ ଆଶ୍ୱୟାର ସେଚ୍ଛାସେବୀ ସଂସ୍ଥାର ବ୍ଲକ କୋର୍ଡିନେଟର ରମେଶ ଗୁଟେଙ୍କ ପ୍ରୟାସରେ ଉକ୍ତ ପିଲାମାନଙ୍କ ନାମ ନବମ ଶ୍ରେଣୀରେ ପଞ୍ଜୀକୃତ ହୋଇଥିଲା। ଅଷ୍ଟମ ଶ୍ରେଣୀ ପରେ ଏମାନେ ଡ୍ରପ୍‌ଆଉଟ ହୋଇଥିବା ବେଳେ କେତେଜଣ ପିଲା ଶିଶୁଶ୍ରମିକ ଭାବେ ନିଯୋଜିତ ହୋଇଥିଲେ। ସୋମବାର ଶିଶୁମାନଙ୍କ ଅଭିଭାବକଙ୍କ ସହ ବିଦ୍ୟାଳୟକୁ ଆସି ନାମ ଲେଖାଇବାକୁ ଆଗ୍ରହ ପ୍ରକାଶ କରିଥିଲେ। ପରେ ଶିଶୁ ଅଧିକାର କର୍ମୀ ସୌରିକ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଶିଶୁ ଅଧିକାର, ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ମୂଳୋତ୍ପାଟନ ତଥା ଡ୍ରପ୍‌ଆଉଟ ପିଲାମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାରେ ଛାତ୍ରୀଛାତ୍ରଙ୍କ ଭୂମିକା ନେଇ ଆଲୋକପାତ କରିଥିଲେ। ନାମ ଲେଖା କାର୍ଯ୍ୟକ୍ରମରେ ସିଆର୍‌ସିସି ସଞ୍ଜୟ କୁମାର ଦାସ, ଆଶ୍ୱୟାରର କର୍ମକର୍ତ୍ତା ରାହୁଲ ଦେହୁରୀ, ସତ୍ୟଜିତ ନାୟକ, ଜୟକୃଷ୍ଣ ଓ ସ୍କୁଲ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାନ୍ତ ସହଯୋଗ କରିଥିଲେ।


ଡ୍ରପ୍‌ଆଉଟ ପିଲାଙ୍କ ନାମ ବିଦ୍ୟାଳୟରେ ଲେଖାଯାଉଛି।

## ବାଲିଚନ୍ଦ୍ରପୁର ବଜାରରୁ ଚୋରି

ଚଣ୍ଡୀଖୋଲ,୨୨।୯(ପ୍ରଦୀପ୍ତ କୁମାର ପୃଷ୍ଟି) :

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାରରେ ରଞ୍ଜନ କୁମାର ବଳଙ୍କ ଲୁହା କଣ୍ଟା ଓ ରଙ୍ଗ ଦୋକାନରୁ ଦୁର୍ବୃତ୍ତମାନେ ରବିବାର ବିଳମ୍ବିତ ରାତିରେ ଆଜବେଷ୍ଟସ ଭାଙ୍ଗି ଚୋରି କରିଛନ୍ତି। ଏ ନେଇ ଥାନାରେ ବଳ ସୋମବାର ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ବାଲିଚନ୍ଦ୍ରପୁରସ୍ଥିତ ଶ୍ୟାମସୁନ୍ଦର ବଜାର କମିଟିରେ ନଳିପୁର ଗ୍ରାମର ରଞ୍ଜନ ଦୋକାନ କରିଛନ୍ତି। ରାତିରେ କେହି ଦୁର୍ବୃତ୍ତ ଆଜବେଷ୍ଟସ ଭାଙ୍ଗି ଦୋକାନ ଭିତରେ ପଶି ନଗଦ ୧୫ ହଜାର ଟଙ୍କା ସହ କିଛି ଜିନିଷ ଚୋରି କରି ନେଇଛନ୍ତି। ସକାଳେ ରଞ୍ଜନ ଆସି ଦୋକାନ ଖୋଲିବା ପରେ ଚୋରି ହୋଇଥିବା ଜଣାପଡିଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦେବଦତ୍ତ


@ ମାମୁନି


@ ପ୍ରିୟଙ୍କା


@ ରଞ୍ଜିତା


@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଘରୋଇ ଜମିରେ ରାସ୍ତା ନିର୍ମାଣ ଘଟଣା

# ମାପଚୁପରେ ବିବାଦ ତୁଟିଲା

ରସୁଲପୁର,୨୨।୯(ରଞ୍ଜିତ ରାଉତ):



ରସୁଲପୁର ବ୍ଲକର ଭୋଟକା ପଞ୍ଚାୟତ ବିଲିପଡ଼ା ଗାଁରେ ପଞ୍ଚାୟତ ପକ୍ଷରୁ ଏକ ରାସ୍ତା ନିର୍ମାଣ ହେଉଥିଲା। ଉକ୍ତ ରାସ୍ତା ବ୍ୟକ୍ତିଗତ ଜମିରେ କରାଯାଉଥିବା ନେଇ ଜମି ମାଲିକ ଶକୁନ୍ତଳା ଆଏଚ ଯାଜପୁର ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହାଛଡ଼ା ଉପଜିଲାପାଳଙ୍କ କୋର୍ଟରେ ରସୁଲପୁର ବିଡିଓ, କନିଷ୍ଠଯନ୍ତ୍ରୀ, ଭୋଟକା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପକ୍ଷଭୁକ୍ତ କରି ଏକ ମାମଲା ରୁଜୁ କରିଥିଲେ। ଉକ୍ତ ଅଭିଯୋଗର ତଦନ୍ତ କରାଯାଇ ନିର୍ମାଣ କାର୍ଯ୍ୟକୁ ଅଧାରୁ ବନ୍ଦ କରାଯାଇଥିଲା। ନିର୍ମାଣ ସ୍ଥଳକୁ ମାପଚୁପ କରାଯାଇ ଶନିବାର ସୀମା ନିର୍ଦ୍ଧାରଣ କରାଯାଇ ବିବାଦର ସମାଧାନ କରାଯାଇଛି। ମାସାଧିକ କାଳ ନିର୍ମାଣ କାର୍ଯ୍ୟକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ଦୂର ହୋଇଛି ବୋଲି ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ କୁହାଯାଇଛି।

ପଞ୍ଚାୟତ ପକ୍ଷରୁ ଆରଆଣ୍ଡବି ରାସ୍ତାଠାରୁ ଅମୂଲ୍ୟ ଆଏଚ ଘର ପର୍ଯ୍ୟନ୍ତ ଭାୟା ସୀମା ଆଏଚ ଘର ରାସ୍ତା ନିର୍ମାଣ ପାଇଁ ଏକ ପ୍ରକଳ୍ପକୁ ଅନୁମୋଦନ ମିଳିଥିଲା। ରାସ୍ତା ନିର୍ମାଣ ପାଇଁ ରସୁଲପୁର ତହସିଲ ପକ୍ଷରୁ ଜମିଜମା ସମ୍ପର୍କିତ କାଗଜାତ ହାସଲ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ମାଣକୁ ଶକୁନ୍ତଳାଙ୍କ ପୁଅ ନାରାୟଣ ବିରୋଧ କରିଥିଲେ। ରାସ୍ତାଟି ସରକାରୀ ଜମି ନୁହେଁ ବରଂ ତାଙ୍କ ବ୍ୟକ୍ତିଗତ ଜମି ଉପରେ କରାଯାଉଛି ବୋଲି ରସୁଲପୁର ବିଡିଓ, ତହସିଲଦାର, ଯାଜପୁର ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଗତ ଅଗଷ୍ଟ ୧୩ରେ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶଙ୍କ ନେତୃତ୍ୱରେ ଏକ ୫ ଜଣିଆ ତଦନ୍ତକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୋଗକାରିଣୀଙ୍କ ସହ ଆଲୋଚନା କରିଥିଲେ। ନିର୍ମାଣାଧୀନ ରାସ୍ତାକୁ ତହସିଲ ପକ୍ଷରୁ ମାପଚୁପ କରାଯାଇ ସୀମା ନିର୍ଦ୍ଧାରଣ କରାଯିବ କହିଥିଲେ। ଘରୋଇ ଜମି ଉପରେ ରାସ୍ତା ନିର୍ମାଣ ହେଉଥିଲେ ତାକୁ ଭାଙ୍ଗାଯିବ ବୋଲି କହିଥିଲେ। ଏହିକ୍ରମରେ ରସୁଲପୁର ତହସିଲ ପକ୍ଷରୁ ମଧୁବନ ସର୍କଲର ରାଜସ୍ୱ ନିରୀକ୍ଷକ ଲକ୍ଷ୍ମୀପ୍ରିୟା ପାତ୍ର, ସରକାରୀ ଅମିନ ତପନ କୁମାର ମହାନ୍ତି, ବିଡିଓ ସତ୍ୟାନନ୍ଦ ଦାଶ, କନିଷ୍ଠ ଯନ୍ତ୍ରୀ ବନ୍ଦନା ତନ୍ତି, ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ଦାସଙ୍କ ସମେତ ଗ୍ରାମବାସୀ ଓ ପକ୍ଷମାନଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ମାପଚୁପ ବେଳେ ନିର୍ମାଣାଧୀନ ସରକାରୀ ରାସ୍ତା କୌଣସି ପକ୍ଷର ଘରୋଇ ଜମି ଉପରେ ଯାଉନାହିଁ ବୋଲି ସ୍ପଷ୍ଟ ଜଣାପଡିଥିଲା।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ଯାଜପୁରରୋଡ଼/କଳିଙ୍ଗନଗର, ୨୨।୯ (ପବିତ୍ର ରଞ୍ଜନ ମହାନ୍ତି/ ଶୁଭାଶିଷ ରାଉତ):

ଯାଜପୁରରୋଡ ଥାନା ଦାନଗଦି ବ୍ଲକ୍ ଖପୁରିଆପଦା ପଞ୍ଚାୟତ ଜଳକା ଗାଁରେ ବିଷଧର ସାପ କାମୁଡ଼ାରେ ଜଣେ ଯୁବକଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ସୁକାନ୍ତ ରାଉତ (୪୩)। ଜଳକା ଗ୍ରାମର ଦୈତାରୀ ରାଉତଙ୍କ ପୁଅ ସୁକାନ୍ତ ରବିବାର ରାତିରେ ଘରେ ଶୋଇଥିବା ଅବସ୍ଥାରେ ଭୋରୁ ଏକ ବିଷଧର ସାପ କାମୁଡ଼ି ଚାଲିଯାଇଥିଲା। ଫଳରେ ସୁକାନ୍ତ ଚେତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକେ ସୁକାନ୍ତଙ୍କୁ ଚିକିତ୍ସା ପାଇଁ ଯାଜପୁର ରୋଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କଲା ପରେ ମୃତ ଘୋଷଣା କରିଛନ୍ତି। ଖବରପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ପୋଲିସ (୪୩/୨୫)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୁକାନ୍ତ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଏକ ୧୬ ବର୍ଷର ପୁଅ ଅଛି। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ମୃତକ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

# ପାରାଦୀପ ବେଳାଭୂମି ବ୍ଲୁ ଫ୍ଲାଗ୍ ବିଚ୍ ରୂପେ ବିକଶିତ ହେବ

ଜଗତ୍‌ସିଂହପୁର, ୨୨।୯ (ପ୍ରମୋଦ କୁମାର ନାୟକ):

- ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକଙ୍କ ପ୍ରଶ୍ନର ଉତ୍ତର
- ପର୍ଯ୍ୟଟନସ୍ଥଳ ପାଇଁ ୭.୪୯ କୋଟି ଖର୍ଚ୍ଚ ବରାଦ
- ପୂର୍ତ୍ତ ମନ୍ତ୍ରୀଙ୍କ ଉତ୍ତରରେ ତାଳମେଳ ରହୁନି

ଜଗତ୍‌ସିଂହପୁର ଜିଲାର ପର୍ଯ୍ୟଟନସ୍ଥଳୀ ଗୁଡିକର ବିକାଶ ପାଇଁ ରାଜ୍ୟ ସରକାର ୭ କୋଟି ୪୯ ଲକ୍ଷ ୭୪ ହଜାର ୨୦୦ ଟଙ୍କା ଖର୍ଚ୍ଚ ବ୍ୟବସ୍ଥା କରିଛନ୍ତି। ଏହାବାଦ୍ ୨୦୨୪-୨୫ ଆର୍ଥିକ ବର୍ଷ ମା' ଶାରଳା ପୀଠ ଏବଂ ପାରାଦୀପ ବେଳାଭୂମିଠାରେ ସ୍ୱଚ୍ଛତା, ସୁରକ୍ଷା ଓ ନିରାପତ୍ତା ପାଇଁ ୧୦୧.୯୨ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି। କେବଳ ଏତିକି ନୁହେଁ, ପାରାଦୀପ ବେଳାଭୂମିକୁ ବ୍ଲୁ ଫ୍ଲାଗ ବିଚ୍ ରୂପେ ବିକଶିତ କରିବା ପାଇଁ ଜିଲା ପ୍ରଶାସନଠାରୁ ବିଧିବଦ୍ଧ ପ୍ରସ୍ତାବ ମଗାଯାଇଛି। ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ପ୍ରଶ୍ନର ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। ବିଧାୟକ ଦାସ ଜିଲାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟ ଉପରେ ଅନେକ କିଛି ଜାଣିବାକୁ ଚାହିଁଥିଲେ। ଏହାର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଦର୍ଶାଇଛନ୍ତି, ଜିଲାର ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ନିମନ୍ତେ ସରକାର ବିଗତ ୫ ଆର୍ଥିକ ବର୍ଷ (୨୦୧୯-୨୦ରୁ ୨୦୨୫-୨୬)ରେ ପର୍ଯ୍ୟାୟକ୍ରମେ ଅନେକ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ୨୦୨୦-୨୧ରେ ପାରାଦୀପର ଭିତ୍ତିଭୂମି ବିକାଶ ପାଇଁ ୩୨୮ ଲକ୍ଷ ୭୬ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟ ଓଟିଡିସି ଉପରେ ନ୍ୟସ୍ତ କରାଯାଇଛି। କିନ୍ତୁ ଜମି ସମସ୍ୟା ଦେଖା ଦେବାରୁ ଜିଲା ପ୍ରଶାସନ ସହଯୋଗ ଲୋଡିଛି ଓଟିଡିସି। ସେହିପରି ୨୦୨୩-୨୪ରେ ବନ୍ଦର ପର୍ଯ୍ୟଟନ କ୍ଷେତ୍ର ଭିତ୍ତିଭୂମିର ବିକାଶ ପାଇଁ ୧୪୧ ଲକ୍ଷ ୪୦ ହଜାର ୨୫୦ ଟଙ୍କା ଅନୁଦାନ ଯୋଗାଯାଇଛି। ଏହି ବର୍ଷ ଶିଆଳି ବିଚ୍ ଭିତ୍ତିଭୂମିର ବିକାଶ ପାଇଁ ମଧ୍ୟ ୧୦୪ ଲକ୍ଷ ୫୮ ହଜାର ଟଙ୍କା ଅନୁମୋଦନ ଲାଭ କରିଛି। ୨୦୨୫-୨୬ରେ ବନ୍ଦର ବିଚ୍‌ରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ୫୦ ଲକ୍ଷ, ଏହି ବର୍ଷ ସ୍ଥାନୀୟ ଅଳକା ଆଶ୍ରମ ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନତୀକରଣ ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଉକ୍ତ ବର୍ଷ ଶାଳିଜଙ୍ଗା ମଠ ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନତୀକରଣ ପାଇଁ ୨୫ ଲକ୍ଷ ଟଙ୍କା ଅନୁମୋଦନ ଲାଭ କରିଛି। ପ୍ରତ୍ୟେକ କାର୍ଯ୍ୟରେ ଜଗତ୍‌ସିଂହପୁର ଜିଲାପାଳ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି ଏବଂ ସବୁ କାମ ଚାଲିଛି ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ଅନ୍ୟପଟେ ବିଧାୟକ ଦାସ ଜିଲାରେ ପୂର୍ତ୍ତ ବିଭାଗ ପକ୍ଷରୁ ଚଳିତବର୍ଷ କେତୋଟି କୋଠା ନିର୍ମାଣ କରାଯିବ ଏବଂ ନିର୍ମାଣାଧୀନ କୋଠାର ସ୍ଥିତି ସମ୍ପର୍କିତ ତଥ୍ୟ ମାଗିଥିଲେ। ଏହାର ଉତ୍ତରରେ ଆଇନ, ନିର୍ମାଣ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦର୍ଶାଇଛନ୍ତି ଜିଲାରେ ବିଭାଗ ଦ୍ୱାରା ଚଳିତବର୍ଷ କୋଠାବାଡି ନିର୍ମାଣ କାର୍ଯ୍ୟ କରାଯିବା ପାଇଁ କୌଣସି ପ୍ରସ୍ତାବ ନାହିଁ। କିନ୍ତୁ ନିର୍ମାଣାଧୀନ ଥିବା ୨୨ଟି କୋଠାବାଡି ମଧ୍ୟରୁ ଗୋଟିଏ ନିର୍ମାଣ ସରିଛି। ଅବଶିଷ୍ଟ ୨୧ଟିର ନିର୍ମାଣ କାର୍ଯ୍ୟ ଚାଲୁରହିଛି। କିନ୍ତୁ ମନ୍ତ୍ରୀଙ୍କ ପକ୍ଷରୁ ଦିଆଯାଇଥିବା ତାଲିକାରେ ଗୋଟିଏ ବି ସରି ନ ଥିବା ଦର୍ଶାଯାଇଛି। ଏହି ପୃଥକ ଉତ୍ତରକୁ ନେଇ ମଧ୍ୟ ନାନା ଚର୍ଚ୍ଚା ହେଉଛି।

# ନରବଳି ବଦଳରେ ଦାନ୍ତିଦୁର୍ଗା ଖାଉଛନ୍ତି ପାଣିକଖାରୁ, ବିରି ଚାଉଳ

## ଭକ୍ତଙ୍କୁ ବାଉରି ଠାକୁରାଣୀଙ୍କ ଦର୍ଶନ ମନା

## ପାର୍ବଣ ଅବକାଶରେ ଚଳଚଞ୍ଚଳ ନୟାଗଡ଼

ନୟାଗଡ,୨୨।୯(ଲୋକନାଥ ମିଶ୍ର)

ନୟାଗଡ ରାଜବାଟି ଦାନ୍ତି ଦୁର୍ଗା ଓ ବାଉରୀ ଠାକୁରାଣୀଙ୍କ ଦଶହରା ପର୍ବ ନିଆରା। ତେବେ ରାଜାଙ୍କ ଶାସନ ଲୋପ ପରେ ପରମ୍ପରା ବଦଳିଯାଇଛି। ପୂର୍ବରୁ ଦାନ୍ତି ଠାକୁରାଣୀ ନରବଳି, ପୋଢ଼ ଓ ବୋଦା ବଳି ଖାଉଥିବା ଲୋକକଥା ରହିଛି। ଏବେ କିନ୍ତୁ ବିରି ଚାଉଳ ଓ ପାଣିକଖାରୁ ବଳିରେ କାମ ଚଳୁଛି। ସେହିଭଳି ବାଉରୀ ଠାକୁରାଣୀଙ୍କ ଦର୍ଶନ ପାର୍ବଣ ଅବକାଶରେ ବି ମିଳୁନି। ପ୍ରାୟ ୧୪ ବର୍ଷ ହେଲା ରାଜବାଟିରେ ମା'ଙ୍କର ଦର୍ଶନ ବନ୍ଦ ହୋଇଯାଇଛି। କାହିଁକି ଦର୍ଶନ ବନ୍ଦ ରହିଛି ସେନେଇ କିଛି ଜଣାପଡିନି।

ନୟାଗଡ ରାଜବଂଶର ଇଷ୍ଟଦେବୀ ମା ବାଉରୀ। ରାଜାଙ୍କ ଶାସନ ନ ଥିଲେ ହେଁ ନୟାଗଡ ଓ ଖଣ୍ଡପଡା ରାଜବାଟିର ଇଷ୍ଟ ଦେବୀ ମା' ବାଉରୀଙ୍କୁ ପାର୍ବଣ ଅବକାଶରେ କେବଳ ବର୍ଷକୁ ଥରେ ରାଜବାଟିରେ ଦର୍ଶନ ମିଳୁଥିଲା। ଏବେ ପ୍ରାୟ ୧୪ ବର୍ଷ ହେଲା ଦର୍ଶନ ବନ୍ଦ ହୋଇ ଯାଇଛି। ବାଉରୀ ଠାକୁରାଣୀ ଉଗ୍ରଚଣ୍ଡୀ ଓ ତନ୍ତ୍ର ଦେବୀ। ଯାହାଙ୍କର ଗଣ୍ଡି ଖଣ୍ଡପଡା ରାଜବାଟୀରେ ଓ ନୟାଗଡ ରାଜବାଟିରେ ମୁଣ୍ଡ ଭାଗ ରହିଛି। ନୟାଗଡ ରାଜବାଟିରେ ମୁଣ୍ଡ ଭାଗ ପୋତା ହୋଇ ରହିଥିବା ବେଳେ କେବଳ ଘଡି ଦୃଶ୍ୟମାନ ହେଉଛି। ନୟାଗଡରେ କେବଳ ମହାଳୟାଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ବାଉରୀ ଠାକୁରାଣୀ ଦର୍ଶନ ଦେଉଥିଲେ। ଖଣ୍ଡପଡାରେ ଗଣ୍ଡି ଭାଗ ଶୀର୍ଷରେ କେବଳ ବର୍ଷକୁ ଥରେ ରାଜ ପୁରୋହିତ ଏକ ନଡିଆ ରଖି ମା'ଙ୍କୁ ପୂର୍ଣ୍ଣାଙ୍ଗ ପ୍ରାପ୍ତ କରାଇଥାନ୍ତି।

କନକଦୁର୍ଗାଙ୍କର ପୂଜକ ଚିତ୍ତରଞ୍ଜନ ଦାଶଙ୍କ ସୂଚନା ଅନୁସାରେ ନୟାଗଡ ବାହାଡାଝୋଲା ନିକଟବର୍ତ୍ତୀ ରଳବଗଡରେ ମା' ବାଉରୀଙ୍କର ଆସ୍ଥାନ । ଯାହା ନୟାଗଡର ପ୍ରଥମ ଦୁର୍ଗ। ଦ୍ୱାଦଶ ଶତାବ୍ଦୀରେ ରେୱା ରାଜକୁମାର ବୀର ସର୍ଯ୍ୟମଣୀ ଓ ଚନ୍ଦ୍ରମଣି ସିଂହଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା। ରେୱା ରାଜବାଟୀର ରାଜକୁମାର ସର୍ଯ୍ୟମଣୀ ଓ ଚନ୍ଦ୍ରମଣି ସିଂହ। ସେମାନେ ଭ୍ରମଣରେ ବୁଲୁଥିବା ବେଳେ ରଳବଗଡରେ ପହଞ୍ଚିଥିଲେ। ରାତିରେ ଦୁଇ ଭାଇ ବିଶ୍ରାମ ନେଇଥିଲେ। ବାଘ ଭୟ ଥିବାରୁ ଜଣେ ଭାଇ ଶୋଇଥିଲେ ଅନ୍ୟ ଜଣେ ଚେଇଁଥିଲେ। ଚନ୍ଦ୍ରମଣି ସିଂ ଚାହିଁଥିବା ବେଳେ ଜଣେ ଗର୍ଭବତୀ ନିକଟସ୍ଥ ନଦୀକୁ ପାଣି ଆଣିବାକୁ ଯାଇଥିଲେ। ତେବେ ପାଣି ଆଣି ଫେରିବା ବେଳେ ଏକ ଶିଶୁ ପୁତ୍ରର ହାତ ଧରି ଫେରୁଥିଲେ। ଛୁଆ ଜନ୍ମ ହେବା, ପୁଣି ଚାଲିବା ଦେଖି ମହିଳାଙ୍କ ଉପରେ ରାଜକୁମାର ଚନ୍ଦ୍ରମଣି ସିଂଙ୍କର ସନ୍ଦେହ ହୋଇଥିଲା। ରାଜକୁମାର ମା'ଙ୍କର ପରିଚୟ ଜାଣିବାକୁ ଚାହିଁବାରୁ ହତ୍ୟା କଲେ ପରିଚୟ ଦେବେ ବୋଲି ମହିଳା କହିଥିଲେ। ଏଭଳି ସମୟରେ ଏକ ବାଘ ରାଜକୁମାର ଚନ୍ଦ୍ରମଣିଙ୍କୁ ଖାଇବାକୁ ଲମ୍ଫ ଦେଇଥିଲା। ରାଜକୁମାର ଚନ୍ଦ୍ରମଣି ବାଘକୁ ଶିକାର କରି ପୁଣି ମହିଳାଙ୍କର ପରିଚୟ ମାଗିଲେ। ମହିଳା ରାଜକୁମାର ଚନ୍ଦ୍ରମଣିଙ୍କ ଉପରେ ସନ୍ତୁଷ୍ଟ ହୋଇ ନିଜର ପରିଚୟ ବାଉରୀ ଠାକୁରାଣୀ ବୋଲି କହିଥିଲେ। ଏପରିକି ବାଘ ମୁଣ୍ଡକୁ ନେଇ ଗଡରେ ରଖି ରାଜା ହୁଅ ବୋଲି ମା' ବର ଦେଇଥିଲେ। ପରେ ରାଜକୁମାର ଚନ୍ଦ୍ରମଣି ରଳବଗଡରେ ବାଉରୀ ଠାକୁରାଣୀଙ୍କୁ ରଖି ପୂଜାର୍ଚ୍ଚନା କରିଥିଲେ। ନବମ ଶତାବ୍ଦୀରେ ରାଜା ବାଘା ସିଂ ନୟାଗଡରେ ମା'ଙ୍କୁ ସ୍ଥାପନ କରିଥିଲେ। ତେବେ ଦୁଇ ଭାଇ ଭ୍ରମଣ ସମୟରେ ସାଥିରେ ରେୱାର ଇଷ୍ଟଦେବୀ ଦାନ୍ତୀ ଦୁର୍ଗାଙ୍କୁ ଆଣିଥିଲେ। ଭୟଙ୍କରୀ ଠାକୁରାଣୀ ମା' ଦାନ୍ତି ଦୁର୍ଗା। ରାଜରାଜୁଡା ସମୟରେ ମା' ଦାନ୍ତି ଦୁର୍ଗା ନରବଳି ଖାଉଥିଲେ। ନରବଳି ବନ୍ଦ ପରେ ପୋଢ଼ ବଳ ଖାଇଲେ। ପରେ ବୋଦାରେ ବଳି ଅଟକି ଯାଇଥିଲା। ଏବେ ପାଣିକଖାରୁ ଓ ବିରି ଚାଉଳ ବଳି ଖାଉଛନ୍ତି ।


ମା' ଦାନ୍ତି ଠାକୁରାଣୀ।

### କନକ ଦୁର୍ଗାଙ୍କ ଶୈଳପୁତ୍ର ବେଶ

ଦଶହରା ପର୍ବ ଅବସରରେ ପୁରୁଣା ରାଜବାଟି ସମ୍ମୁଖ ମା' କନକ ଦୁର୍ଗାଙ୍କ ପୀଠ ଉତ୍ସବ ମୁଖର ହୋଇ ଉଠିଛି। ମହାଳୟାର ବିଳମ୍ବିତ ରାତିରେ ଆଟୋପ ଶୋଭାଯାତ୍ରାରେ ଦାନ୍ତି ଦୁର୍ଗାଙ୍କ ସମେତ ଅନ୍ୟ ୬ଭଉଣୀ ତରକେଇ, ଶୁଳିଆ, ବ୍ରାହ୍ମଣୀ ଦେବୀ, ବାଉରୀ, ରାମଚଣ୍ଡୀ, କାଠି ଠାକୁରାଣୀ ମା' କନକ ଦୁର୍ଗାଙ୍କ ମନ୍ଦିରକୁ ଆସିଛନ୍ତି। ଦଶହରା ପର୍ବ ଶେଷ ହେଲେ ୭ ଭଉଣୀ ଫେରିଯିବେ। ତେବେ ଧଳ ସମ୍ପ୍ରଦାୟର ୧୦ ଜଣ କାଠି ଠାକୁରାଣୀଙ୍କ ପରମ୍ପରାକୁ ବଜାୟ ରଖିବା ପାଇଁ ପୁରୁଣା ରାଜବାଟିରୁ ବାଉରୀ ଠାକୁରାଣୀଙ୍କ ପ୍ରତୀକ ଧରି ମା' କନକଦୁର୍ଗାଙ୍କ ମନ୍ଦିରରେ ପହଞ୍ଚିଛନ୍ତି। ଦଶହରା ପର୍ଯ୍ୟନ୍ତ ଧଳ ସମ୍ପ୍ରଦାୟର ଲୋକମାନେ ରାଜବାଟିରେ ରହିବେ। କାଠି ଠାକୁରାଣୀଙ୍କୁ ଦଶହରା ପଡିଆକୁ ନେବାକୁ ଅପେକ୍ଷା କରି ରହିଛନ୍ତି। ଅନ୍ୟପକ୍ଷେ ପାର୍ବଣ ପାଇଁ ମା' କନକଦୁର୍ଗା ନିଜ ଦୋଳ ବିମାନରେ ସହର ପରିକ୍ରମା କରି ପୁଣି ବିଳମ୍ବିତ ରାତିରେ ସବୁ ଦିନ ମନ୍ଦିରକୁ ଫେରୁଛନ୍ତି। ମା କନକ ଦୁର୍ଗା ପାର୍ବଣ ଅବକାଶରେ ପ୍ରତିପଦାରେ ଶୈଳପୁତ୍ରୀ ବେଶରେ ଦର୍ଶନ ଦେଇଛନ୍ତି। ସେହିପରି ଦ୍ୱିତିୟାରେ ବ୍ରହ୍ମଚାରିଣୀ, ତୃତୀୟାରେ ଚନ୍ଦ୍ରଘଣ୍ଟା, ଚତୁର୍ଥୀରେ କୁସ୍ମାଣ୍ଡା, ପଞ୍ଚମୀରେ କାତ୍ୟାୟନୀ, ଷଷ୍ଠୀରେ ସ୍କନ୍ଦମାତା, ୭ମୀରେ କାଳରାତ୍ରୀ, ୮ମୀରେ ମହାଗୌରୀ, ନବମୀରେ ସିଦ୍ଧିଦାତ୍ରୀ ବେଶରେ ବେଶରେ ଦର୍ଶନ ଦେବେ।

# ଜାମୁକୋଣର ବୈଷ୍ଣୋଦେବୀ ପୀଠରେ ମହାଯଜ୍ଞ ଆରମ୍ଭ

ନୟାଗଡ,୨୨।୯(ଲୋକନାଥ ମିଶ୍ର)

ନୟାଗଡ ଜିଲା ଓଡଗାଁ ବ୍ଲକ ଫାସିପଲ୍ଲୀ ନିକଟସ୍ଥ ଶରଧାପୁର ପଞ୍ଚାୟତ ଜାମୁକୋଣ ମୁଣ୍ଡିଆ ଶୀର୍ଷ ଗୁମ୍ଫା ଭିତରେ ବିରାଜୁଥିବା ମା' ବୈଷ୍ଣୋ ଦେବୀଙ୍କର ସୋମବାରଠାରୁ ଆରମ୍ଭ ହେଉଛି ଶକ୍ତି ଓ ଉପାସନାର ମହାପର୍ବ ଶରଦୀୟ ନବରାତ୍ରୀ ମହାଯଜ୍ଞ। ମହାଯଜ୍ଞ ଅବସରରରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସୂର୍ଯ୍ୟପୂଜା, ଗୋପୂଜା ଓ ସାଲା ପୂଜା ହେବ। ୨୮, ୨୯, ୩୦ ତାରିଖ ସନ୍ଧ୍ୟାରେ ଜାଗରଣ ହେବ। ୩୦ରେ ଚଣ୍ଡୀ ହବନ, ନବଦିନାତ୍ମକ ଦେବୀ ଯଜ୍ଞ ଶେଷ ହେବ। ପ୍ରତିଦିନ ଅପରାହ୍ନ ୧ ଟାରୁ ୩ଟା ପ୍ରବଚନ ହେଉଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ଅନ୍ୟପକ୍ଷେ ଅକ୍ଟୋବାର ୧ ଓ ୨ ତାରିଖ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେବ ଦାଣ୍ଡିଆ ନତ୍ୟ ସହ ସାଂସ୍କୃତିକ ଆସର। ଅପରାହ୍ନ ୩ଟାରୁ ଆରମ୍ଭ ହୋଇ ରାତି ୮ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏ ଅବସରରେ ବୈଷ୍ଣୋ ଦେବୀ ପୀଠ ଚଳଚଞ୍ଚଳ ହୋଇଉଠିଛି।


କଳସ ଯାତ୍ରା କରାଯାଉଛି।

# ବ୍ଲକ ସମ୍ମୁଖରେ ଗୋଷ୍ଠୀ ସହାୟିକା କର୍ମୀଙ୍କ ଧାରଣା



ବ୍ଲକ ସମ୍ମୁଖରେ ଧାରଣାରେ ବସିଥିବା ମହିଳାମାନେ।

ଦଶପଲ୍ଲା,୨୨।୯( ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ସମ୍ମୁଖରେ ସୋମବାର ଦଶପଲ୍ଲା ବ୍ଲକରେ କାର୍ଯ୍ୟରତ ସମସ୍ତ କମ୍ୟୁନିଟି ସପୋର୍ଟିଂ ଷ୍ଟାଫ୍‌ମାନେ ଧାରଣା ଆରମ୍ଭ କରିଛନ୍ତି। ପୂର୍ବରୁ ପାଉଥିବା ନିର୍ଦ୍ଧିଷ୍ଟ ପାରିଶ୍ରମିକ ପାଉ ନ ଥିବାରୁ ସଂଘ ତରଫରୁ ବାରମ୍ବାର ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ନ ହେବାରୁ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିଲେ। ଧାରଣା ସମ୍ପର୍କରେ ପୂର୍ବରୁ ଅବଗତ କରାଯାଇଥିଲା। ସଂଘ ନିଷ୍ପତ୍ତି ଅନୁଯାୟୀ ଯେ ପର୍ଯ୍ୟନ୍ତ ସରକାର ତାଙ୍କ ଦାବି ଶୁଣି ନାହାନ୍ତି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଧାରଣାକାରୀମାନେ ମତ ଦେଇଛନ୍ତି। ଏପରିକି ଓଏଲଏମ୍ କାର୍ଯ୍ୟାଳୟ ତାଲା ପକାଇ ମହାତ୍ମା ଗାନ୍ଧୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ମହିଳାଙ୍କୁ ସମ୍ମାନ କଥା କହୁଥିବା ସରକାର ମହିଳାମାନଙ୍କୁ ରାଜରାସ୍ତାରେ ବସିବାକୁ ବାଧ୍ୟ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ସଂଘ ସଭାନେତ୍ରୀ ସୁରେଖା ମଞ୍ଜରୀ ପଟ୍ଟନାୟକ ଏବଂ ସମ୍ପାଦିକା ବିଜୟଲକ୍ଷ୍ମୀ ପାତ୍ରଙ୍କ ନେତୃତ୍ୱରେ ପ୍ରାୟ ଶତାଧିକ ମହିଳା କର୍ମୀ ଉକ୍ତ ଧାରଣାରେ ସାମିଲ ହୋଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦେବଦତ୍ତ


@ ମାମୁନି


@ ପ୍ରିୟଙ୍କା


@ ରଞ୍ଜିତା


@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୪୦୦ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ


ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ଓ ଅନ୍ୟମାନେ ।

ଓଡ଼ଗାଁ,୨୨।୯
(ଆଦର୍ଶ କୁମାର ପଟ୍ଟନାୟକ)

### ସୁସ୍ଥ ନାରୀ, ସଶକ୍ତ ପରିବାର

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସୁସ୍ଥ ନାରୀ, ସଶକ୍ତ ପରିବାର କାର୍ଯ୍ୟକ୍ରମ ଅନ୍ତର୍ଗତ ସୋମବାର ନୟାଗଡ଼ ଜିଲା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନିଳାଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଗା ସ୍ୱାସ୍ଥ୍ୟମେଳାରେ ୭ ଜଣ ବିଶେଷଜ୍ଞଙ୍କ ଦ୍ୱାରା ୪ ଶହରୁ ଊର୍ଦ୍ଧ୍ୱ ବାଳିକା ଓ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ସହ ଆବଶ୍ୟକ ସ୍ଥଳେ ଡାକ୍ତରଖାନାରୁ ମାଗଣା ଔଷଧ ପ୍ରଦାନ କରିଥିଲେ ।

ଶିବିରରେ ସମ୍ ଅଲ୍‌ଟିମେଟ୍‌ର ଶଲ୍ୟ ବିଶେଷଜ୍ଞ ଡାକ୍ତର ସୋନାଲି ମହାନ୍ତି, ଗ୍ୟାଷ୍ଟ୍ରୋ ସାଇନ୍ସ ଓ ହେପାଟୋଲୋଜି ବିଭାଗ ବରିଷ୍ଠ ଡାକ୍ତର ଦେବକାନ୍ତ ମିଶ୍ର, ଶଙ୍କରା ବାଗ୍‌ଚୀ କ୍ୟାନ୍‌ସର ହସ୍ପିଟାଲ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସୂର୍ଯ୍ୟକାନ୍ତ ଜୟସିଂହ, ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଦୀପକ ବଳ, ଡାକ୍ତର ପ୍ରଣତୀ ମଞ୍ଜରୀ ଶର୍ମା, ଦନ୍ତ ବିଶେଷଜ୍ଞ ସମ୍ବିତ ପ୍ରସାଦ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷାକରି ରୋଗୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଓଡ଼ଗାଁ ବ୍ଲକ୍ ଅଧକ୍ଷ ଲୋକନାଥ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଲହଡ଼ିମାଳି ପ୍ରଧାନଙ୍କ ଦ୍ୱାରା ଆୟୋଜିତ ମା' ଓ ଛୁଆମାନଙ୍କ ପାଇଁ ପୁଷ୍ଟିକର ଜାତୀୟ ଖାଦ୍ୟ ମେଳା ପରିଦର୍ଶନ କରିଥିଲେ। ଏଥିସହ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସମସ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ରର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହାଣକାଟ କରି ୪ରୁ ଊର୍ଦ୍ଧ୍ୱ ଫେରାର

ଓଡ଼ଗାଁ,୨୨।୯
(ଆଦର୍ଶ କୁମାର ପଟ୍ଟନାୟକ)

## ଫେସ୍‌ବୁକରେ ଯୁବତୀଙ୍କ ପ୍ରେମ ସମ୍ପର୍କରୁ ବିଅରବାର ସାମ୍ନାର ଗୋଷ୍ଠୀ ସଂଘର୍ଷ ଘଟଣା

## ବିଅରବାର ସମ୍ପର୍କୀୟ ଅଟକ


ଆହତ ଯୁବକ।

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ସିନେମା ହଲ ଛକ ବିଅରବାର ସାମ୍ନାରେ ରବିବାର ବିଳମ୍ବିତ ରାତିରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଗୋଟିଏ ଗୋଷ୍ଠୀର ୨ ଗୁରୁତର ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରମାନେ ହେଲେ ପୁରୀ ଓ୍ୱେ ପ୍ରିମିୟମ ହୋଟେଲ ମ୍ୟାନେଜର ଦେବାଶିଷ ଖିଲାର(୩୫) ଏବଂ ହୋଟେଲରେ କାର୍ଯ୍ୟ କରୁଥିବା ରଣପୁର ଥାନା ହଂସରା ଗ୍ରାମର ସଞ୍ଜୟ ବେହେରା(୨୨)। ସେମାନଙ୍କ ସହିତ ଆସିଥିବା ଇଟାମାଟି ଅଞ୍ଚଳର ଜଣେ ନାବାଳକଙ୍କୁ ଓଡ଼ଗାଁ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷାପରେ ଛାଡି ଦିଆଯାଇଛି। ଏହି ଘଟଣାକୁ ନେଇ ସଞ୍ଜୟ ଓଡ଼ଗାଁ ଥାନାରେ ଅଭିଯୋଗ କରିବାପରେ ପୋଲିସ ନଂ.୨୯୧/୨୫ରେ ମାମଲା ରୁଜୁକରି ଘଟଣା ଅନୁସନ୍ଧାନ ଜାରି ରଖିଛି। ଏଥିରେ ବିଅରବାର ପରିଚାଳକଙ୍କ ସମ୍ପର୍କୀୟ ପୁରୀର ପ୍ଲାନିସ ପାତ୍ରଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ଅନୁସନ୍ଧାନରୁ ଜାଣିବା ପରେ ତାଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଜାରି ରଖିଛି। ତେବେ କାରରେ ଅତର୍କିତ ଭାବେ ଆସି ହାଣ କାଟ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଦଳଙ୍କୁ ପୋଲିସ ଖୋଜୁଛି ।

ଅଭିଯୋଗ ଅନୁସାରେ, ଦେବାଶିଷ ତାଙ୍କ ଦୁଇ ସାଥି ସଞ୍ଜୟ ଓ ଜଣେ ନାବାଳକଙ୍କ ସହିତ ଆସି ବାହାଡାଝୋଲା ରାସ୍ତା ବିଅର ବାର ସାମ୍ନାରେ କାହାକୁ ଅପେକ୍ଷା କରିଥିଲେ। ରାତି ପ୍ରାୟ ୧୦ଟାରେ ଗୋଟିଏ କାରରେ ୪ରୁ ଅଧିକ ଯୁବକ ଆସି ସେଠାରେ ପହଞ୍ଚିବା ପରେ ସେମାନଙ୍କର ଦେବାଶିଷଙ୍କ ଗୋଷ୍ଠୀ ସହିତ କୌଣସି କଥାକୁ ନେଇ ହଠାତ ଯୁକ୍ତିତର୍କ ହେଲା ପରେ କାରରେ ଥିବା ଯୁବକମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ସଞ୍ଜୟ ଏବଂ ଦେବାଶିଷଙ୍କ ଗୋଡ଼ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଦେବାଶିଷ କ୍ଷତାକ୍ତ ଅବସ୍ଥାରେ ଜୀବନ ବିକଳରେ ଏକ ଗାଡି ତଳେ ଲୁଚି ଯାଇଥିବା ବେଳେ ସୋମବାର ସକାଳୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଚିକିତ୍ସିତ ହୋଇଥିଲେ। ହେଲେ ରାତିରେ ପୋଲିସ ଖବର ପାଇ ଘଟଣାସ୍ଥଳରୁ ସଞ୍ଜୟ ଓ ଜଣେ ନାବାଳକଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ଅନ୍ୟପକ୍ଷେ ପୋଲିସ ପହଞ୍ଚିବା ବେଳକୁ କାରରେ ଆସିଥିବା ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସୋମବାର ସକାଳୁ ଗୁରୁତର ଅବସ୍ଥାରେ ଦେବାଶିଷ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା।

ପ୍ରକାଶଯେ, ଫେସ୍‌ବୁକରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ଦ୍ୱିପାକ୍ଷିକ ପ୍ରେମ ଘଟଣାକୁ ନେଇ ଉକ୍ତ ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ହେଲେ ଫେରାର ହୋଇଥିବା ଗୋଷ୍ଠୀଙ୍କ ସମ୍ପର୍କରେ ଅଟକ ଥିବ ବିଅରବାର ପରିଚାଳକଙ୍କ ସମ୍ପର୍କୀୟ ଯୁବକ ପ୍ଲାନିସଙ୍କୁ ପଚରା ଉଚୁରା ଚାଲିଥିବା ବେଳେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ୨ ଜଣ ସୁସ୍ଥ ହୋଇ ଆସିବା ପରେ ସେମାନଙ୍କ ପରିଚୟ ମିଳିପାରିବ ବୋଲି ଆଇଆଇସି ଅଭୟ କୁମାର ବେହେରା କହିଛନ୍ତି ।



# ଦୁର୍ଗାପୂଜା, ଦୀପାବଳି ଓ ଛଟ୍ ପୂଜା - ୨୦୨୫
## ଉପଲକ୍ଷେ
# ଭାରତୀୟ ରେଳର ପଦକ୍ଷେପ



## ତା୨୧.୦୯.୨୦୨୫ ରୁ ୩୦.୧୧.୨୦୨୫ରିଖ ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଚଳାଚଳ

| ଟ୍ରେନ୍ ନଂ. | ଷ୍ଟେଶନ | | ତାରିଖ | | ବାରମ୍ବାରତା | ଚଳାଚଳ ଦିବସ |
|---|---|---|---|---|---|---|
| | ଠାରୁ | ପର୍ଯ୍ୟନ୍ତ | ଠାରୁ | ପର୍ଯ୍ୟନ୍ତ | | |
| ୦୮୪୩୯ | ପୁରୀ | ପାଟନା ଜଂ. | ୧୩.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୮୪୪୦ | ପାଟନା ଜଂ. | ପୁରୀ | ୧୪.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୨୮୧୧ | ଭୁବନେଶ୍ୱର | ଯଶବନ୍ତପୁର ଜଂ. | ୧୩.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୨୮୧୨ | ଯଶବନ୍ତପୁର ଜଂ. | ଭୁବନେଶ୍ୱର | ୧୫.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୮୫୮୧ | ବିଶାଖାପାଟଣା | ଏସ୍ଏମ୍‌ଭିଟି ବେଙ୍ଗାଲୁରୁ | ୧୪.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୮୫୮୨ | ଏସ୍ଏମ୍‌ଭିଟି ବେଙ୍ଗାଲୁରୁ | ବିଶାଖାପାଟଣା | ୧୫.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୮୫୪୭ | ବିଶାଖାପାଟଣା | ତିରୁପତି | ୧୨.୦୯.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୮୫୪୮ | ତିରୁପତି | ବିଶାଖାପାଟଣା | ୧୩.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୮୫୭୯ | ବିଶାଖାପାଟଣା | ଚାର୍ଲାପଲ୍ଲୀ | ୧୨.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୮୫୮୦ | ଚାର୍ଲାପଲ୍ଲୀ | ବିଶାଖାପାଟଣା | ୧୩.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୨୩୦ | ପାଟନା ଜଂ. | ପୁରୀ | ୨୫.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୩୨୨୯ | ପୁରୀ | ପାଟନା ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୩୨୦୮ | ବକ୍ସର | କିୟୁଲ | ୨୧.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୦୭ | କିୟୁଲ | ବକ୍ସର | ୨୧.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୦୯ | ଝାଝା | ଦାନାପୁର | ୨୧.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୧୦ | ଦାନାପୁର | ଝାଝା | ୨୧.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୫୨୯୭ | ପାଟଳିପୁତ୍ର | ବାଲିଆ | ୦୧.୧୦.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୫୨୯୮ | ବାଲିଆ | ପାଟଳିପୁତ୍ର | ୦୧.୧୦.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୧୫ | ପାଟନା ଜଂ. | ଥାୱେ ଜଂ. | ୦୧.୧୦.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୧୬ | ଥାୱେ ଜଂ. | ପାଟନା ଜଂ. | ୦୧.୧୦.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୬୭୭ | ଧାନବାଦ ଜଂ. | ଗୋରଖପୁର ଜଂ. | ୨୧.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୩୬୭୮ | ଗୋରଖପୁର ଜଂ. | ଧାନବାଦ ଜଂ. | ୨୨.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୩୦୪୩ | ହାଓଡା ଜଂ. | ରକ୍ସୌଲ ଜଂ. | ୨୭.୦୯.୨୫ | ୧୫.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୦୪୪ | ରକ୍ସୌଲ ଜଂ. | ହାଓଡା ଜଂ. | ୨୮.୦୯.୨୫ | ୧୬.୧୧.୨୫ | ସାପ୍ତାହିକ | ରବିବାର |
| ୦୩୫୧୧ | ଆସାନସୋଲ ଜଂ. | ପାଟନା ଜଂ. | ୧୯.୧୦.୨୫ | ୦୯.୧୧.୨୫ | ସାପ୍ତାହିକ | ରବିବାର |
| ୦୩୫୧୨ | ପାଟନା ଜଂ. | ଆସାନସୋଲ ଜଂ. | ୧୯.୧୦.୨୫ | ୦୯.୧୧.୨୫ | ସାପ୍ତାହିକ | ରବିବାର |
| ୦୩୧୩୧ | ସିଆଲଦା | ଗୋରଖପୁର ଜଂ. | ୩୦.୦୯.୨୫ | ୧୮.୧୧.୨୫ | ଦ୍ୱି-ସାପ୍ତାହିକ | ମଙ୍ଗଳ, ଗୁରୁ |
| ୦୩୧୩୨ | ଗୋରଖପୁର ଜଂ. | ସିଆଲଦା | ୦୧.୧୦.୨୫ | ୧୯.୧୧.୨୫ | ଦ୍ୱି-ସାପ୍ତାହିକ | ବୁଧ, ଶୁକ୍ର |
| ୦୩୫୨୭ | ଆସାନସୋଲ ଜଂ. | ଗୋରଖପୁର ଜଂ. | ୨୬.୦୯.୨୫ | ୦୭.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୩୫୨୮ | ଗୋରଖପୁର ଜଂ. | ଆସାନସୋଲ ଜଂ. | ୨୭.୦୯.୨୫ | ୦୮.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୦୦୭ | ହାଓଡା ଜଂ. | ଖଟିପୁରା | ୨୮.୦୯.୨୫ | ୦୨.୧୧.୨୫ | ସାପ୍ତାହିକ | ରବିବାର |
| ୦୩୦୦୮ | ଖଟିପୁରା | ହାଓଡା ଜଂ. | ୩୦.୦୯.୨୫ | ୦୪.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୩୧୦୯ | କୋଲକାତା ଟର୍ମିନାଲ | ଭଦୋଦରା ଜଂ. | ୩୦.୦୯.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୩୧୧୦ | ଭଦୋଦରା ଜଂ. | କୋଲକାତା ଟର୍ମିନାଲ | ୦୨.୧୦.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୩୪୧୭ | ମାଲଦା ଟାଉନ୍ | ଉଧନା ଜଂ. | ୨୭.୦୯.୨୫ | ୦୮.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୪୧୮ | ଉଧନା ଜଂ. | ମାଲଦା ଟାଉନ୍ | ୨୯.୦୯.୨୫ | ୧୦.୧୧.୨୫ | ସାପ୍ତାହିକ | ସୋମବାର |
| ୦୩୧୮୭ | କୋଲକାତା ଟର୍ମିନାଲ | ମଧୁବନି | ୩୦.୦୯.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୩୧୮୮ | ମଧୁବନି | କୋଲକାତା ଟର୍ମିନାଲ | ୦୧.୧୦.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୩୪୬୫ | ମାଲଦା ଟାଉନ୍ | ଦିଘା | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୪୬୬ | ଦିଘା | ମାଲଦା ଟାଉନ୍ | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୧୦୧ | ସିଆଲଦା | ମାଳତିପାଟପୁର | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୩୧୦୨ | ମାଳତିପାଟପୁର | ସିଆଲଦା | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୧୩୫ | ସିଆଲଦା | ପାଟନା ଜଂ. | ୦୫.୧୦.୨୫ | ୧୬.୧୧.୨୫ | ସାପ୍ତାହିକ | ରବିବାର |
| ୦୩୧୩୬ | ପାଟନା ଜଂ. | ସିଆଲଦା | ୦୫.୧୦.୨୫ | ୧୬.୧୧.୨୫ | ସାପ୍ତାହିକ | ରବିବାର |
| ୦୩୪୩୦ | ମାଲଦା ଟାଉନ୍ | ଚାର୍ଲାପଲ୍ଲୀ | ୩୦.୦୯.୨୫ | ୧୧.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୩୪୨୯ | ଚାର୍ଲାପାଲ୍ଲୀ | ମାଲଦା ଟାଉନ୍ | ୦୨.୧୦.୨୫ | ୧୩.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୪୧୩୧ | କାନପୁର ସେଣ୍ଟ୍ରାଲ | ଏସ୍ଏମ୍‌ଭିଟି ବେଙ୍ଗାଲୁରୁ | ୨୧.୦୯.୨୫ | ୦୯.୧୧.୨୫ | ସାପ୍ତାହିକ | ରବିବାର |
| ୦୪୧୩୨ | ଏସ୍ଏମ୍‌ଭିଟି ବେଙ୍ଗାଲୁରୁ | କାନପୁର ସେଣ୍ଟ୍ରାଲ | ୨୪.୦୯.୨୫ | ୧୨.୧୧.୨୫ | ସାପ୍ତାହିକ | ବୁଧବାର |
| ୦୭୦୧୯ | ଜୟପୁର ଜଂ. | ହାଇଦ୍ରାବାଦ | ୨୮.୦୯.୨୫ | ୨୩.୧୧.୨୫ | ସାପ୍ତାହିକ | ରବିବାର |
| ୦୭୦୨୦ | ହାଇଦ୍ରାବାଦ | ଜୟପୁର ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୦୨୯ | ଅଗରତାଲା | ଚାର୍ଲାପଲ୍ଲୀ | ୨୨.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୦୩୦ | ଚାର୍ଲାପଲ୍ଲୀ | ଅଗରତାଲା | ୨୬.୦୯.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୭୦୫୩ | କାଚେଗୁଡା | ବିକାନେର ଜଂ. | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୦୫୪ | ବିକାନେର ଜଂ. | କାଚେଗୁଡ଼ା | ୨୩.୦୯.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୭୦୭୫ | ହାଇଦ୍ରାବାଦ | ଗୋରଖପୁର ଜଂ. | ୨୨.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୦୭୬ | ଗୋରଖପୁର ଜଂ. | ହାଇଦ୍ରାବାଦ | ୨୮.୦୯.୨୫ | ୨୩.୧୧.୨୫ | ସାପ୍ତାହିକ | ରବିବାର |
| ୦୭୧୯୧ | କାଚେଗୁଡା | ମଦୁରାଇ ଜଂ. | ୨୨.୦୯.୨୫ | ୨୦.୧୦.୨୫ | ସାପ୍ତାହିକ | ସୋମବାର |
| ୦୭୧୯୨ | ମଦୁରାଇ ଜଂ. | କାଚେଗୁଡ଼ା | ୨୪.୦୯.୨୫ | ୨୨.୧୦.୨୫ | ସାପ୍ତାହିକ | ବୁଧବାର |
| ୦୭୧୯୩ | ହାଇଦ୍ରାବାଦ | କୋଲ୍ଲାମ ଜଂ. | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୧୯୪ | କୋଲ୍ଲାମ ଜଂ. | ହାଇଦ୍ରାବାଦ | ୨୨.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୭୨୩୦ | ହାଇଦ୍ରାବାଦ | କନ୍ୟାକୁମାରୀ | ୨୪.୦୯.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୭୨୨୯ | କନ୍ୟାକୁମାରୀ | ହାଇଦ୍ରାବାଦ | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୬୫୧ | ଜାଲ୍‌ନା | ଛପରା | ୨୭.୦୮.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୭୬୫୨ | ଛପରା | ଜାଲ୍‌ନା | ୨୯.୦୮.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୧୫୩ | ନରସାପୁର | ଏସ୍ଏମ୍‌ଭିଟି ବେଙ୍ଗାଲୁରୁ | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୧୫୪ | ଏସ୍ଏମ୍‌ଭିଟି ବେଙ୍ଗାଲୁରୁ | ନରସାପୁର | ୦୪.୧୦.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୦୦୫ | ଚାର୍ଲାପଲ୍ଲୀ | ରକ୍ସୌଲ ଜଂ. | ୦୬.୧୦.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୭୦୦୬ | ରକ୍ସୌଲ ଜଂ. | ଚାର୍ଲାପଲ୍ଲୀ | ୦୯.୧୦.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୭୭୧୭ | ତିରୁପତି | ହିସାର | ୦୧.୧୦.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୭୭୧୮ | ହିସାର | ତିରୁପତି | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୦୧୭ | ଚାର୍ଲାପଲ୍ଲୀ | ତିରୁପତି | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୦୧୮ | ତିରୁପତି | ଚାର୍ଲାପଲ୍ଲୀ | ୨୯.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୭୧୩୧ | ତିରୁପତି | ନରସାପୁର | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୧୩୨ | ନରସାପୁର | ତିରୁପତି | ୨୯.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୭୨୩୩ | ଚାର୍ଲାପଲ୍ଲୀ | ନରସାପୁର | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୨୩୪ | ନରସାପୁର | ଚାର୍ଲାପଲ୍ଲୀ | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |

| ଟ୍ରେନ୍ ନଂ. | ଷ୍ଟେଶନ | | ତାରିଖ | | ବାରମ୍ବାରତା | ଚଳାଚଳ ଦିବସ |
|---|---|---|---|---|---|---|
| | ଠାରୁ | ପର୍ଯ୍ୟନ୍ତ | ଠାରୁ | ପର୍ଯ୍ୟନ୍ତ | | |
| ୦୭୪୪୫ | କାକିନାଡା ଟାଉନ୍ | ଲିଙ୍ଗମପଲ୍ଲୀ | ୨୨.୦୯.୨୫ | ୨୪.୧୧.୨୫ | ତ୍ରି-ସାପ୍ତାହିକ | ସୋମ, ବୁଧ, ଶୁକ୍ର |
| ୦୭୪୪୬ | ଲିଙ୍ଗାମପଲ୍ଲୀ | କାକିନାଡା ଟାଉନ୍ | ୨୭.୦୯.୨୫ | ୨୯.୧୧.୨୫ | ତ୍ରି-ସାପ୍ତାହିକ | ମଙ୍ଗଳ, ଗୁରୁ, ଶନି |
| ୦୭୪୪୭ | କାକିନାଡା ଟାଉନ୍ | ଚାର୍ଲାପଲ୍ଲୀ | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୪୪୮ | ଚାର୍ଲାପଲ୍ଲୀ | କାକିନାଡା ଟାଉନ୍ | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୬୦୫ | ତିରୁପତି | ଆକୋଲା ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୬୦୬ | ଅକୋଲା ଜଂ. | ତିରୁପତି | ୨୮.୦୯.୨୫ | ୨୩.୧୧.୨୫ | ସାପ୍ତାହିକ | ରବିବାର |
| ୦୭୬୦୯ | ଜାଲ୍‌ନା | ତିରୁପତି | ୨୩.୦୯.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୭୬୧୦ | ତିରୁପତି | ଜାଲ୍‌ନା | ୨୪.୦୯.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୭୫୨୧ | କୁଡାପ୍ପା | ଗୁଣ୍ଟାକାଲ ଜଂ. | ୨୨.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୭୫୨୨ | ଗୁଣ୍ଟାକାଲ ଜଂ. | କୁଡାପ୍ପା | ୨୨.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୭୦୫୭ | ପୂର୍ଣ୍ଣା ଜଂ. | ଜାଲ୍‌ନା | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୦୫୮ | ଜାଲ୍‌ନା | ପୂର୍ଣ୍ଣା ଜଂ. | ୨୫.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୭୨୮୧ | ପୂର୍ଣ୍ଣା ଜଂ. | ଜାଲ୍‌ନା | ୨୨.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୭୨୮୨ | ଜାଲ୍‌ନା | ନାନ୍ଦେଡ଼ | ୨୨.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୭୦୧୨ | ତିରୁପତି | ଚାର୍ଲାପଲ୍ଲୀ | | ୨୭.୦୯.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୦୧୧ | ଚାର୍ଲାପଲ୍ଲୀ | ତିରୁପତି | | ୨୬.୦୯.୨୫ | ସାପ୍ତାହିକ | ଶନିବାର |
| ୦୭୦୫୫ | କାଚେଗୁଡ଼ା | ନାଗରସୋଲ | | ୨୫.୦୯.୨୫ | ଏକ ଟ୍ରିପ୍ | ଗୁରୁବାର |
| ୦୭୦୫୬ | ନାଗରସୋଲ | କାଚେଗୁଡ଼ା | | ୨୬.୦୯.୨୫ | ଏକ ଟ୍ରିପ୍ | ଶୁକ୍ରବାର |
| ୦୭୦୪୬ | ଚାର୍ଲାପଲ୍ଲୀ | ନହରଲାଗୁନ | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୦୪୭ | ନହରଲାଗୁନ | ଚାର୍ଲାପଲ୍ଲୀ | ୨୩.୦୯.୨୫ | ୦୨.୧୨.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୮୬୧୧ | ସାନ୍ତ୍ରାଗାଛି ଜଂ. | ଆଜମେର ଜଂ. | ୨୨.୦୯.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୮୬୧୨ | ଆଜମେର ଜଂ. | ସାନ୍ତ୍ରାଗାଛି ଜଂ. | ୨୫.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୨୮୬୩ | ସାନ୍ତ୍ରାଗାଛି ଜଂ. | ଯଶବନ୍ତପୁର ଜଂ. | ୨୫.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୨୮୬୪ | ଯଶବନ୍ତପୁର ଜଂ. | ସାନ୍ତ୍ରାଗାଛି ଜଂ. | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୮୮୪୫ | ସାନ୍ତ୍ରାଗାଛି ଜଂ. | ସିକନ୍ଦରାବାଦ ଜଂ. | ୧୯.୦୯.୨୫ | ୦୩.୧୦.୨୫ | ସାପ୍ତାହିକ | ଶୁକ୍ରବାର |
| ୦୮୮୪୬ | ସିକନ୍ଦରାବାଦ ଜଂ. | ସାନ୍ତ୍ରାଗାଛି ଜଂ. | ୨୦.୦୯.୨୫ | ୦୪.୧୦.୨୫ | ସାପ୍ତାହିକ | ଶନିବାର |
| ୦୮୧୦୯ | ସାନ୍ତ୍ରାଗାଛି ଜଂ. | ପାଟନା ଜଂ. | ୧୮.୧୦.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୮୧୧୦ | ପାଟନା ଜଂ. | ସାନ୍ତ୍ରାଗାଛି ଜଂ. | ୧୯.୧୦.୨୫ | ୦୨.୧୧.୨୫ | ସାପ୍ତାହିକ | ରବିବାର |
| ୦୮୬୨୯ | ରାଞ୍ଚି | ଗୋରଖପୁର ଜଂ. | ୧୮.୧୦.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୮୬୩୦ | ଗୋରଖପୁର ଜଂ. | ରାଞ୍ଚି | ୧୯.୧୦.୨୫ | ୦୨.୧୧.୨୫ | ସାପ୍ତାହିକ | ରବିବାର |
| ୦୮୮୬୫ | ନେତାଜୀ ଏସ୍.ସି. ବୋଷ ଇଟ୍‌ୱାରୀ ଜଂ. | ଶାଲିମାର | ୨୭.୦୯.୨୫ | ୦୧.୧୦.୨୫ | ଦୈନିକ | ଶନି, ରବି, ସୋମ, ମଙ୍ଗଳ, ବୁଧ |
| ୦୮୮୬୬ | ଶାଲିମାର | ନେତାଜୀ ଏସ୍.ସି. ବୋଷ ଇଟ୍‌ୱାରୀ ଜଂ. | ୨୮.୦୯.୨୫ | ୦୨.୧୦.୨୫ | ଦୈନିକ | ଶନି, ରବି, ସୋମ, ମଙ୍ଗଳ, ବୁଧ |
| ୦୬୦୮୫ | ଏର୍ଣ୍ଣାକୁଲମ୍ ଜଂ. | ପାଟନା ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୬୦୮୬ | ପାଟନା ଜଂ. | ଏର୍ଣ୍ଣାକୁଲମ୍ ଜଂ. | ୨୨.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୬୦୫୫ | ପୋଦାନୁର ଜଂ. | ବାରାଉନି ଜଂ. | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୬୦୫୬ | ବାରାଉନି ଜଂ. | ପୋଦାନୁର ଜଂ. | ୦୯.୦୯.୨୫ | ୦୨.୧୨.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୬୦୬୩ | କୋଏମ୍ବାଟୁର ଜଂ. | ଧାନବାଦ ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୬୦୬୪ | ଧାନବାଦ ଜଂ. | କୋଏମ୍ବାଟୁର ଜଂ. | ୨୨.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୧୬୬୭ | ରାଣୀ କମଳାପତି | ଦାନାପୁର | ୨୭.୦୯.୨୫ | ୦୧.୧୧.୨୫ | ଦ୍ୱି-ସାପ୍ତାହିକ | ଶନି, ମଙ୍ଗଳ |
| ୦୧୬୬୮ | ଦାନାପୁର | ରାଣୀ କମଳାପତି | ୨୮.୦୯.୨୫ | ୦୨.୧୧.୨୫ | ଦ୍ୱି-ସାପ୍ତାହିକ | ରବି, ବୁଧ |
| ୦୧୭୦୧ | ଜବଲପୁର | ଦାନାପୁର | ୨୬.୦୯.୨୫ | ୦୫.୧୧.୨୫ | ଦ୍ୱି-ସାପ୍ତାହିକ | ବୁଧ, ଶୁକ୍ର |
| ୦୧୭୦୨ | ଦାନାପୁର | ଜବଲପୁର | ୨୭.୦୯.୨୫ | ୦୬.୧୧.୨୫ | ଦ୍ୱି-ସାପ୍ତାହିକ | ଗୁରୁ, ଶନି |
| ୦୯୮୨୧ | ସୋଗାରିୟା | ଦାନାପୁର | ୨୭.୦୯.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୯୮୨୨ | ଦାନାପୁର | ସୋଗାରିୟା | ୨୯.୦୯.୨୫ | ୦୩.୧୧.୨୫ | ସାପ୍ତାହିକ | ରବିବାର |
| ୦୨୧୯୨ | ରେୱା | ରାଣୀ କମଳାପତି | ୨୭.୦୯.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୨୧୯୧ | ରାଣୀ କମଳାପତି | ରେୱା | ୨୭.୦୯.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୧୭୦୪ | ରେୱା | ଡା. ଆମ୍ବେଦକର ନଗର | ୨୭.୦୯.୨୫ | ୨୫.୧୦.୨୫ | ସାପ୍ତାହିକ | ଶନିବାର |
| ୦୧୭୦୩ | ଡା. ଆମ୍ବେଦକର ନଗର | ରେୱା | ୨୮.୦୯.୨୫ | ୨୬.୧୦.୨୫ | ସାପ୍ତାହିକ | ରବିବାର |
| ୦୯୦୫୯ | ଉଧନା ଜଂ. | ଖୋର୍ଦ୍ଧା ରୋଡ୍ ଜଂ. | ୦୧.୧୦.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୯୦୬୦ | ଖୋର୍ଦ୍ଧା ରୋଡ୍ ଜଂ. | ଉଧନା ଜଂ. | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୦୨୫ | ଭଲସାଡ଼ | ଦାନାପୁର | ୦୬.୧୦.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୯୦୨୬ | ଦାନାପୁର | ଭଲସାଡ଼ | ୦୭.୧୦.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୯୦୪୫ | ଉଧନା ଜଂ. | ପାଟନା ଜଂ. | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୦୪୬ | ପାଟନା ଜଂ. | ଉଧନା ଜଂ. | ୦୪.୧୦.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୯୦୦୭ | ଭଲସାଡ଼ | ଖଟିପୁରା | ୦୨.୧୦.୨୫ | ୩୦.୧୦.୨୫ | ସାପ୍ତାହିକ | ଗୁରୁବାର |
| ୦୯୦୦୮ | ଖଟିପୁରା | ଭଲସାଡ଼ | ୦୩.୧୦.୨୫ | ୩୧.୧୦.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୦୩୧ | ଉଧନା ଜଂ. | ଜୟନଗର | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୯୦୩୨ | ଜୟନଗର | ଉଧନା ଜଂ. | ୦୬.୧୦.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୯୩୪୩ | ଡା. ଆମ୍ବେଦକର ନଗର | ପାଟନା ଜଂ. | ୦୨.୧୦.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୯୩୪୪ | ପାଟନା ଜଂ. | ଡା. ଆମ୍ବେଦକର ନଗର | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୧୯୫ | ଭଦୋଦରା ଜଂ. | ମଉ | ୦୬.୧୦.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୯୧୯୬ | ମଉ | ଭଦୋଦରା ଜଂ. | ୦୭.୧୦.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୯୦୪୩ | ବାନ୍ଦ୍ରା ଟର୍ମିନସ୍ | ବରହନୀ | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୯୦୪୪ | ବରହନୀ | ବାନ୍ଦ୍ରା ଟର୍ମିନସ୍ | ୦୬.୧୦.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୯୧୧୭ | ଉଧନା ଜଂ. | ସୁବେଦାରଗଞ୍ଜ | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୧୧୮ | ସୁବେଦାରଗଞ୍ଜ | ଉଧନା ଜଂ. | ୦୪.୧୦.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୯୦୭୫ | ମୁମ୍ବାଇ ସେଣ୍ଟ୍ରାଲ | କାଠଗୋଦାମ | ୦୧.୧୦.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୯୦୭୬ | କାଠଗୋଦାମ | ମୁମ୍ବାଇ ସେଣ୍ଟ୍ରାଲ | ୦୨.୧୦.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୯୧୮୫ | ମୁମ୍ବାଇ ସେଣ୍ଟ୍ରାଲ | କାନପୁର ଅନୱରଗଞ୍ଜ | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୯୧୮୬ | କାନପୁର ଅନୱରଗଞ୍ଜ | ମୁମ୍ବାଇ ସେଣ୍ଟ୍ରାଲ | ୦୬.୧୦.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୯୦୩୯ | ଉଧନା ଜଂ. | ଧାନବାଦ ଜଂ. | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୦୪୦ | ଧାନବାଦ ଜଂ. | ଉଧନା ଜଂ. | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |

# ଭାରତୀୟ ରେଳ
www.indianrailways.gov.in
/RailMinIndia

ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୩/୨୦୨୫ Bhubaneswar, Tuesday, September 23/ 2025

# ଏଚ୍‌ଆଇଏଲ୍‌ରୁ ୟୁପି ରୁଦ୍ରାସ ଓହରିଲା

**ନୂଆଦିଲ୍ଲୀ,୨୨।୯(ପି.ଟି.):** ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଫ୍ରାଞ୍ଚାଇଜ ୟୁପି ରୁଦ୍ରାସ ସୋମବାର ପ୍ରତିଯୋଗିତାରୁ ଓହରିବାକୁ ନିଷ୍ପତ୍ତି ନେଇଛି। ଆର୍ଥିକ ସମସ୍ୟା ଯୋଗୁ ଲିଗ୍‌ରେ ଖେଳିବା ଜାରି ରଖିବା କଷ୍ଟକର ବୋଲି ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି।

ଲିଗ୍‌ରୁ ଓହରିବା ଆଦୌ ସହଜ ନିଷ୍ପତ୍ତି ନ ଥିଲା। ଭାରତୀୟ ହକି ଲାଗି ଏହି ଲିଗ୍ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଆମେ ବୁଝୁଛୁ, ହେଲେ ଆର୍ଥିକ ସମସ୍ୟା ଯୋଗୁ ଲିଗ୍ ଖେଳିବା ଜାରି ରଖିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ବର୍ତ୍ତମାନ ଆମର ଦାୟିତ୍ୱ ହେଉଛି, ଆମେ ସିଧାସଳଖ ସେଠାରେ ନିବେଶ କରିବୁ, ଯେଉଁଠାରେ ତାହାର ଦୀର୍ଘକାଳୀନ ପ୍ରଭାବ, ତୃଣମୂଳ ସ୍ତରରେ ଖେଳାଳିଙ୍କ ଉନ୍ନତି ହୋଇପାରିବ ବୋଲି ଟିମ୍ ଡାଇରେକ୍ଟର ସେଡ୍ରିକ୍ ଡି'ସୁଜା କହିଛନ୍ତି। ବର୍ତ୍ତମାନଠାରୁ ରୁଦ୍ରାସ ଭାରତରେ ହକିର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସ୍କୁଲ ଓ ସମ୍ପ୍ରଦାୟ ସ୍ତରରେ ଖେଳାଳିଙ୍କୁ ବାଛିବା ଓ ପ୍ରଶିକ୍ଷଣ ପ୍ରଦାନ ଏବଂ ଉନ୍ନତିମୂଳକ ପ୍ଲାଟଫର୍ମ ଯୋଗାଇବା ଦିଗରେ କାର୍ଯ୍ୟ କରିବ। ଭାରତୀୟ ହକି ଦଳର ଉପ ଅଧିନାୟକ ତଥା ୟୁପି ରୁଦ୍ରାସର ଷ୍ଟାର ଖେଳାଳି ହାର୍ଦ୍ଦିକ ସିଂ କହିଛନ୍ତି, ଏଚ୍‌ଆଇଏଲ୍‌ରେ ରୁଦ୍ରାସ ପକ୍ଷରୁ ପ୍ରତିନିଧିତ୍ୱ କରିବା ଏକ ସମ୍ମାନର ବିଷୟ।

# ଭାରତୀୟ ଦଳରେ ଓଡ଼ିଶାର ୩

**ନୂଆଦିଲ୍ଲୀ, ୨୨।୯ (ପି.ଟି.)**

## ଜୋହର କପ୍ ହକି

ଅକ୍ଟୋବର ୧୧ରୁ ମାଲେସିଆରେ ହେବାକୁଥିବା ସୁଲତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟ ପାଇଁ ସୋମବାର ଭାରତୀୟ ଦଳ ଘୋଷଣା ହୋଇଛି। ଡିଫେଣ୍ଡର ରୋହିତଙ୍କ ନେତୃତ୍ୱାଧୀନ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅନମୋଲ ଏକ୍କା, ଅଦ୍ରୋହିତ ଏକ୍କା ଓ ରୋସନ କୁଜୁର। ଏହା ବ୍ୟତୀତ ଓଡ଼ିଶାର ଆଉ ୨ ଖେଳାଳି ବିବେକ ଲାକ୍ରା ଓ ରୋହିତ କୁଲୁ ଷ୍ଟାଣ୍ଡବାଇରେ ରହିଛନ୍ତି। ଗତଥର ବ୍ରୋଞ୍ଜ ଜିତିଥିବା ଭାରତ ଏଥର ଉନ୍ନତ ଖେଳ ପ୍ରଦର୍ଶନ କରିବା ଲାଗି ଲକ୍ଷ୍ୟ ରଖିଛି। ଅକ୍ଟୋବର ୧୮ରେ ଶେଷ ହେବାକୁଥିବା ଏହି ଟୁର୍ନାମେଣ୍ଟ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ହେବାକୁଥିବା ଜୁନିୟର ବିଶ୍ୱକପ୍ ଲାଗି ପ୍ରସ୍ତୁତି ସକାଶେ ଭାରତ ପାଇଁ ଏହା ଏକ ସୁଯୋଗ। ଅକ୍ଟୋବର ୧୧ରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳି ଭାରତ ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ପରେ ଦଳ ଅକ୍ଟୋବର ୧୨ରେ ନ୍ୟୁଜିଲାଣ୍ଡକୁ ଭେଟିବ। ସେମାନେ ଅକ୍ଟୋବର ୧୪ରେ



ଜୋହର କପ୍ ହକି ପାଇଁ ମନୋନୀତ ଭାରତୀୟ ଦଳ।

ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଏବଂ ପରେ ଅକ୍ଟୋବର ୧୫ରେ ଅଷ୍ଟ୍ରେଲିଆ ସହିତ ଖେଳିବ। ଅକ୍ଟୋବର ୧୭ରେ ମାଲେସିଆ ବିପକ୍ଷରେ ଖେଳି ଭାରତ ଏହାର ରାଉଣ୍ଡ-ରବିନ ଅଭିଯାନ ଶେଷ କରିବ। ରାଉଣ୍ଡ ରବିନ ପର୍ଯ୍ୟାୟର ଶ୍ରେଷ୍ଠ ଦୁଇ ଦଳ ଅକ୍ଟୋବର ୧୮ରେ ଫାଇନାଲ ଖେଳିବେ। ଟୁର୍ନାମେଣ୍ଟ ଲାଗି ଭାରତର ପ୍ରସ୍ତୁତି ଖୁବ୍ ଭଲ ରହିଛି ବୋଲି କୋଚ୍ ପି.ଆର. ଶ୍ରୀଜେଶ ପ୍ରକାଶ କରିଛନ୍ତି। **ଭାରତୀୟ ଦଳ- ଗୋଲ୍‌କିପର:** ବିକ୍ରମଜିତ୍ ସିଂ, ପ୍ରିନ୍ସଦୀପ ସିଂ। **ଡିଫେଣ୍ଡର:** ରୋହିତ (ଅଧିନାୟକ), ଟାଲେମ ପ୍ରିୟବ୍ରତ, ଅନ୍‌ମୋଲ ଏକ୍କା, ଅମିର ଅଲି, ପି. ବି. ସୁନିଲ, ରବନୀତ ସିଂ। **ମିଡ୍‌ଫିଲ୍ଡର:** ଅଙ୍କିତ ପାଲ, ଥୋନାଓଜାମ ଇଙ୍ଗାଲେମ୍ବା ଲୁୱାଙ୍ଗ, ଆଦ୍ରୋହିତ୍ ଏକ୍କା, ଅରାଇଜିତ୍ ସିଂ ହୁଣ୍ଡାଲ, ରୋସନ କୁଜୁର, ମନମିତ୍ ସିଂ। **ଫରୱାର୍ଡ:** ଅର୍ଶଦୀପ ସିଂ, ସୌରଭ ଆନନ୍ଦ କୁସ୍ୱାହା, ଅଜିତ ଯାଦ, ଗୁରଜୋତ ସିଂ। **ଷ୍ଟାଣ୍ଡବାଇ:** ବିବେକ ଲାକ୍ରା, ଶର୍ଦାନନ୍ଦ ତିୱାରୀ, ଥୋକ୍‌ଚୋମ୍ କିଙ୍ଗସନ ସିଂ, ରୋହିତ କୁଲୁ, ଦିଲ୍‌ରାଜ ସିଂ।

# ଭାଗନେବେ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି

**ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)**

## ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର୍ ଅଲ୍‌ଓଡ଼ିଶା ଓପନ ଚେସ୍

ଚଳିତ ମାସ ୨୭ରୁ ୩୦ ପର୍ଯ୍ୟନ୍ତ ଫୁଲନଖରାସ୍ଥିତ କୁରାଙ୍ଗ ଶାସନ, ଆମ୍ରପଲ୍ଲୀ ରିସର୍ଟରେ ଭାଗ୍ୟଶ୍ରୀ ସ୍ମାରକୀ ପ୍ରଥମ ଏସ୍‌ଆର୍ ଅଲ୍ ଓଡ଼ିଶା ଓପନ ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ପାଇଁ ସୋମବାର ସୁଦ୍ଧା ୯୦ ଅନ୍ତର୍ଜାତୀୟ ରେଟେଡ ଖେଳାଳିଙ୍କ ସହ ୨୫୦ ନାମ ପଞ୍ଜୀକରଣ କରି ସାରିଛନ୍ତି। ତେଣୁ ଟୁର୍ନାମେଣ୍ଟ ବେଳକୁ ଏହି ସଂଖ୍ୟା ୩୦୦ ଅତିକ୍ରମ କରିବା ଏକପ୍ରକାର ନିଶ୍ଚିତ ବୋଲି ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ଟପସିଡ ରହିଛନ୍ତି। ଓମ୍ ଆଦିତ୍ୟ ଖାଡେଙ୍ଗା, ଲକ୍ଷ୍ମୀକାନ୍ତ ସାହୁ, ଲଳିତ ରଞ୍ଜନ ସାହୁ, ଶ୍ରୀହନ୍ନ ସାବତ, କାର୍ଜି ମନୀନ୍ଦ୍ର, ସଞ୍ଜୀବନ ନାୟକ, ରବୀନ୍ଦ୍ର କୁମାର ଓଝା, ମନୀଷ ମିଶ୍ର ଓ ସାଇ ଶକ୍ତି ପଣ୍ଡା ପ୍ରମୁଖ ପ୍ରଥମ ୧୦ ସିଡ୍ ମଧ୍ୟରେ ରହିଥିବା ସେ କହିଛନ୍ତି। ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘର ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର୍ ଚେସ୍ ସେଣ୍ଟର ଆୟୋଜନ କରିବ। ରାଜ୍ୟର ତୃଣମୂଳ ସ୍ତରରୁ ଲୁକ୍କାୟିତ ଚେସ୍ ପ୍ରତିଭା ଚିହ୍ନଟ ଓ ଖେଳାଳିଙ୍କୁ ଉତ୍ସାହିତ କରିବା ତଥା ସେମାନଙ୍କୁ ଅନ୍ତର୍ଜାତୀୟ ଫିଡେ ରେଟିଂ ପାଇବା ସହଜ କରିବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରତିଯୋଗିତା ପାଇଁ ୨,୦୦,୧୦୦ ଟଙ୍କା ଅର୍ଥ ପୁରସ୍କାର ସହ ୮୯ଟି ଆକର୍ଷଣୀୟ ଟ୍ରଫି ଓ ୫୪ଟି ପଦକ କୃତି ଖେଳାଳିମାନଙ୍କୁ ପୁରସ୍କାର ଆକାରରେ ଦିଆଯିବ। ୨ୟ ଓ ୩ୟ ଦିନ ଅପରାହ୍ଣରେ ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ବ୍ଲିଜ୍ (କ୍ଷୀପ୍ର ଚେସ୍) ପ୍ରତିଯୋଗିତା ହେବ ବୋଲି ଟୁର୍ନାମେଣ୍ଟର ମୁଖ୍ୟ ଆର୍ବିଟର ନୀହାର ରଞ୍ଜନ ସାସମଲ ପ୍ରକାଶ କରିଛନ୍ତି। ରାଜ୍ୟର ଯେକୌଣସି ଖେଳାଳି ୨୫ ତାରିଖ ରାତି ସୁଦ୍ଧା ପ୍ରବେଶିକା ଦେୟ ୧୦୦୦ଟଙ୍କା ଦେଇ ସିଧାସଳଖ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ୮ ରାଉଣ୍ଡ ଭିତ୍ତିକ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରୀୟ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଚାମ୍ପିୟନ ଓ ରନରଅପ୍ ଖେଳାଳିଙ୍କୁ ଯଥାକ୍ରମେ ୩୦,୦୦୦ ଓ ୨୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ସହ ସ୍ୱତନ୍ତ୍ର ଚେସ୍ ଟ୍ରଫି ଓ ପଦକ ପ୍ରଦାନ କରାଯିବ।

# ସ୍ୱର୍ଣ୍ଣ ଜିତିଲେ ଓଡ଼ିଶାର ଅନାହିତା

**ଭୁବନେଶ୍ୱର,୨୨।୯(ଅନାଦି କର)**

## ଫାରୋ ଇନଲାଇନ୍ ଫ୍ରିଷ୍ଟାଇଲ ୱାର୍ଲ୍ଡକପ

ଓଡ଼ିଶାର ଅନାହିତା ମିଶ୍ର ପର୍ତ୍ତୁଗାଲରେ ଚାଲିଥିବା ଫାରୋ ଇନଲାଇନ୍ ଫ୍ରିଷ୍ଟାଇଲ ୱାର୍ଲ୍ଡକପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ସେ କେବଳ ଭାରତର ନୁହେଁ, ବରଂ ଏସିଆର ପ୍ରଥମ ଆଥଲେଟ୍ ଭାବେ ଫ୍ରିଷ୍ଟାଇଲ ୱାର୍ଲ୍ଡକପରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୪ ବର୍ଷୀୟା ଅନାହିତା ୧୯ ବର୍ଷରୁ କମ୍ କାଟେଗୋରୀର ସ୍ପିଡ ସ୍ଲାଲମରେ ୪.୭୯୫ ସେକେଣ୍ଡରେ ରେସ ଫିନିଶ୍ କରିଛନ୍ତି, ଯାହାକି ଉଭୟ ସିନିୟର ଓ ଜୁନିୟର ମହିଳା ବିଭାଗରେ ଏକ ଜାତୀୟ ରେକର୍ଡ। ଫାଇନାଲରେ ସେ ୱାର୍ଲ୍ଡ ନଂ-୪ ସାନ ମାରିନୋର ମାଟିଲ୍‌ଡେ ଟେରେଞ୍ଜୋଙ୍କୁ ହରାଇ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ତାଙ୍କୁ ଟ୍ରଫି ସହ ୭,୫୦୦ ୟୁରୋ(ଭାରତୀୟ ମୁଦ୍ରାରେ ୭.୮୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ)ର ଆର୍ଥିକ ପୁରସ୍କାର ମିଳିଛି। ଏହି ଇଭେଣ୍ଟରେ ଇଟାଲୀର ମାଟିଲ୍‌ଡେ ମିନା ବ୍ରୋଞ୍ଜ ପଦକ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ୧୧ ଦେଶର ମୋଟ ୧୬୦ ସ୍କେଟର ଭାଗ ନେଇଥିଲେ। ଚଳିତ ବର୍ଷ ଏହା ଅନାହିତାଙ୍କର ତୃତୀୟ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ। ଏଥିପୂର୍ବରୁ ସେ ପୋଲାଣ୍ଡର କେଟ୍ରଜିନ ଓ ଫ୍ରାନ୍ସର ରେନେସଠାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆସନ୍ତା ୨ ତାରିଖରୁ ସ୍ପେନର ସିଉଡାଡ ରିୟଲଠାରେ ହେବାକୁ ଥିବା କ୍ୱିଜୋଟ ୱାର୍ଲ୍ଡ କପ୍‌ରେ ଭାଗ ନେବେ ଓ ଏଥିରେ ଭଲ ପ୍ରଦର୍ଶନ ସହ ପଦକ ଜିତିବା ଆଶା ରଖିଥିବା ସେ କହିଛନ୍ତି। ସେ ତାଙ୍କ ଟାଇମିଂରେ ଆହୁରି ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ଦିଲ୍ଲୀର ନୋଏଡାରେ ୨୦୧୧ରେ ଜନ୍ମିତ ଅନାହିତା ଏବେ ମାନବ ରଚନା ଇଣ୍ଟରନ୍ୟାଶନାଲ ସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ତାଙ୍କ ବାପା ସୌମ୍ୟାନ୍ୱେଶ ମିଶ୍ରଙ୍କ ପୈତୃକ ଘର କଟକରେ। ତାଙ୍କ ମା' ନାମ ସୁନନ୍ଦା ସାଙ୍ଗନେରିଆ।



ପୁରସ୍କାର ସହ ଅନାହିତା ମିଶ୍ର (ମଝି)।

# ସାଗରଙ୍କୁ ସ୍ୱର୍ଣ୍ଣ, ଗୋପେଙ୍କୁ ରୌପ୍ୟ

**ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)**

ରାଞ୍ଚିରେ ସୋମବାର ଆରମ୍ଭ ହୋଇଥିବା ୩୬ତମ ପୂର୍ବାଞ୍ଚଳ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଦିବସରେ ସାଗର ଏକ୍କା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ହାଇଜମ୍ପ ଇଭେଣ୍ଟରେ ୧.୯୦ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ସେହିପରି ସୂରଜ ଗୋପେ ରୌପ୍ୟ ପଦକ ଲାଭ କରିଛନ୍ତି। ଗୋପେ ୪୩.୪୪ ମିଟର ଡିସ୍‌କସ୍ ଥ୍ରୋ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୬୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

# ପାକିସ୍ତାନକୁ ହରାଇଲା ଭାରତ

**କଲମ୍ବୋ, ୨୨।୯: (ପି.ଟି.)**

ସାଉଥ ଏସିଆନ୍ ଫୁଟ୍‌ବଲ ଫେଡେରେଶନ (ସାଫ୍) ୧୭ବର୍ଷରୁ କମ୍ ଚାମ୍ପିୟନଶିପ୍‌ର ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି। ପରାଜିତ ଦଳର ମହମ୍ମଦ ଅବ୍‌ଦୁଲ୍ଲାଙ୍କ ବିବାଦୀୟ ସେଲିବ୍ରେଶନ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ଉଭୟ ଦଳ ସେମିଫାଇନାଲରେ ପ୍ରବେଶ କରିସାରିଥିବାରୁ ସୋମବାର ମ୍ୟାଚର ଫଳାଫଳ ନିରର୍ଥକ ଥିଲା। ଏହି ମ୍ୟାଚରେ ଭାରତ ତରଫରୁ ଦଲାଲମୁଅନ୍ ଗାଙ୍ଗ୍‌ଟେ (୩୧ତମ ମିନିଟ), ଗୁନ୍‌ଲିବା ୱାଙ୍ଗ୍‌କରାକ୍‌ପାମ୍ (୬୩ତମ) ଓ ରାହାନ ଅହମ୍ମଦ (୭୩ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ପାକିସ୍ତାନ ତରଫରୁ ଅବ୍‌ଦୁଲ୍ଲା (୪୩ତମ) ଓ ହାମ୍‌ଜା ୟାସିର (୭୦ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

# ବାରବାଟୀକୁ ଜୟ ସାହାଙ୍କୁ ନିମନ୍ତ୍ରଣ କଲେ ସଞ୍ଜୟ

**ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)**


ଜୟ ସାହାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଉଛନ୍ତି ସଞ୍ଜୟ ବେହେରା।

କଟକର ବାରବାଟୀ ଷ୍ଟାଡିୟମରେ ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି) ଅଧ୍ୟକ୍ଷ ଜୟ ସାହାଙ୍କୁ ନିମନ୍ତ୍ରଣ କରିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା। ଜୟ ସାହାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପାଇଁ ସଞ୍ଜୟ ଅହମଦାବାଦ ଯାଇଥିଲେ। ସେଠାରେ ସେ ଶୁଭେଚ୍ଛା ଜଣାଇବା ସହ ବାରବାଟୀ ଆସିବାକୁ ନିମନ୍ତ୍ରଣ କରିଛନ୍ତି ବୋଲି ଓସିଏ ସୂତ୍ରରୁ ପ୍ରକାଶ।




# ଡକ୍‌ୱର୍ଥରେ ପୁରୀ ଟାଇଟନ୍ସ ବିଜୟୀ

**ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)**

## ଓଡ଼ିଶା ପ୍ରୋ ଟି୨୦ ଲିଗ୍

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ସୋମବାର ଅନୁଷ୍ଠିତ ଏକ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ପୁରୀ ଟାଇଟନ୍ସକୁ ବିଜୟୀ ଘୋଷଣା କରାଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ଦଳ ୧୮ ଓଭରରେ ୭ ଉଇକେଟ ହରାଇ ୧୬୧ ରନ କରିଥିଲା। ଜବାବରେ ରାଉରକେଲା ଷ୍ଟିଲର୍ସ ୧୦.୪ ଓଭରରେ ୫ ଉଇକେଟ ହରାଇ ୫୧ ରନ କରିଥିବାବେଳେ ବର୍ଷା ଯୋଗୁ ଆଉ ମ୍ୟାଚ ସମ୍ଭବ ହୋଇ ନ ଥିଲା। ଫଳାଫଳ ପାଇଁ ଡକ୍‌ୱର୍ଥ ଲୁଇସ ନିୟମ ଅବଲମ୍ବନ କରାଯାଇଥିଲା। ଏଥିରେ ପୁରୀ ଟାଇଟନ୍ସକୁ ୪୫ ରନରେ ବିଜୟୀ ଘୋଷଣା କରାଯାଇଥିଲା। ଚଳିତ ଲିଗ୍‌ରେ ପୁରୀ ଦଳର ଏହା ହେଉଛି ଦ୍ୱିତୀୟ ବିଜୟ।

ବର୍ଷାକୁ ଲକ୍ଷ୍ୟରେ ରଖି ମ୍ୟାଚକୁ ୧୮ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁରୀ ଟାଇଟନ୍ସ ପକ୍ଷରୁ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଟପ୍ ଅର୍ଡରରେ ଶାନ୍ତନୁ ମିଶ୍ର ୧୦, ଅନୁରାଗ ଷଡ଼ଙ୍ଗୀ ୨୬ ଓ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୨୦ ରନ କରି ଆଉଟ ହୋଇଥିବାବେଳେ ମିଡିଲ ଅର୍ଡରରେ କାର୍ତ୍ତିକ ବିଶ୍ୱାଳ ୪୨ ଓ ରାଜେଶ ମହାନ୍ତି ୪୫ ରନକରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। କାର୍ତ୍ତିକ ୨୯ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୩ ଚୌକା ଓ ୧ ଛକା ମାରିଥିଲେ। ସେହିପରି ରାଜେଶ ୨୧ଟି ବଲ୍ ଖେଳି ନିଜ ଇନିଂସରେ ୨ ଚୌକା ଓ ୪ ଛକା ମାରିଥିଲେ। ରାଉରକେଲା ଦଳ ପକ୍ଷରୁ ପ୍ରଦୀପ ପ୍ରଧାନ ୩ଟି ଏବଂ ଆଶୁତୋଷ ମାରାଣ୍ଡି, ଜାମଳା ମହାପାତ୍ର, ବିଶ୍ୱଜିତ ପ୍ରଧାନ ଓ ସମ୍ବିତ ବରାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୬୨ ରନ ବିଜୟ ଲକ୍ଷ୍ୟରେ ରାଉରକେଲା ଷ୍ଟିଲର୍ସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୧୦.୪ ଓଭରରେ ସ୍କୋର ୫୧/୫ ଥିବାବେଳେ ବର୍ଷା ଓ ବଜ୍ରପାତ ଜନିତ କାରଣରୁ ଖେଳ ଦୀର୍ଘ ସମୟ ବାଧାପ୍ରାପ୍ତ ହେବାପରେ ଅମ୍ପାୟର ଖେଳ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲେ। ପୁରୀ ଦଳର ବୋଲରଙ୍କ ମଧ୍ୟରେ ମହମ୍ମଦ ଡାନିସ ୨ଟି ଏବଂ କାର୍ତ୍ତିକ ବିଶ୍ୱାଳ, ଆଶୁତୋଷ ଛୁରିଆ ଓ ସୁଶୀଲ ବାରିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କାର୍ତ୍ତିକ ବିଶ୍ୱାଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। କାର୍ତ୍ତିକଙ୍କୁ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପୁରସ୍କୃତ କରିଥିଲେ। ବିଜୟୀ ଦଳର ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କୁ ଓଡ଼ିଶା ରେସଲିଂ ଆସୋସିଏଶନ ସମ୍ପାଦକ କିଶୋର ବେହେରା ୱିନିଂ କ୍ୟାପ୍ ପ୍ରଦାନ କରିଥିଲେ।



ପୁରସ୍କାର ଗ୍ରହଣ ଅବସରରେ କାର୍ତ୍ତିକ ବିଶ୍ୱାଳ (ବାମ)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ